Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୧ ସଂଖ୍ୟା-୩୦ ୦୭ ଅଗଷ୍ଟ - ୧୩ ଅଗଷ୍ଟ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-30 07th August-13th August, 2017 BHUBANESWAR ₹ 5/- (8 Pages)




**ନୂଆଦିଲ୍ଲୀ/ବେଜିଂ :** ଭାରତ-ଭୁଟାନ ସହଯୋଗରେ ଡୋକଲାମ ବିବାଦର ସମାଧାନ ପନ୍ଥା ବାହାର କରିବା ଲାଗି ଆଲୋଚନା ଜାରି ରହିଛି। କିନ୍ତୁ ବେଜିଂ ପକ୍ଷରୁ କୁହାଯାଇଛି ଚୀନ୍‌ର ଧୈର୍ଯ୍ୟଚ୍ୟୁତି ଘଟିଲାଣି। ହେଲେ ଚୀନ୍ ସୋସିଆଲ ମିଡିଆରେ ଦିଆଯାଉଛି ଯୁଦ୍ଧ ପାଇଁ ଆହ୍ୱାନ।

### କାଶ୍ମୀର ଘାଟିକୁ ଅଶାନ୍ତ କରିବା ଲକ୍ଷ୍ୟ

## ଟେରର ଫଣ୍ଡିଂ କରୁଛି ପାକିସ୍ତାନ, ଇଂଲଣ୍ଡ



**ନୂଆଦିଲ୍ଲୀ :** ଭାରତରେ ଅସ୍ଥିରତା ସୃଷ୍ଟି କରିବା ଏବଂ କାଶ୍ମୀର ଘାଟିରେ ହିଂସାତ୍ମକ କାର୍ଯ୍ୟ ବଢ଼ାଇବା ପାଇଁ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନମାନଙ୍କ ଠାରୁ ପାଣ୍ଠି ସଂଗ୍ରହ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା ହୋଇଛି। ଟେରର ଫଣ୍ଡିଂ କରୁଥିବା ଦେଶ ଭିତରେ ରହିଛନ୍ତି ପାକିସ୍ତାନ ଓ ଇଂଲଣ୍ଡ। ଆତଙ୍କବାଦ ପାଇଁ ଅର୍ଥ ପାକିସ୍ତାନ ଓ ଲଣ୍ଡନରୁ ଆସୁଥିବା ନେଇ ଏନ୍‌ଆଇଏ ଦ୍ୱାରା ଗିରଫ ହୋଇଥିବା ବିଚ୍ଛିନ୍ନତାବାଦୀ ଓ ହୁରିଆତ ନେତାଙ୍କୁ ଜେରା କରିବା ପରେ ଜଣାପଡିଛି। ➤ ପୃ-୭

### ସନ୍ଦେହରେ ବିକାଶ ନେଇ ମହାମିଳନ

## ବିଜେପି ବାଟରେ କଣ୍ଟା ପଡୁଛି !



**ଭୁବନେଶ୍ୱର :** ରାଜ୍ୟ ରାଜନୀତିରେ ଦିନକୁଦିନ ନୂଆ ସମୀକରଣର ଦୃଶ୍ୟ ଦେଖିବାକୁ ମିଳୁଛି। ଚରମ ଶତ୍ରୁର ମିତ୍ରତା ଆଚରଣ ଓ ମିଳିମିଶି ବିକାଶ ପ୍ରସଙ୍ଗରେ ଆଲୋଚନା ଭଳି ରୋଚକ ଖବର ସମସ୍ତଙ୍କୁ ଚକିତ କରୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ଗତ ବୁଧବାର ଦିନ। ସଚିବାଳୟରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ପ୍ରକୋଷ୍ଠରେ ପ୍ରବେଶ କରିଥିଲେ ତାଙ୍କର ଚିର ରାଜନୈତିକ ଶତ୍ରୁ ତଥା ପ୍ରତିଦ୍ୱନ୍ଦ୍ୱୀ ବରିଷ୍ଠ କଂଗ୍ରେସ ନେତା ଯୁଧିଷ୍ଠିର ସାମନ୍ତରାୟ। ପିପିଲି ଅଞ୍ଚଳର ଏହି ଦୁଇ ତୁଙ୍ଗ ନେତା ଦୀର୍ଘ ସମୟ ହସଖୁସିରେ କଥା ହେବା ଘଟଣା ଦଳୀୟ କର୍ମୀ ଓ ନେତାଙ୍କ ମନରେ ବିସ୍ମୟ ଭରିଦେଇଛି। ➤ ପୃ-୭


REAL DEVELOPERS AND CONSTRUCTION LTD.™
A Member of 'NAREDCO'
(A Part of Real Group of Companies)
JAS-ANZ
ISO 9001-2008

A relatively young, Professionaly Managed & Highly committed team to redefine the Real Estate Business by using the Technological Advantages & Latest Construction methods / Systems and Services of the highest Standard.

True Relationship, Real Happiness...

BDA APPROVED BDO

PLOTTING PROJECTS & PRICES

| SL. NO. | PROJECT NAME | PROJECT CODE | MOUZA / LOCATION | SCHEME | PRICE Per sqft. (in Rs.) |
|---|---|---|---|---|---|
| 1. | ARYA VIHAR -I (A) | RDCL-P-01 | **Mouza : DAKHIN MUNDA MUHAN** Gopalpur, Near to NH-5 (Opp.to C.V. Raman Engg. College) B.D.A Yellow Zone) | Only outright purchase (Residential Plotted Scheme) | Rs.575/- |
| | ARYA VIHAR -I (B) | RDCL-P-02 | **Mouza : DAKHIN MUNDA MUHAN** Gopalpur, Near to NH-5 (Opp.to C.V. Raman Engg. College) B.D.A Yellow Zone) | Only outright purchase (Residential Plotted Scheme) | Rs.285/- |
| 2. | ARYA VIHAR -II (A) | RDCL-P-03 | **Mouza : URRARA MUNDA MUHAN** Near to NH-5 Opp.C.V.Raman Engg. College) B.D.A. Yellow Zone) | Only outright purchase (Residential Plotted Scheme) Home Stead Land | Rs.670/- |
| | ARYA VIHAR -II (B) | RDCL-P-04 | **Mouza : URRARA MUNDA MUHAN** Near to NH-5 Opp.C.V.Raman Engg. College) B.D.A. Yellow Zone) | Only outright purchase (Residential Plotted Scheme) | Rs.475/- |
| 3. | ADARSH VIHAR | RDCL-P-05 | **Mouza : HAJA** Near Jankia, Khurdha (Farm House Projecet) | Only outright purchase (Residential Plotted Scheme) | Rs.35/- |
| 4. | ANANT VIHAR-I | RDCL-P-06 | **Mouza : BEGUNIA BARAHI** (Near C.V. Raman Engg.College) | Only outright purchase (Residential Plotted Scheme)Only | Rs.369/- |
| 5. | ANANT VIHAR-II(A) | RDCL-P-07 | **Mouza : PANDIAPADA** (Near C.V. Raman Engg.College) | Only outright purchase (Residential Plotted Scheme) | Rs.550/- |
| | ANANT VIHAR-II(B) | RDCL-P-08 | **Mouza : PANDIAPADA** (Near C.V. Raman Engg.College) | Only outright purchase (Residential Plotted Scheme) | Rs.458/- |
| 6. | ANANT VIHAR - III | RDCL-P-09 | **Mouza : NANPUT** (Near C.V. Raman Engg.College) | Only outright purchase (Residential Plotted Scheme) | Rs.359/- |
| 7. | MOON CITY | RDCL-P-10 | **Mouza : KUHA** Sundarpada Finance Available | Only outright purchase (Residential Plotted Scheme) Home Stead Land | Rs.740/- |
| 8. | SURYA VIHAR | RDCL-P-11 | **Mouza-BEGUNIA** (Near Dumduma) Finance Available | Only outright purchase (Residential Plotted Scheme) Home Stead Land | Rs.1914/- |
| 9. | REAL ANANT VIHAR-(A) | RDCL-P-12 | **Mouza-NAKHARA** (Behind Hyundai Showroom), BDA Zone | Only outright purchase (Residential Plotted Scheme) Home Stead Land | Rs.1487/- |
| | REAL ANAT VIHAR- (B) | RDCL-P-13 | **Mouza-NAKHARA** (Behind Hyundai Showroom), BDA Zone | Only outright purchase (Residential Plotted Scheme) | Rs.1417/- |
| 10. | REAL RESIDENCY (Duplex Plotting-A) | RDCL-P-14 | **Mouza-PATRAPADA** Kalyan Nagar, Back Side of Indian Oil Petrol Pump (B.D.A. Yellow Zone) | Only outright purchase (Residential Plotted Scheme) Home Stead Land | Rs.2595/- |
| | REAL RESIDENCY (Simplex Plotting-B) | RDCL-P-15 | **Mouza-BHAGABANPUR** Near ACC Redimix (B.D.A. Yellow Zone) | Only outright purchase (Residential Plotted Scheme) Home stead Land | Rs.1763/- |
| 11. | STARCITY | RDCL-P-16 | **Mouza-PRADHANSAHI** Sundarpada, Jatni Road | Only outright purchase (Residential Plotted Scheme) Home Stead Land | Rs.858/- |
| 12. | OM VIHAR | RDCL-P-17 | **Mouza-ANANTPUR** 1km from Nakhara Crossing | Only outright purchase (Residential Plotted Scheme) Home Stead Land | Rs.1200/- |
| 13. | LAKHESWAR VIHAR - (A) | RDCL-P-18 | **Mouza-JOHALA** Back Sode of Apex Engg. College, (B.D.A. Yellow Zone) | Only outright purchase (Residential Plotted Scheme) Home Stead Land | Rs.1350/- |
| | LAKHESWAR VIHAR - (B) | RDCL-P-19 | | Non Home Stead Land (Residential Plotted Scheme) (BDA Yellow ZOne) | Rs.1300/- |
| 14. | GREEN CITY | RDCL-P-20 | **Mouza-ARILO & ARADIAPADA** Near D.P.S. | Only outright purchase (Residential Plotted Scheme) | Rs.500/- |
| 15. | SADASIV NAGAR | RDCL-P-21 | **Mouza-BAGALPUR** 12km from Nakhara Corssing, connected to Adaspur Road. | Only outright purchase (Residential Plotted Scheme) Home Stead Land | Rs.650/- |

* Registration Fees Extra, As per Govt. Valuation

Branch Offices

Instation

Delta
Plot No.-988,Nilima complex, Delta Square, Khandagiri, Bhubaneswar, Khordha, Odisha
Email:info_delta@realdevelopers.co.in

Satya Nagar
Plot No.-200/1294, Satyanagar, Bhubaneswar, Dist :-Khordha, Odisha
Email :info_satyanagar@realdevelopers.co.in

Kharvela Nagar
S.C.R-14, Kharvela Nagar, Unit-3, Bhubaneswar, Khordha-751001, Odisha
Email :info_knagar@realdevelopers.co.in

Kapila Prasad
H.I.G-1/60, Ground Floor, Kapila Prasad B.D.A. Colony, Bhubaneswar, Dist :-Khordha-751002, Odisha
Email :info_kprasad@realdevelopers.co.in

Outstation

Berhampur
Apsari Nilaya, Baidyanath Nagar, Lane-2, Brahampur, Ganjam, Pin-760001, Odisha
Email:info_berhampur@realdevelopers.co.in

Dhenkanal
Amalapada, Dhenkanal Odisha
Email :info_dhenkanal@realdevelopers.co.in

Cuttack
Nuapada, Nayabazar, Madhupatna (Near Nua Bazaar Chowk), Cuttack Odisha, Pin-753004
Email :info_cuttack@realdevelopers.co.in

Kolkata
33-F, Raja Naba Krishna Street, kolkata-700005
Mob :-09831602750
Email :info_kolkata@realdevelopers.co.in

ADDRESS

Corp Off.: # 43, First Floor, Saheed Nagar, Bhubaneswar - 751007, Dist-Khordha, Odisha, India
Phone : 0674-2549532, E-mail : info_corporateoffice@realdevelopers.co.in
Regd. Off.: #A5/30, Indira Gandhi Co-Op. Housing Colony, Lingipur, P.O-Sisupalgarh
P.S.-Lingaraj, Bhubaneswar - 751002, Dist : Khordha, Odisha, India, Ph : 0674-2343265
E-mail : rdcl@realdevelopers.co.in, Web : www.realgroupofcompanies.co.in


## ନିଆଁ ନେଉଛି ଜୀବନ

### ଶୋଇଥିଲେ, ଜଳିଗଲେ ୫; ବର୍ଷେ ମଧ୍ୟରେ ୩୧



**ଭୁବନେଶ୍ୱର :** ପ୍ରାଚୁର୍ଯ୍ୟ ଯେ ଜୀବନକୁ ବଞ୍ଚାଇ ପାରେନି ଏହାର ସଦ୍ୟତମ ଉଦାହରଣ ହେଉଛି ଗତ ଗୁରୁବାର ରାଜଧାନୀର ବୁଦ୍ଧେଶ୍ୱରୀ କଲୋନୀରେ ଘଟିଥିବା ଏକ ଭୟାବହ ଅଗ୍ନିକାଣ୍ଡ ଘଟଣା। ଯେଉଁଥିରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅ, ବୋହୂ, ନାତି, ନାତୁଣୀଙ୍କ ସମେତ ତାଙ୍କ ଘରେ ସହାୟିକା ଭାବେ କାର୍ଯ୍ୟ କରୁଥିବା ଜଣେ ନିରୀହ ବାଳିକାଙ୍କ ଜୀବନ ପ୍ରଦୀପ ଲିଭିଗଲା। ପାଲହାଇଟ୍‌ସ ମାଲିକ ସତପାଲ ସିଂଙ୍କ ଘରେ ଏଭଳି ଦୁଃଖଦ ଘଟଣାଟିଏ ଘଟିଯିବା ସମଗ୍ର ରାଜଧାନୀବାସୀଙ୍କୁ ସ୍ତବ୍ଧ କରିଦେଇଛି। ବିପୁଳ ସମ୍ପତ୍ତିର ଅଧିକାରୀ ସତ୍‌ପାଲଙ୍କ ସାନପୁଅ ଗଗନ ପାଲଙ୍କ ସଂସାର ଶେଷ ହୋଇଯାଇଛି। ଅତ୍ୟାଧୁନିକ ଢାଞ୍ଚାରେ ନିର୍ମିତ ବିଶାଳ ପ୍ରାସାଦ ମଧ୍ୟରେ ରହୁଥିବା ଗଗନଙ୍କ ସଂସାର ଯେ ନିଆଁ ଲାଗି ଜଳିଯିବ ଏହା କେହି ଭାବି ପାରୁନାହାନ୍ତି। ସଟ୍‌ସର୍କିଟ୍‌ରୁ ନିଆଁ ଲାଗି ଘର ସାରା ଧୂଆଁ ଭର୍ତ୍ତି ହୋଇଯିବା ଫଳରେ ୨ଟି କୋଠରୀରେ ଶୋଇଥିବା ୫ଟି ଅମୂଲ୍ୟ ଜୀବନ ଅକାଳରେ ଚାଲିଯାଇଛି। ସେନ୍‌ସର ଲକ୍ ଯୋଗୁଁ ମୃତକମାନେ କୋଠାରୀ ଭିତରୁ ପଦାକୁ ବାହାରି ନପାରିବାରୁ ସହଜରେ ନିଆଁ ଆଁରେ ପଡିଗଲେ। ➤ ପୃ-୭

## ମୃତ୍ୟୁ ପଞ୍ଜୀକରଣ ପାଇଁ ବାଧ୍ୟତାମୂଳକ 'ଆଧାର'



**ନୂଆଦିଲ୍ଲୀ :** ମୃତ୍ୟୁ ପଞ୍ଜୀକରଣ ବେଳେ ଚିହ୍ନଟ ଜାଲିଆତି ରୋକିବା ପାଇଁ ଗୃହ ମନ୍ତ୍ରଣାଳୟ ଆଧାର ନମ୍ବର ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଆବେଦନବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆଧାରକାର୍ଡ ନମ୍ବର ଉଲ୍ଲେଖ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)। ଏହି ନୂଆ ବ୍ୟବସ୍ଥା ଆସନ୍ତା ଅକ୍ଟୋବର ୧ରୁ ଲାଗୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ/ ଉତ୍ତରାଧିକାରୀ କିମ୍ବା ଦାବିଦାରମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟର ସତ୍ୟତା ସ୍ପଷ୍ଟ ଜଣାପଡ଼ିବ। ଫଳରେ ମୃତବ୍ୟକ୍ତିଙ୍କ ପରିଚୟ ଜାଲିଆତିକୁ ମଧ୍ୟ ରୋକିହେବ। ଏହା ଫଳରେ ମୃତ ବ୍ୟକ୍ତିଙ୍କ ପରିଚୟ ବିବରଣୀ ମଧ୍ୟ ନଥିପତ୍ରରେ ସଂରକ୍ଷିତ ରହିପାରିବ। ଆଧାର ନମ୍ବର ଦାଖଲ ଦ୍ୱାରା ମୃତ୍ୟୁ ପ୍ରମାଣପତ୍ର ହାସଲ କରିବାକୁ ଆବଶ୍ୟକ ପଡୁଥିବା ଏକାଧିକ ତଥ୍ୟର ଆବଶ୍ୟକତା ମଧ୍ୟ ଆଉ ପଡ଼ିବ ନାହିଁ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନ୍ମ / ମୃତ୍ୟୁ ପଞ୍ଜୀକରଣ କରୁଥିବା ସଂସ୍ଥାଗୁଡ଼ିକ ନୂତନ ନିର୍ଦ୍ଦେଶକୁ ଅନୁଧ୍ୟାନ କରି ୨୦୧୭ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ମତାମତ ଜଣାଇବାକୁ ବିଜ୍ଞପ୍ତିରେ କୁହାଯାଇଛି। ➤ ପୃ-୭

### ୧୦୭ ପୌରାଞ୍ଚଳରେ ଜଳିବ ଏଲ୍‌ଇଡି ଲାଇଟ୍

## ବାର୍ଷିକ ସଞ୍ଚୟ ହେବ ୬୦% ଅର୍ଥ




**ଭୁବନେଶ୍ୱର :** ଯୋଜନା ଓ ଘୋଷଣା ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ଆସନ୍ତା ବର୍ଷକ ମଧ୍ୟରେ ରାଜ୍ୟର ୧୦୭ଟି ପୌରାଞ୍ଚଳର ରାସ୍ତାକଡ଼ରେ ଥିବା ଷ୍ଟ୍ରିଟ୍ ଲାଇଟ୍‌ରେ ସୋଡ଼ିୟମ୍ ବଲ୍‌ବ ପରିବର୍ତ୍ତେ ଝଲସିବ ଏଲ୍‌ଇଡି ଲାଇଟ୍। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସହରର ବତିଖୁଣ୍ଟରେ ଏଲ୍‌ଇଡି ଲାଇଟ୍ ଲଗାଇବା ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ ଏବେ ଛୋଟ ସହରରେ ମଧ୍ୟ ଏପରି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏଥିପାଇଁ ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଇଇଏସ୍‌ଏଲ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ ଯେ 'ଉନ୍ନତି' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ସମସ୍ତ ପୌରାଞ୍ଚଳରେ ସହରାଞ୍ଚଳର ଭିତ୍ତିଭୂମି ନିର୍ମାଣ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଚଳିତବର୍ଷ ନଗର ଉନ୍ନୟନ କାର୍ଯ୍ୟ ପାଇଁ ବଜେଟ୍‌ରେ ୪୪୯୨ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା। ➤ ପୃ-୭


EVOS BUILDCON PVT.LTD.
Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from N.H., Petrol Pump
Sqft/3200
Construction will Start from March 2017
Member Of AFORD
State Bank of India
Finance Available
3200/- Sq.ft
27-40 Lakhs
Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near Jagasara, BDA Housing Project
www.evos.co.in
Mob.: 9438383699, 9040051152


### ଘରୋଇ ହସ୍ପିଟାଲରେ ସରକାରୀ ଡାକ୍ତରଙ୍କ ଚିକିତ୍ସା ପ୍ରସଙ୍ଗ

## ସ୍ୱାସ୍ଥ୍ୟ ସଚିବଙ୍କୁ ମଗାଗଲା ରିପୋର୍ଟ

**କଟକ :** ସରକାରୀ ଡାକ୍ତରଙ୍କୁ ଘରୋଇ ଚିକିତ୍ସା ପାଇଁ ଦିଆଯାଇଥିବା ସର୍ତ୍ତମୂଳକ ଅନୁମତିକୁ ଉଲ୍ଲଂଘନ କରୁଥିବା ଡାକ୍ତରଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସମ୍ପର୍କରେ ଏକମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ମାନବାଧିକାର କମିଶନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିବା ଅନୁମତି ସମ୍ପର୍କରେ ତଦନ୍ତ ହୋଇଛି କି ନାହିଁ ସେ ସମ୍ପର୍କରେ ରିପୋର୍ଟରେ ସ୍ପଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଆ ଯୁବମଞ୍ଚର ସଭାପତି ରୋହନ ମହାନ୍ତିଙ୍କ ପକ୍ଷରୁ ଏ ନେଇ ଆଗତ ମାମଲାର ଶୁଣାଣି କରି ➤ ପୃ-୭

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି। ଗୃହରେ ଅଶାନ୍ତି ଦେଖାଦେଇପାରେ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ପରିବାରରେ ଶାନ୍ତି ବଜାୟ ରହିବ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭବାନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ପରିବାରରେ ଶାନ୍ତି ବଜାୟ ରହିବ। ଏଣୁ ଏ ସପ୍ତାହ ଭଲରେ ବିତିବ।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସର୍ବାଧିକ ଭୂକମ୍ପପ୍ରବଣ ତାଲିକାରେ ନାହିଁ ଓଡ଼ିଶା



**ନୂଆଦିଲ୍ଲୀ :** ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଦେଶର ୨୯ଟି ସହର ସର୍ବାଧିକ ଭୂମିକମ୍ପ ପ୍ରବଣ ବୋଲି ଜାତୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର (ଏନ୍‌ସିଏସ୍) ସୂତ୍ରରୁ ଜଣାପଡ଼ିଛି। ଏହି ସହରଗୁଡ଼ିକ ମଧ୍ୟରେ ୯ଟି ରାଜ୍ୟର ରାଜଧାନୀ ମଧ୍ୟ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ସ୍ଥାନଗୁଡ଼ିକ ହିମାଳୟ ସନ୍ନିକଟସ୍ଥ ଅଞ୍ଚଳ ହୋଇଥିବାରୁ ଏଭଳି ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ବିବେଚିତ ହେଉଛି। ହିମାଳୟ ପାର୍ବତ୍ୟାଞ୍ଚଳ ବିଶ୍ୱରେ ସର୍ବାଧିକ ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ପରିଚିତ। ଯେଉଁ ସହରଗୁଡ଼ିକ ଏହି ପର୍ଯ୍ୟାୟରେ ଆସୁଛି, ସେଗୁଡ଼ିକ ହେଲା ଦିଲ୍ଲୀ, ପାଟନା (ବିହାର), ଶ୍ରୀନଗର (ଜମ୍ମୁ-କଶ୍ମୀର), କୋହିମା (ନାଗାଲାଣ୍ଡ), ପୁଡୁଚେରୀ, ଗୁଆହାଟୀ (ଆସାମ), ଗ୍ୟାଙ୍ଗଟକ୍ (ସିକ୍କିମ୍), ସିମ୍ଲା (ହିମାଚଳ ପ୍ରଦେଶ), ଡେରାଡୁନ୍ (ଉତ୍ତରାଖଣ୍ଡ), ଇମ୍ଫାଲ (ମଣିପୁର) ଓ ଚଣ୍ଡୀଗଡ। ଏହି ସହରଗୁଡ଼ିକ ଭୂକମ୍ପ ଜୋନ୍ ୪ ଓ ୫ ପର୍ଯ୍ୟାୟରେ ଆସୁଛି। ଏହି ସହରଗୁଡ଼ିକର ଜନସଂଖ୍ୟା ମିଶି ୩ କୋଟିରୁ ଅଧିକ ହେବ। ଏନ୍‌ସିଏସ୍‌ର ନିର୍ଦ୍ଦେଶକ ବିନିଥ୍ ଗୌହଲାଟ୍ କୁହନ୍ତି, ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦେଶର ବିଭିନ୍ନ ଅଞ୍ଚଳକୁ ଜୋନ୍- ୨ରୁ ଜୋନ୍-୫ ପର୍ଯ୍ୟନ୍ତ ପର୍ଯ୍ୟାୟଭୁକ୍ତ କରିଛନ୍ତି। ଏହି ଅଞ୍ଚଳରେ ଭୂମିକମ୍ପର ରେକର୍ଡ, କ୍ଷୟକ୍ଷତି ଏବଂ ଟେକ୍ଟୋନିକ୍ ପ୍ରତିକ୍ରିୟା ପ୍ରଭୃତିକୁ ବିଚାର କରି ଏଭଳି ପର୍ଯ୍ୟାୟଭୁକ୍ତ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଅଧୀନରେ ଏନ୍‌ସିଏସ୍ କାର୍ଯ୍ୟ କରୁଛି ଏବଂ ଭୂମିକମ୍ପ ସମ୍ପର୍କରେ ରେକର୍ଡ ସଂଗ୍ରହ କରୁଛି। ଜୋନ୍-୨କୁ ଭୂକମ୍ପ ଦୃଷ୍ଟିରୁ ଅତି ନିମ୍ନ ପର୍ଯ୍ୟାୟ ଭାବରେ ବିଚାର କରାଯାଏ। ଏହି ଜୋନ୍‌ରେ ଆସୁଥିବା ଅଞ୍ଚଳଗୁଡ଼ିକରେ ସେତେ ଭୂମିକମ୍ପ ଅନୁଭୂତ ହୁଏ ନାହିଁ। କିନ୍ତୁ ଜୋନ୍-୫ରେ ଆସୁଥିବା ଅଞ୍ଚଳଗୁଡ଼ିକ ସର୍ବାଧିକ ଭୂମିକମ୍ପ ପ୍ରବଣ। ତେବେ ଜୋନ୍-୪ ଓ ୫ ଗୁରୁତରରୁ ଅତି ଗୁରୁତର ପର୍ଯ୍ୟାୟଭୁକ୍ତ। ଜୋନ୍ -୫ରେ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ଆସୁଥିଲା ବେଳେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡର କିଛି ଅଂଶ, ଗୁଜରାଟର ରାନ୍ ଅଫ୍ କଚ୍ଛ, ଉତ୍ତର ବିହାରର କିଛି ଅଂଶ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଆସୁଛି। ତେବେ ଜୋନ୍-୪ରେ ଜମ୍ମୁ-କଶ୍ମୀରର କେତେକ ଅଂଶ, ଦିଲ୍ଲୀ, ସିକ୍କିମ୍, ଉତ୍ତରପ୍ରଦେଶରେ ଉତ୍ତରାଞ୍ଚଳ, ପଶ୍ଚିମବଙ୍ଗ, ଗୁଜରାଟ ଏବଂ ମହାରାଷ୍ଟ୍ରର ଅଳ୍ପ କିଛି ଭାଗ ଆସୁଛି। ଜୋନ୍-୪ ଓ ୫ ମଝାମଝି ଅଞ୍ଚଳରେ ରହୁଛି ଭୁଜ୍, ଚଣ୍ଡୀଗଡ, ଅମ୍ବାଲା, ଅମୃତସର, ଲୁଧିଆନା ଓ ରୁର୍‌କି। ସ୍ମରଣଯୋଗ୍ୟ ଯେ, ୨୦୦୧ରେ ଗୁଜରାଟର ଭୁଜ୍ ଅଞ୍ଚଳରେ ବଡ଼ ଧରଣର ଭୂମିକମ୍ପ ହେବାରୁ ୨୦,୦୦୦ ଲୋକ ପ୍ରାଣ ହରାଇଥିଲେ। ଭୂମିକମ୍ପ ବିଶାରଦ ତଥା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁରୁର ପ୍ରଫେସର କେ ରାଜେନ୍ଦ୍ରନ କୁହନ୍ତି, ଏହି ତାଲିକାରେ ଆସୁଥିବା ସହରଗୁଡ଼ିକ ଅଧିକ ଜନବହୁଳ ଅଞ୍ଚଳ ଭାବେ ପରିଚିତ। ଏହି ପରିପ୍ରେକ୍ଷୀରେ ଆର୍ଥ ସାଇନ୍ସ ମନ୍ତ୍ରଣାଳୟର ସଚିବ ଏମ୍ ରାଜୀବନ୍ କହିଛନ୍ତି, ଆସନ୍ତା ମାର୍ଚ୍ଚ ସୁଦ୍ଧା ଦେଶରେ ୩୧ଟି ନୂଆ ଭୂମିକମ୍ପ ପର୍ଯ୍ୟବେକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏବେ ଦେଶରେ ୮୪ଟି ପର୍ଯ୍ୟବେକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି।

## ଚଣ୍ଡିଗଡର ହର୍ଷିତଙ୍କୁ ଗୁଗୁଲ୍‌ରେ ବାର୍ଷିକ ୧.୪୪ କୋଟି ଦରମା



**ଚଣ୍ଡିଗଡ଼ :** ଚଣ୍ଡିଗଡରେ ରହୁଥିବା ୧୬ ବର୍ଷୀୟ ହର୍ଷିତ୍ ଶର୍ମାଙ୍କୁ ଗୁଗଲ କମ୍ପାନୀ ଡିଜାଇନିଂ ପାଇଁ ମନୋନୀତ କରିଛି। ଦ୍ୱାଦଶ ପାଶ୍ କରିଥିବା ହର୍ଷିତ୍ ଅଗଷ୍ଟରେ ଏହି ନୂଆ ନିଯୁକ୍ତି ପାଇଁ ଆମେରିକା ଗସ୍ତ କରିବେ। ସେ ଗୁଗୁଲରେ ବାର୍ଷିକ ୧.୪୪ କୋଟି ଟଙ୍କାର ଚାକିରି ପାଇଛନ୍ତି। ସେ ଗୁଗୁଲ୍‌ର ଗ୍ରାଫିକ୍ ଡିଜାଇନ୍ ବିଭାଗରେ କାମ କରିବେ। ସେ ହେଉଛନ୍ତି ଚଣ୍ଡିଗଡର ସରକାରୀ ମଡେଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର। ପ୍ରାରମ୍ଭିକ ପର୍ଯ୍ୟାୟରେ ହର୍ଷିତଙ୍କୁ ଗୁଗୁଲ୍ ୧୨ ମାସର ତାଲିମ ପ୍ରଦାନ କରିବ। ତାଲିମ ସମୟରେ ତାଙ୍କୁ ମାସିକ ୪ଲକ୍ଷ ଟଙ୍କାର ଷ୍ଟାଇପେଣ୍ଡ ମିଳିବ। ଏହାପରେ ମାସକୁ ୧୨ଲକ୍ଷ ଟଙ୍କାର ବେତନ ମିଳିବ। ଗୁଗୁଲ୍‌ରେ ଚାକିରି ପାଇଥିବାରୁ ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି।

## ଝେଲମ୍ ଓ ଚେନାବ୍ ନଦୀରେ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିବ ଭାରତ

**ୱାଶିଂଟନ :** ୧୯୬୦ର ସିନ୍ଧୁ ନଦୀ ଜଳ ଚୁକ୍ତି ଅନୁଯାୟୀ ଝେଲମ୍ ଓ ଚେନାବ୍ ନଦୀରେ ଭାରତ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିପାରିବ ବୋଲି ବିଶ୍ୱବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି। ସିନ୍ଧୁ ନଦୀ ଜଳ ଚୁକ୍ତି ସମ୍ପର୍କରେ ଭାରତ ଓ ପାକିସ୍ତାନର ସଚିବ ସ୍ତରରେ ୱାଶିଂଟନରେ ଚାଲିଥିବା ଆଲୋଚନା ଆଜି ସରିବା ପରେ ବିଶ୍ୱବ୍ୟାଙ୍କ ଏହା ଘୋଷଣା କରିଛି। ଏହା ଫଳରେ ଭାରତ କିସନଗଙ୍ଗା ଓ ର୍ୟାଟ୍‌ଲ ପ୍ରକଳ୍ପ ନିର୍ମାଣ କରିବ। ଆସନ୍ତା ମାସରେ ଦୁଇ ଦେଶ ମଧ୍ୟରେ ଆଉ ଏକ ପର୍ଯ୍ୟାୟ ଆଲୋଚନା ହେବ ବୋଲି ସ୍ଥିର ହୋଇଛି। ୩୩୦ ମେଗାୱାଟ୍ ବିଶିଷ୍ଟ କିସନଗଙ୍ଗା ଏବଂ ୮୫୦ ମେଗାୱାଟ୍ ବିଶିଷ୍ଟ ର୍ୟାଟ୍‌ଲ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣକୁ ପାକିସ୍ତାନ ବିରୋଧ କରି ଆସୁଥିଲା। ଜମ୍ମୁ-କଶ୍ମୀରରେ ଏହି ୨ଟି ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରାଯିବ। ଗତ ମାର୍ଚ୍ଚ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘ ୨ ବର୍ଷ ପରେ ଲାହୋରରେ ଆଲୋଚନା ହୋଇଥିଲା। କିନ୍ତୁ କମିଶନ ବୈଠକ ପ୍ରତି ବର୍ଷ ବସିବାକୁ ଥିଲା ବେଳେ ୨ ବର୍ଷ ଧରି ବୈଠକ ବସିନଥିଲା। ଏଠାରେ ବିଶ୍ୱବ୍ୟାଙ୍କ ସଦର ଦପ୍ତରରେ ୨ ଦିନ ଧରି ଭାରତ ଓ ପାକିସ୍ତାନର ସଚିବ ସ୍ତରରେ ଆଲୋଚନା ଚାଲିଥିଲା। ପାକିସ୍ତାନ ପକ୍ଷରୁ ଜଳ ଓ ଶକ୍ତି ସଚିବ ୟୁସୁଫ୍ ନସିମ୍ ଖୋଖର ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲା ବେଳେ ଭାରତ ପକ୍ଷରୁ ଜଳ ସମ୍ପଦ ମନ୍ତ୍ରଣାଳୟର ସଚିବ ଅମରଜିତ୍ ସିଂହଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିନିଧି ଦଳରେ ବୈଦେଶିକ ମନ୍ତ୍ରଣାଳୟର ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ। ୧୯୬୦ରେ ୬ଟି ନଦୀ ବେୟାସ୍, ରାବୀ, ସତ୍‌ଲେଜ୍, ସିନ୍ଧୁ, ଚେନାବ୍ ଓ ଝେଲମ୍ ନଦୀକୁ ନେଇ ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

## ମୋଦିଙ୍କୁ ରୋକିବା ଅସମ୍ଭବ : ନୀତିଶ

**ପାଟନା :** ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ଯୋଡି ଭାରତୀୟ ଜନତା ପାର୍ଟିରେ କ୍ଷମତାଶୀଳ ହେବା ପରେ ଦଳର ନିର୍ବାଚନୀ ସଫଳତା ବିସ୍ତାର ପାଇଁ ବଡ ଯୋଜନା କରିଥିଲେ। ସେମାନେ କଂଗ୍ରେସ ମୁକ୍ତ ଭାରତ କରିବା ପାଇଁ ନାରା ଦେଇଆସୁଛନ୍ତି। ସେ ଦିଗରେ ଭାଜପା ଅଗ୍ରସର ହେଉଛି। କାରଣ ୬୭ ପ୍ରତିଶତ ଜନସଂଖ୍ୟା ଏବେ ଭାଜପା କିମ୍ବା ଭାଜପା ସମର୍ଥିତ ଶାସନ ଧାରାରେ ଅଛନ୍ତି। ଏକଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘୋର ବିରୋଧ କରୁଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବେ ତାଙ୍କର ବଡ଼ ପ୍ରଶଂସକ ସାଜିଛନ୍ତି। ବିଜେପି ସହଯୋଗରେ ମୁଖ୍ୟମନ୍ତ୍ରୀ ଗାଦି ସୁଦୃଢ଼ କରିବା ପରେ ନୀତୀଶ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନରେ ମୋଦି ବହୁମତ ହାସଲ କରି ପୁଣି ସରକାର ଗଢ଼ିବେ। ଏଥିରେ କୌଣସି ଦ୍ୱିମତ ନାହିଁ। ତାଙ୍କୁ କେହି ଆଉ ଚ୍ୟାଲେଞ୍ଜ କରିପାରିବେ ନାହିଁ। ନୀତୀଶ କୁମାର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ତାଙ୍କର ଏ ପ୍ରକାର ପଦକ୍ଷେପକୁ ସମାଲୋଚନା ହେଉଥିବା ପରିପ୍ରେକ୍ଷୀରେ ନୀତୀଶ କହିଛନ୍ତି, "ମୁଁ ମୋର କାର୍ଯ୍ୟ ଏବଂ ସରକାରର ବିଭିନ୍ନ କାର୍ଯ୍ୟକ୍ରମ ବଳରେ ସମସ୍ତ ସମାଲୋଚକଙ୍କୁ ଭୁଲ୍ ବୋଲି ପ୍ରମାଣିତ କରିବି।"

### ଟାର୍ଗେଟ ୨୦୧୯ ନିର୍ବାଚନ

ଆର୍‌ଜେଡି ନେତା ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପରିବାର ବିରୋଧରେ ଦୁର୍ନୀତି ମାମଲାରେ ସିବିଆଇର ଚଢ଼ଉ ପରିପ୍ରେକ୍ଷୀରେ ସେ କାହିଁକି ପଦକ୍ଷେପ ନ ନେଇ ନୀରବ ରହୁଥିଲେ ବୋଲି ହେଉଥିବା ସମାଲୋଚନାକୁ ଖଣ୍ଡନ କରିବାକୁ ଯାଇ ନୀତୀଶ କୁମାର କହିଛନ୍ତି, "ଲାଲୁ ଦୁର୍ନୀତି ଅଭିଯୋଗ ଉପରେ କୌଣସି ସ୍ପଷ୍ଟୀକରଣ ଦେଲେ ନାହିଁ। ତେଣୁ ମୁଁ କିପରି ନୀରବ ରହିଥାନ୍ତି?" ଦୁର୍ନୀତିକୁ ସେ ଆଦୌ ବରଦାସ୍ତ କରିବେ ନାହିଁ ବୋଲି ପୁନର୍ବାର ଦୃଢ଼ୋକ୍ତି କରିଛନ୍ତି। ନୀତିଶଙ୍କ ମୁହଁରୁ ଏପରି ଶବ୍ଦ ଆସିବା ବଡ ତାତ୍ପର୍ଯ୍ୟପୂର୍ଣ୍ଣ। କାରଣ ୨୦୧୩ ଜୁନ୍ ମାସରେ ରାଜନୈତିକ ନିରପେକ୍ଷତା ଦେଖାଇ ନୀତିଶ ଭାଜପା ସହ ଜେଡିୟୁର ଥିବା ୧୭ ବର୍ଷ ସମ୍ପର୍କକୁ କାଟିଦେଇଥିଲେ। ଯେତେବେଳେ ମୋଦିଙ୍କୁ ୨୦୧୪ ଲୋକସଭା ନିର୍ବାଚନ ପାଇଁ ଭାଜପା ନିଜ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ସେଇଦିନ ଠାରୁ ସେ ମୋଦି ବିରୋଧୀ ଚେହେରା ବନିଯାଇଥିଲେ। କେବେ ବି ମୋଦିଙ୍କ ଭାଜପା ପାଖକୁ ଫେରିବି ନାହିଁ ବୋଲି ନୀତିଶ ସେତେବେଳେ କହିଥିଲେ। ତେଣୁ କଂଗ୍ରେସ, ବାମଦଳ ଓ ଅନ୍ୟାନ୍ୟ ମୋଦି ବିରୋଧୀ ଦଳମାନଙ୍କ ଆଗରେ ନୀତିଶ ତ୍ରାଣକର୍ତ୍ତା ଭାବେ ଉଭା ହୋଇଥିଲେ। ତାଙ୍କୁ ୨୦୧୯ରେ ମିଳିତ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯିବ ବୋଲି ଏକରକମ ଧାରଣା ଜନ୍ମିସାରିଥିଲା। ହେଲେ ଜୁଲାଇ ୨୬ ତାରିଖର ଘଟଣା ସବୁକିଛି ବଦଳାଇ ଦେଇଛି।

## ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍‌ରୁ ଧରାପଡିବେ ଟ୍ୟାକ୍ସ ଚୋର

**ନୂଆଦିଲ୍ଲୀ :** ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଭଳି ସୋଶାଆଲ ସାଇଟ୍‌ରେ ଉପରେ ଏବେ ଟିକସ ବିଭାଗ କଡା ନଜର ରଖିଛି। କେନ୍ଦ୍ର ସରକାର ଆସନ୍ତା ମାସରୁ ବ୍ୟାଙ୍କ ଭଳି ପାରମ୍ପରିକ ସ୍ରୋତ ସହ ବିଭିନ୍ନ ସୋଶାଆଲ ମିଡିଆ ସାଇଟ୍‌ଗୁଡିକରୁ ମଧ୍ୟ ତଥ୍ୟ ହାସଲ କରିବେ। ଲୋକେ ସାଧାରଣତଃ ଛୁଟି କଟାଇବା ତଥା ବିଦେଶ ଭ୍ରମଣ ଆଦିର ଫଟୋଗୁଡିକୁ ସୋଶାଆଲ ମିଡିଆରେ ପୋଷ୍ଟ କରିଥାନ୍ତି। ସେମାନଙ୍କ ଉକ୍ତ ଫଟୋ ଏବେ ସେମାନଙ୍କୁ ସମସ୍ୟାରେ ପକାଇପାରେ। କାରଣ ସରକାର ସୋଶାଆଲ ମିଡିଆରୁ ତଥ୍ୟ ସଂଗ୍ରହ କରି ଲୋକଙ୍କ ଖର୍ଚ୍ଚ ଓ ଜୀବନଶୈଳୀକୁ ତାଙ୍କ ଦ୍ୱାରା ଘୋଷିତ ଆୟ ସହ ମେଳ ଖୁଆଇବେ। ଏହାଦ୍ୱାରା ଟିକସ ଅଧିକାରୀ କମ୍ ଟିକସ ଦେଉଥିବା ଲୋକମାନଙ୍କ କାର୍ଯ୍ୟାଳୟ କିମ୍ବା ଘରେ ଚଢଉ ନକରି ପ୍ରକୃତ ସତ୍ୟ ଜାଣିପାରିବେ। ଏହାଛଡା ଟିକସ ଅଧିକାରୀମାନଙ୍କ ଉତ୍ପୀଡନକୁ ମଧ୍ୟ ରୋକାଯାଇପାରିବ କାରଣ ସେମାନଙ୍କର କରଦାତାଙ୍କ ସହ ସିଧାସଳଖ ଦେଖା ହେବ ନାହିଁ। ବେଲ୍‌ଜିୟମ, କାନାଡା ଓ ଅଷ୍ଟ୍ରେଲିଆ ଭଳି ଦେଶ ପୂର୍ବରୁ ଟିକସ ଚୋରି ଭଳି ଘଟଣାକୁ ଧରିବା ଲାଗି ବିଗ୍ ଡାଟାର ବ୍ୟବହାର କରୁଛନ୍ତି। ଭାରତରେ ବର୍ତ୍ତମାନ ପର୍ଯ୍ୟନ୍ତ ଟେକ୍ନୋଲୋଜି ଅଭାବରୁ ଏହା ସମ୍ଭବ ହେଉନଥିଲା। ତେବେ ୧୦୦୦ କୋଟି ଟଙ୍କା ବ୍ୟୟରେ ଗତ ୭ ବର୍ଷରେ ପ୍ରସ୍ତୁତ ପ୍ରୋଜେକ୍ଟ ଇନ୍‌ସାଇଟ୍ ଏବେ ବିଶ୍ୱର ସର୍ବବୃହତ୍ ବାୟୋମେଟ୍ରିକ୍ ଡାଟାବେସ୍ ଏବଂ ବର୍ତ୍ତମାନ ଏହା ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିକସ ସୁଧାର ପ୍ରକ୍ରିୟାରେ ସହଯୋଗ କରିବ। ଏହା ଟିକସ ବେସ୍ ବଢାଇବା ନେଇ ସରକାରଙ୍କ ଯୋଜନାକୁ ମଧ୍ୟ ସଫଳ କରିବାରେ ସହଯୋଗ କରିବ। ପ୍ରୋଜେକ୍ଟ ଇନ୍‌ସାଇଟ୍ କାର୍ଯ୍ୟକାରୀ ହେଲେ ଟିକସ ନିୟମରେ ଅନୁପାଳନ ୩୦ରୁ ୪୦% ବୃଦ୍ଧି ପାଇବ। ଏହି ସମୟରେ କ୍ରେଡିଟ୍ କାର୍ଡ ଖର୍ଚ୍ଚ, ପ୍ରପର୍ଟି ଓ ସେୟାରରେ ନିବେଶ, ନଗଦ ଅର୍ଥ କାରବାର ଓ ବ୍ୟାଙ୍କରେ ଜମା ଅର୍ଥ ଆଦି ସହ ଜଡିତ ତଥ୍ୟକୁ ନୂଆ ସିଷ୍ଟମରେ ଟ୍ରାନ୍ସଫର କରାଯିବ। ଏହାପରେ ଲୋକଙ୍କ ଖର୍ଚ୍ଚ ଓ ସେମାନଙ୍କ ଘୋଷିତ ଆୟ ମଧ୍ୟରେ ମେଳ ଖୁଆଯିବ। ମେଳ ନଖାଇବା ସ୍ଥିତିରେ ଉକ୍ତ ବ୍ୟକ୍ତିଙ୍କୁ ଏକ କେନ୍ଦ୍ରୀୟ ଟିମ୍ ନୋଟିସ୍ କିମ୍ବା ଇମେଲ୍ ପଠାଇ ଟିକସ ଡିକ୍ଲାରେସନ ଫାଇଲ କରିବାକୁ କହିବେ। ଏହି ପ୍ରକ୍ରିୟାର ୨ ପର୍ଯ୍ୟାୟ ଡିସେମ୍ବରରୁ ଆରମ୍ଭ ହେବ ଯାହାପରେ ଡାଟା ବିଶେଷଜ୍ଞ ସୂଚନା ଏକତ୍ରୀତ କରି ଏହାର ଯାଞ୍ଚ କରିବେ। ପରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ସ୍ପେଣ୍ଡିଂ ପ୍ରୋଫାଇଲ ପ୍ରସ୍ତୁତ କରାଯାଇ ସେମାନଙ୍କୁ ପଚରାଉଚୁରା କରାଯିବ।

## ଆସିବ ନୂଆ ନୀଳ ରଙ୍ଗର ୫୦ ଟଙ୍କିଆ

**ନୂଆଦିଲ୍ଲୀ :** ଗତବର୍ଷ ରିଜର୍ଭ ବ୍ୟାଙ୍କ ପ୍ରଥମ ଥର ପାଇଁ ଗୋଲାପି ରଙ୍ଗର ୨୦୦୦ ଟଙ୍କିଆ ଏବଂ ପଥୁରିଆ ଧୂସର ରଙ୍ଗର ୫୦୦ ଟଙ୍କିଆ ନୋଟ୍ ଆଣିବା ପରେଏବେ ନୀଳ ରଙ୍ଗର ନୂଆ ୫୦ ଟଙ୍କିଆ ନୋଟ୍ ଆଣିବାକୁ ଯାଉଛନ୍ତି। ନୂଆକରି ଡିଜାଇନ ହୋଇଥିବା ୫୦ ଟଙ୍କିଆ ନୋଟ୍‌ରେ କଳା ଧୂସର ରଙ୍ଗର ମହାତ୍ମା ଗାନ୍ଧୀଙ୍କ ଛବି ରହିବ। ଉକ୍ତ ନୋଟ୍‌ର ପଛ ପାର୍ଶ୍ୱରେ ଦକ୍ଷିଣ ଭାରତୀୟ ମନ୍ଦିରର ଡିଜାଇନ ରହିବ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ୨୦୧୬ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ କହିଥିଲା ଯେ ଖୁବ୍‌ଶୀଘ୍ର ଆମେ ନୂଆ ୨୦ ଟଙ୍କିଆ ଏବଂ ୫୦ ଟଙ୍କିଆ ନୋଟ୍ ଆଣିବୁ। ତେବେ ଏବେ ପ୍ରଚଳିତ ୨୦ ଟଙ୍କିଆ ଏବଂ ୫୦ ଟଙ୍କିଆ ନୋଟ୍ ମଧ୍ୟ ବଜାରରେ ଚାଲିବ। ଉଲ୍ଲେଖନୀୟ ଯେ, ଜଣେ ନିରକ୍ଷଣ ବ୍ୟକ୍ତି ଯେଭଳି ବିଭିନ୍ନ ମୂଲ୍ୟର ଟଙ୍କାକୁ ସହଜରେ ଚିହ୍ନିପାରିବ ସେଥିପାଇଁ ଟଙ୍କାର ରଙ୍ଗରେ ଭିନ୍ନତା ରଖାଯାଇଥାଏ। ଏତଦ୍‌ବ୍ୟତୀତ ନୋଟ୍‌ର ପଛପଟେ ସାଧାରଣତଃ ଭାରତର ସଂସ୍କୃତି, ଐତିହ୍ୟକୁ ପ୍ରଦର୍ଶିତ କରୁଥିବା କିମ୍ବା ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଭାରତ ହାସଲ କରିଥିବା ଅଗ୍ରଗତିର ଛବି ଛପାଯାଇଥାଏ। ଉଦାହରଣ ସ୍ୱରୂପ ଗତବର୍ଷ ଅଣାଯାଇଥିବା ନୂଆ ୨୦୦୦ ଟଙ୍କିଆ ନୋଟ୍‌ର ପଛପଟେ ମଙ୍ଗଳାୟନ ଅଭିଯାନର ଛବି ଛପା ଯାଇଥିବା ବେଳେ ୫୦୦ ଟଙ୍କିଆ ନୋଟ୍‌ର ପଛପଟେ ଲାଲକିଲ୍ଲାର ଛବି ରଖାଯାଇଛି। ଏବେ ଦେଶରେ ପ୍ରଚଳିତ ୫୦ ଟଙ୍କିଆ ନୋଟ୍‌ଟି ଗୋଲାପି ଏବଂ ବାଇଗଣୀ ରଙ୍ଗରେ ଛପାଯାଇଛି। ଉକ୍ତ ନୋଟ୍‌ରେ ଭାରତୀୟ ସଂସଦର ଛବି ରହିଛି। ମିଳିଥିବା ସୂଚନା ଅନୁଯାୟୀ ନୂଆକରି ଆସିବାକୁ ଥିବା ୫୦ ଟଙ୍କିଆ ନୋଟ୍ ଦେଶରେ ରିଜର୍ଭ ବ୍ୟାଙ୍କର କେତୋଟି ରାଜ୍ୟରେ ପହଞ୍ଚି ସାରିଲାଣି।

# ଚାଷୀ ଆତ୍ମହତ୍ୟାର କାରଣ; ତାପମାତ୍ରା ବୃଦ୍ଧି !

**ନୂଆଦିଲ୍ଲୀ :** ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ଭାରତର ଚାଷୀକୂଳ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ଏହାଯୋଗୁଁ ଗତ ୩୦ ବର୍ଷ ଭିତରେ ଦେଶରେ ୫୯,୦୦୦ ଜଣ ଚାଷୀ ଆତ୍ମହତ୍ୟା କରିଥିବା ଜଣାପଡିଛି। ତାପମାତ୍ରା ବୃଦ୍ଧି ଯୋଗୁ ମରୁଡି ହେବା, ବାରମ୍ବାର ବାତ୍ୟା ହେବା, ଜଳ ସଙ୍କଟ ଦେଖାଦେବା ଏବଂ ଫସଲହାନୀ ଆଦି ଘଟୁଥିବାରୁ ଚାଷୀମାନେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇ ନିଜର ଜୀବନ ହାରି ଦେଉଛନ୍ତି। ବ୍ରିଟେନ ସ୍ଥିତ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସର କିଛି ଗବେଷକଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। ଭାରତର ନ୍ୟାସନାଲ କ୍ରାଇମ ରେକର୍ଡସ ବ୍ୟୁରୋ ଦ୍ୱାରା ୧୯୬୭ରୁ ୨୦୧୩ ମସିହା ମଧ୍ୟରେ ଆତ୍ମହତ୍ୟା କରିଥିବା ଚାଷୀଙ୍କ ସମ୍ପର୍କରେ ସଂଗୃହୀତ ତଥ୍ୟ ସହ ଦେଶରେ ଫସଲ ଉତ୍ପାଦନ ଏବଂ ତାପମାତ୍ରାରେ ଆସୁଥିବା ପରିବର୍ତ୍ତନ ଉପରେ ଅଧ୍ୟୟନ କରି ସେମାନେ ଏହି ମତ ଦେଇଛନ୍ତି। ଗବେଷକ ଦଳର ନେତୃତ୍ୱ ନେଉଥିବା ଟାମା କାରଲେଟନ କହିଛନ୍ତି, ଭାରତରେ କୃଷିକାର୍ଯ୍ୟ ଜୋର ଧରିଥିଲା ବେଳେ ତାପମାତ୍ରା ବୃଦ୍ଧି ଘଟିଲେ, ସେହି ଅନୁପାତରେ ଚାଷୀଙ୍କ ଦ୍ୱାରା ଆତ୍ମହତ୍ୟା ଘଟଣା ବି ବୃଦ୍ଧି ପାଇଥାଏ। ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ଥିଲା ବେଳେ ତା'ପରେ ସେଥିରେ ଗୋଟିଏ ଡିଗ୍ରୀ ସେଲସିୟସ ବୃଦ୍ଧି ଘଟିଲେ ଦେଶରେ ୬୭ଜଣ ଚାଷୀ ଆତ୍ମହତ୍ୟା କରୁଛନ୍ତି। ୨୦୫୦ ମସିହା ସୁଦ୍ଧା ଭାରତରେ ତାପମାତ୍ରା ତିନି ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଚାଷୀ ମୃତ୍ୟୁହାର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ଭାରତରେ ପ୍ରତିବର୍ଷ ଚାଷ କାର୍ଯ୍ୟ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ, ଘନଘନ ବାତ୍ୟା ଆଦି ଯୋଗୁଁ ପ୍ରଭାବିତ ହୋଇଥାଏ। ମାତ୍ର ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ଜଳବାୟୁରେ ଯେପରି ପରିବର୍ତ୍ତନ ଆସୁଛି, ତାହା ଯୋଗୁଁ ଚାଷ କାର୍ଯ୍ୟ ଆହୁରି ଅଧିକ ମାତ୍ରାରେ ପ୍ରଭାବିତ ହେଉଛି। ସେହିପରି ଭାରତରେ ଅଧିକାଂଶ ଚାଷୀ ପ୍ରାକୃତିକ ଜଳସ୍ରୋତ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି। ତେଣୁ ଜଳସଙ୍କଟ ଦେଖାଦେଲେ ସେମାନେ ସବୁଠୁ ଅଧିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। କ୍ରାଇମ୍ ରେକର୍ଡସ ବ୍ୟୁରୋ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୨୦୧୫ ମସିହାରେ ୧୨,୬୦୨ ଜଣ ଚାଷୀ ଆତ୍ମହତ୍ୟା କରିଥିଲା ବେଳେ ସେମାନଙ୍କ ମଧ୍ୟରୁ ୫୦% ଋଣବୋଝ ଯୋଗୁ ଅଥବା ଆର୍ଥିକ ଦୃଷ୍ଟିରୁ ଦେବାଳିଆ ହୋଇ ଆତ୍ମହତ୍ୟା କରିଥିଲେ। ଫସଲ ହାନୀ, ଠିକ୍ ସମୟରେ କ୍ଷତିପୂରଣ ନମିଳିବା, ସାହୁକାରଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ସେମାନେ ଏପରି ପଦକ୍ଷେପ ନେଉଛନ୍ତି। ଅଧିକାଂଶ ଚାଷୀ ଫସଲ ପାଇଁ ବ୍ୟବହୃତ କୀଟନାଶକ ପିଇ ଆତ୍ମହତ୍ୟା କରୁଥିବାର ଜଣାପଡିଛି। ଏହି କୀଟନାଶକ ସହଜରେ ଉପଲବ୍ଧ ହେଉଥିବାରୁ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଉଛି। ଏହା ଉପରେ ପ୍ରତିକ୍ରିୟା ଦେଇ ମହାନ କୃଷି ବୈଜ୍ଞାନିକ ଏମ୍ ଏସ ସ୍ୱାମୀନାଥନ କହିଛନ୍ତି ଯେ ଅଧିକାଂଶ ଚାଷୀ ଆର୍ଥିକ ସମସ୍ୟାରେ ପଡି ଜୀବନ ହାରୁଛନ୍ତି। ତେଣୁ ଏପରି ଘଟଣା ରୋକିବାକୁ ଉପଯୁକ୍ତ ଫସଲ ବୀମା ପ୍ରଚଳନ କରିବା ସହିତ ଠିକ୍ ସମୟରେ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ।





EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



Bhubaneswar, 07th August - 13th August, 2017
ଭୁବନେଶ୍ୱର, ୦୭ ଅଗଷ୍ଟ - ୧୩ ଅଗଷ୍ଟ, ୨୦୧୭

## ରେଳରେ ଯାତ୍ରୀ ଚାହିଁଲେ ଖାଦ୍ୟ ଅର୍ଡର : ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର :** ଏଣିକି ଟ୍ରେନ୍‌ରେ ସଂରକ୍ଷିତ ଟିକଟ ନେଇ ଯାତ୍ରା କରିବା ସମୟରେ ଯାତ୍ରୀଙ୍କୁ ଖାଦ୍ୟ ପାଇଁ ଅର୍ଥ ଦେବା ବାଧ୍ୟତାମୂଳକ ହେବ ନାହିଁ। ଯାତ୍ରୀ ଚାହିଁଲେ ଟ୍ରେନ୍ ଭିତରେ ଖାଦ୍ୟ ଅର୍ଡର କରି ପାରିବେ। ଅର୍ଥାତ୍ ଖାଦ୍ୟ ଅର୍ଡର ନକଲେ ଯାତ୍ରା ଟିକଟ ଦେୟ ଅପେକ୍ଷାକୃତ ହ୍ରାସ ପାଇବ। ରେଳ ମନ୍ତ୍ରାଳୟର ଏହି ନିଷ୍ପତ୍ତିକୁ ପୂର୍ବତଟ ରେଳପଥ ପକ୍ଷରୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ୧୨୨୭୭/୧୨୨୭୮ ପୁରୀ-ହାୱଡ଼ା-ପୁରୀ ଏକ୍ସପ୍ରେସ୍ ଓ ୧୨୨୮୧/୧୨୨୮୨ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ଦୂରନ୍ତ ଏକ୍ସପ୍ରେସ୍‌ରେ ଏହି ନିୟମ ଆସନ୍ତା ୬ ମାସ ପାଇଁ ଲାଗୁ କରାଯାଇଛି। ବିଭାଗୀୟ ସୂତ୍ରରୁ ହସ୍ତଗତ ସୂଚନା ଅନୁସାରେ ପୂର୍ବରୁ କିଛି ଟ୍ରେନ୍‌ରେ ଟିକଟ ବୁକ୍ କରିବା ସମୟରେ ଖାଦ୍ୟ ପାଇଁ ଅର୍ଥ ଦେବା ବାଧ୍ୟତାମୂଳକ ରହିଥିଲା। ଫଳରେ ଅନିଚ୍ଛା ସତ୍ତ୍ୱେ ଯାତ୍ରୀମାନେ ଖାଦ୍ୟ ପାଇଁ ଅର୍ଥ ଦେଉଥିଲେ। ଅନେକ ସମୟରେ ଟ୍ରେନ୍‌ରେ ମିଳୁଥିବା ପାଣ୍ଟ୍ରିକାର୍ ଖାଦ୍ୟର ମାନକୁ ନେଇ ଅଭିଯୋଗ ଆସୁଛି। ଏପରିସ୍ଥଳେ ଦେଶର ବିଭିନ୍ନ ପ୍ରାନ୍ତରେ କିଛି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ର ଯାତ୍ରୀଙ୍କ ପାଇଁ ଏହି ନିୟମ କୋହଳ କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ଉପରୋକ୍ତ ଦୁଇ ଟ୍ରେନ୍‌ରେ ଏହି ନିୟମ ପରୀକ୍ଷାମୂଳକ ଭାବେ ଲାଗୁ କରାଯାଇଛି। ନିୟମ ଅନୁସାରେ ଏହି ଦୁଇ ଟ୍ରେନ୍‌ରେ ଟିକଟ ବୁକ୍ କରିବା ସମୟରେ ଯାତ୍ରୀ ନିଜ ସଂରକ୍ଷଣ ଫର୍ମରେ ଦର୍ଶାଇବେ ଯେ ଯାତ୍ରା ସମୟରେ ଆଇଆରସିଟିସି ପକ୍ଷରୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ନେବାକୁ ଚାହୁଁଛନ୍ତି ନା ନାହିଁ। ଏହାଦ୍ୱାରା କେତେ ଟ୍ରେନ୍‌ର କେତେ ଯାତ୍ରୀ ଖାଦ୍ୟ ଆବଶ୍ୟକ କରୁଛନ୍ତି ତାହା ସ୍ପଷ୍ଟ ହୋଇଯିବ। କିନ୍ତୁ ଥରେ ଖାଦ୍ୟ ନ ନେବା ପାଇଁ ସ୍ପଷ୍ଟ କରିବା ପରେ ଆଉ ତାହା ବଦଳି ପାରିବ ନାହିଁ। ତେବେ ଅଗଷ୍ଟ ୧ ତାରିଖ ପୂର୍ବରୁ ଯେଉଁ ଯାତ୍ରୀ ଟିକଟ ବୁକ୍ କରିଛନ୍ତି ସେମାନଙ୍କୁ ପୂର୍ବ ନିୟମ ଅନୁସାରେ ଖାଦ୍ୟ ପରଷା ଯିବ।

## ସାରଥୀଙ୍କୁ ଜାମିନ୍; ଯାଇପାରିବେନି ବାରିମୂଳ

**କଟକ :** ସନ୍ତୋଷ ରାଉଳ ଓରଫ ସାରଥୀ ବାବାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କ୍ରାଇମବ୍ରାଞ୍ଚ୍ ପକ୍ଷରୁ ବାବାଙ୍କ ବିରୋଧରେ ରୁଜୁ ମାମଲାରେ ତାଙ୍କୁ ଜାମିନ ମିଳିଛି। ବାବା କେନ୍ଦ୍ରାପଡ଼ାର ବାରିମୂଳରେ ଥିବା ତାଙ୍କ ଆଶ୍ରମ ଯିବେନାହିଁ କି ଜେଲରୁ ମୁକୁଳିବାବେଳେ କୌଣସି ଶୋଭାଯାତ୍ରା ହେବ ନାହିଁ ବୋଲି ଅଦାଲତ ସର୍ତ୍ତ ରଖିଛନ୍ତି। ସେହିପରି ଭାବେ ବାବା ମଧ୍ୟ କୌଣସି ସଭା ସମିତିରେ ଉଦବୋଧନ ଦେବେ ନାହିଁ ବୋଲି ବିଚାରପତି ସି.ଆର୍ ଦାସ ନିର୍ଦ୍ଦେଶ ଦେଇଛନ୍ତି। ସାରଥୀ ବାବା ଯେଉଁଠାରେ ରହିବେ ସେ ସମ୍ପର୍କରେ ତଦନ୍ତକାରୀ ଅଧିକାରୀଙ୍କୁ ସବିଶେଷ ତଥ୍ୟ ଦେବେ। ଆବଶ୍ୟକ ପଡ଼ିଲେ ବାବାଙ୍କୁ ମଧ୍ୟ ସୁରକ୍ଷା ଦେବାକୁ ଅଦାଲତ କହିଛନ୍ତି। ତେବେ ଏହି ମାମଲାରେ ନିମ୍ନ ଅଦାଲତ ଆବଶ୍ୟକ ମନେକଲେ ଅଧିକ ସର୍ତ୍ତ ରଖିପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ବାବାଙ୍କ ବିରୋଧରେ ଥିବା ୩ ଟି ମାମଲା ମଧ୍ୟରୁ ଦୁଇଟି ମାମଲାରେ ସେ ଜାମିନ ପାଇ ସାରିଛନ୍ତି। ବାବା ଜଣେ ଝିଅଙ୍କ ସହ ହାଇଦ୍ରାବାଦ୍‌ର ଏକ ହୋଟେଲ୍‌ରେ ରହିଥିବା ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ପ୍ରସଙ୍ଗରେ ବାବାଙ୍କ ବିରୋଧରେ ରୁଜୁ ଏକାଧିକ ଅଭିଯୋଗ ଆଧାରରେ ରାଜ୍ୟ ସରକାର ଏହାର କ୍ରାଇମବ୍ରାଞ୍ଚ୍ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବାବାଙ୍କ ବାରିମୂଳ ଆଶ୍ରମରେ ଚଢ଼ଉବେଳେ ପୁଲିସ୍ ବିପୁଳ ପରିମାଣରେ ଟଙ୍କା, ଗାଡ଼ି, ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟ ଜବତ କରିଥିଲା। ଏକାଧିକ ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ୍ ସାରଥୀ ବାବାଙ୍କୁ ଗତ ୨୦୧୫ ଅଗଷ୍ଟ ୭ ତାରିଖରେ ଗିରଫ କରିଥିଲା। ପୂର୍ବରୁ ଏସ୍‌ସିବି ମେଡିକାଲ୍ କଲେଜ୍ ଛାତ୍ରୀ ମାମଲାରେ ବାବା ଜାମିନ ପାଇ ସାରିଥିବାବେଳେ ଆଜି କ୍ରାଇମବ୍ରାଞ୍ଚ ମାମଲାରେ ଜାମିନ ମିଳିଛି। ତେବେ ଜଣେ ମହିଳାଙ୍କୁ ଆଶ୍ରମରେ ନିର୍ଯାତନା ଦେବା ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ଓ ଦୌରାଜଜ୍ ନିକଟରେ ସାରଥୀ ବାବାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହା ପରେ ବାବା ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି ଯାହାକି ଏବେ ବି ବିଚାରାଧୀନ ଅଛି। ଏଥିରେ ଜାମିନ୍ ପାଇବା ପରେ ଯାଇ ସାରଥୀଙ୍କ ଜେଲ୍‌ରୁ ମୁକୁଳିବା ସମ୍ଭବପର ହେବ।

### ଆଦିବାସୀ ଅଧ୍ୟୁଷିତ ଜିଲ୍ଲାକୁ ସରକାରଙ୍କ ଗୁରୁତ୍ୱ

## ଖୋଲିବ ୪ଏଏନ୍‌ଏମ୍ ଓ ୭ ଜିଏନ୍‌ଏମ୍ ତାଲିମ କେନ୍ଦ୍ର

**ଭୁବନେଶ୍ୱର :** ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କିଭଳି ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟତର କରିବା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧ଟି ତାଲିମ କେନ୍ଦ୍ର ଖୋଲାଯିବ। ସେଥି ମଧ୍ୟରେ ଏଏନ୍‌ଏମ୍‌ର ୪ଟି ତାଲିମ କେନ୍ଦ୍ର ରହିଥିବାବେଳେ ୭ଟି ଜିଏନ୍‌ଏମ୍ ତାଲିମକେନ୍ଦ୍ର ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ୩ଟି ଏଏନ୍‌ଏମ୍ ତାଲିମ କେନ୍ଦ୍ରକୁ ଅନୁମତି ଦେଇଥିବାବେଳେ ଅବଶିଷ୍ଟ ତାଲିମ କେନ୍ଦ୍ର ଅନୁମତି ଅପେକ୍ଷାରେ ରହିଥିବା ବିଭାଗ ପକ୍ଷରୁ ଜଣାଯାଇଛି। ସୂଚନା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଜପତି, ରାୟଗଡା, ମାଲକାନାଗିରି ଓ ନବରଙ୍ଗପୁରରେ ଏଏନ୍‌ଏମ୍ ତାଲିମ କେନ୍ଦ୍ର ଖୋଲିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟକୁ ପ୍ରସ୍ତାବ ଦେଇଥିଲେ। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଜପତି, ରାୟଗଡା ଓ ମାଲକାନଗିରିର ତାଲିମ କେନ୍ଦ୍ର ପ୍ରସ୍ତାବ ଅନୁମୋଦନ ହୋଇଥିବାବେଳେ ଏହି ତାଲିମ କେନ୍ଦ୍ର ପାଇଁ ରହିଥିବା ଆର୍ଥିକ ସହାୟତା ଦିଗ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହାଫଳରେ ଉକ୍ତ ଅଞ୍ଚଳରେ ତାଲିମ କେନ୍ଦ୍ର କାର୍ଯ୍ୟ ଆଗେଇ ପାରୁନାହିଁ। ସେହିପରି କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ଗଜପତି, ରାୟଗଡା, ବାଲେଶ୍ୱର ଓ ମାଲକାନଗିରିରେ ଜିଏନ୍‌ଏମ୍ ତାଲିମ କେନ୍ଦ୍ର ଖୋଲିବାପାଇଁ ବିଭାଗ ପ୍ରସ୍ତାବ ରଖିଛି। ଏନେଇ କେନ୍ଦ୍ର ସରକାରଙ୍କୁ ଦୀର୍ଘଦିନ ହେଲା ଅନୁମତି ଲାଗି ପ୍ରସ୍ତାବ ପ୍ରଦାନ କରାଯାଇଥିଲେ ହେଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ଏଦିଗରେ ସେଭଳି କିଛି ପଦକ୍ଷେପ ନେଇ ନାହାନ୍ତି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟଭିତ୍ତିଭୂମି ସୁଦୃଢ଼ ନେଇ ଅନୁଷ୍ଠିତ ବୈଠକରୁ ଏହା ଜଣାଯାଇଛି।

## ଶିଶୁଭବନରେ ମାଗଣା ୱାଇ-ଫାଇ

**କଟକ :** ଶିଶୁଭବନକୁ ଆସୁଥିବା ଶିଶୁରୋଗୀ ଅଭିଭାବକଙ୍କୁ ମିଳିଛି ମାଗଣା ୱାଇ-ଫାଇ ସେବା। ଏଥିରେ ୨୪ ଘଣ୍ଟିଆ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯାଇଛି। ପ୍ରଥମଥର ପାଇଁ ଶିଶୁଭବନ କର୍ତ୍ତୃପକ୍ଷ ଏ ପ୍ରକାର ସେବା ଆରମ୍ଭ କରିଛନ୍ତି। ଅନ୍ୟପଟେ ନ୍ୟାସନାଲ ନଲେଜ ନେଟ୍‌ୱାର୍କ (ଏନ୍‌କେଏନ୍) ପକ୍ଷରୁ ଉଚ୍ଚ କ୍ଷମତା ସଂପନ୍ନ ଇଣ୍ଟରନେଟ୍ ସେବା ଶିଶୁଭବନରେ ଆରମ୍ଭ ହେବାକୁ ଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ସେବା ଦେଶର କେବଳ ନିର୍ଦ୍ଦିଷ୍ଟ କେତୋଟି ପ୍ରମୁଖ ହସ୍ପିଟାଲରେ ଯୋଗାଇ ଦିଆଯାଉଛି। ସେବା ଆରମ୍ଭ ହେଲେ ଶିଶୁଭବନ ଦେଶର ୨୦୮ତମ ହସ୍ପିଟାଲ ଭାବେ ପରିଗଣିତ ହେବ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ବ୍ୟବସ୍ଥାକୁ ଆଗେଇ ନେବା ପାଇଁ ପ୍ରଥମେ ଶିଶୁଭବନରେ ଗଲାବର୍ଷ ଏପ୍ରିଲ ମାସରେ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ ସିଷ୍ଟମ (ଓଆର୍‌ଏସ୍) ମାଧ୍ୟମରେ ଆଉଟ୍‌ଡୋର ଟିକେଟ୍ ପଞ୍ଜିକରଣ ଆରମ୍ଭ ହୋଇଛି। ଏହା ସହିତ ଲ୍ୟାବ୍ ରିପୋର୍ଟ ଏବଂ ବାର ଅନୁଯାୟୀ ଡାକ୍ତରଙ୍କ ଉପସ୍ଥିତି ସଂକ୍ରାନ୍ତରେ ତଥ୍ୟ ୱେବ୍‌ସାଇଟ୍ ମାଧ୍ୟମରେ ରୋଗୀର ଅଭିଭାବକ ଇଣ୍ଟରନେଟ୍ ମାଧ୍ୟମରେ ଜାଣିପାରୁଛନ୍ତି। ଏବେ କେନ୍ଦ୍ର ସରକାରଙ୍କ ଏନ୍‌ଆଇସି (ନ୍ୟାସନାଲ୍ ଇନ୍‌ଫର୍ମେସନ୍ ସେଣ୍ଟର)ର ସୁପାରିଶ ଅନୁଯାୟୀ, ଶିଶୁଭବନ କର୍ତ୍ତୃପକ୍ଷ କ୍ୟାମ୍ପସରେ ଏନ୍‌କେଏନ୍ ପକ୍ଷରୁ ହାଇ ସ୍ପିଡ୍ ଇଣ୍ଟରନେଟ୍ ସେବା ଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଉକ୍ତ ସଂସ୍ଥାକୁ




ଚିଠି ଲେଖିବା ସହିତ ଆଲୋଚନା ଶେଷ ହୋଇଛି। ଏହି ସଂସ୍ଥା ବର୍ତ୍ତମାନ ସୁଦ୍ଧା ଦେଶବ୍ୟାପୀ ପ୍ରମୁଖ ଗବେଷଣାଗାର, ବିଶ୍ୱବିଦ୍ୟାଳୟ, ସ୍ପେସ୍, ଡିଫେନ୍ସ ଏବଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌କୁ ମିଶାଇ ମୋଟ ୧୬୩୬ ଅନୁଷ୍ଠାନକୁ ମାଗଣା ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ପ୍ରଦାନ କରିସାରିଛି। ତା’ଭିତରେ ୨୦୭ଟି ବୃହତ୍ତ ହସ୍ପିଟାଲ ରହିଛି। ପୂର୍ବରୁ ଓଡ଼ିଶାରେ ଭୁବନେଶ୍ୱର ଏଆଇଆଇଏମ୍‌ଏସ୍ ଏବଂ ଏସ୍‌ସିବି ମେଡିକାଲ କଲେଜ୍‌ରେ (କେବଳ ଟେଲି ମେଡିସିନ୍ ସେଣ୍ଟର ପାଇଁ) ଏନ୍‌କେଏନ୍ ପକ୍ଷରୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯାଇଥିଲା। ଶିଶୁଭବନରେ ଏନ୍‌କେଏନ୍ ସଂଯୋଗ ପ୍ରଦାନ କରାଗଲେ ଟେଲିମେଡିସିନ୍ ସେଣ୍ଟର ମାଧ୍ୟମରେ ଦେଶ ବାହାରେ ଥିବା ବୃହତ ହସ୍ପିଟାଲ ସହିତ ଅତ୍ୟାଧୁନିକ ଚିକିତ୍ସା ଏବଂ ଡାକ୍ତରୀ ଛାତ୍ରଙ୍କ ପାଠପଢ଼ା ସଂକ୍ରାନ୍ତରେ ସହଜରେ ଆଲୋଚନା କରାଯାଇପାରିବ। ଏବେ ଶିଶୁଭବନକୁ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଲିଜ୍‌ଡ ଲାଇନ ମାଧ୍ୟମରେ ଟେଲିମେଡିସିନ୍ ସେଣ୍ଟର ଚାଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମୋଟା ଅଙ୍କର ଟଙ୍କା ବ୍ୟୟ କରିବାକୁ ପଡୁଛି। ଏହି ସଂଯୋଗ ମାଧ୍ୟମରେ କେବଳ ଦେଶ ଭିତରେ ଥିବା ଅନୁଷ୍ଠାନ ସହିତ ଇଣ୍ଟରନେଟ୍ ମାଧ୍ୟମରେ ଯୋଗାଯୋଗ କରାଯାଇପାରିବ। କିନ୍ତୁ ଦେଶ ବାହାରେ ସଂଯୋଗ କରିବାରେ ଇଣ୍ଟରନେଟ୍ ସ୍ପିଡ୍‌ରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଥିବା କୁହାଯାଉଛି। ତେଣୁ ଏନ୍‌କେନ୍ ପକ୍ଷରୁ ମାଗଣା ଏବଂ ହାଇସ୍ପିଡ୍ ଇଣ୍ଟରନେଟ୍ ବ୍ୟବସ୍ଥା ମିଳିବା ପରେ ସୁରକ୍ଷିତ ଢଙ୍ଗରେ କାର୍ଯ୍ୟ ଆରମ୍ଭ ହୋଇପାରିବ। ଅନ୍ୟପଟେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ମାଗଣାରେ ନ୍ୟୁ ମେଡିକାଲ୍ ୱାର୍ଡରେ ମାଗଣାରେ ରୋଗୀର ଅଭିଭାବକ, ଡାକ୍ତର, ନର୍ସ, ଶିଶୁଭବନ କର୍ମଚାରୀଙ୍କ ପାଇଁ ୱାଇ-ଫାଇ ସେବା ଯୋଗାଇ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ କାଜୁଆଲିଟି, ଆଡ୍‌ଭାନ୍ସ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର, ଓଲଡ୍ ମେଡିକାଲ, ଓଲଡ୍ ସର୍ଜିକାଲ, ଆଇଡି ୱାର୍ଡ ଇତ୍ୟାଦିରେ ୱାଇଫାଇ ସଂଯୋଗ କରାଯିବ। ଏନ୍‌କେଏନ୍ ଇଣ୍ଟରନେଟ୍ ସଂଯୋଗ ମିଳିଗଲେ ଶିଶୁଭବନ କ୍ୟାମ୍ପସରେ ବିଏସ୍‌ଏନ୍‌ଏଲ୍ ବଦଳରେ ଏନ୍‌କେଏନ୍ ପକ୍ଷରୁ ଡାକ୍ତରୀ ଛାତ୍ରଙ୍କ କ୍ଲାସ ରୁମ, ଆଉଟ୍‌ଡୋରରେ ଥିବା କାଉଣ୍ଟର, ନିରାମୟ କେନ୍ଦ୍ର, ଷ୍ଟୋର୍‌ରୁମ୍ ଗୁଡ଼ିକରେ ସେବା ଯୋଗାଇ ଦିଆଯିବ ବୋଲି ଶିଶୁଭବନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଜାତୀୟ ଦୁଗ୍ଧ ବିକାଶ ଯୋଜନା

## ଓଡ଼ିଶା ପାଇଁ ୩୩ କୋଟି

**ଭୁବନେଶ୍ୱର :** ରାଜ୍ୟରେ ଦୁଗ୍ଧ ଉତ୍ପାଦନ କରୁଥିବା ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ଏବଂ ଦୁଗ୍ଧ ଉତ୍ପାଦନ ବଢ଼ାଇବା ପାଇଁ ନ୍ୟାସନାଲ ଡେରି ଡେଭଲପମେଣ୍ଟ କର୍ପୋରେସନ (ଏନ୍‌ଡିଡିବି) ପକ୍ଷରୁ ୩୩.୭୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରାଜ୍ୟର ଯେଉଁ ସ୍ଥାନଗୁଡିକରେ ଦୁଗ୍ଧ ସମବାୟ ସଂସ୍ଥା ସ୍ଥାପନ କରାଯାଇନାହିଁ ସେଠାରେ ସେଥିପାଇଁ ପରିବେଶ ସୃଷ୍ଟି କରିବା ଏବଂ ଯେଉଁସବୁ ସ୍ଥାନରେ ସମବାୟ ସଂସ୍ଥା ରହିଛି ସେଗୁଡିକୁ ଦକ୍ଷତା ତାଲିମ ପ୍ରଦାନ କରି ସୁଦୃଢ଼ କରିବା ଦିଗରେ ଏନ୍‌ଡିଡିବି କାମ କରିବ ବୋଲି ଏହାର ଅଧ୍ୟକ୍ଷ ଦିଲ୍ଲୀପ ରଥ କହିଛନ୍ତି। ଶ୍ରୀ ରଥ ନିକଟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟ୍ ଆନନ୍ଦ (ଇରମା)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶାରେ ସମବାୟ ସଚିବ ଏବଂ ଇଡକଲ୍‌ର ଏମ୍‌ଡି ଭାବେ କାମ କରିବାର ତାଙ୍କର ଅଭିଜ୍ଞତା ରହିଛି।

## ଅଡୁଆ ବଢ଼ିଲା : ଏଟି ସେଠୀଙ୍କୁ ୭ ବର୍ଷ ଜେଲ୍

**ଭୁବନେଶ୍ୱର :** ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଖାରବେଳନଗର ଥାନାରେ ଥିବା ଏକ ମାମଲାକୁ ବିଚାର କରି ଭୁବନେଶ୍ୱର ସିଜେଏମ୍ କୋର୍ଟ ପ୍ରଦୀପଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ପ୍ରଦୀପଙ୍କ ସହଯୋଗୀ ମନୋଜ ପଟ୍ଟନାୟକ ଓ ଶ୍ରୀକୃଷ୍ଣ ପାଢ଼ୀଙ୍କୁ ମଧ୍ୟ ୭ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଗତ ଏପ୍ରିଲ ୬ ତାରିଖ ଦିନ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ମାମଲାରେ ଏହାର ମୁଖ୍ୟ ପ୍ରଦୀପ ସେଠୀ ଏବଂ ଏହାର ନିର୍ଦ୍ଦେଶକ ମନୋଜ ପଟ୍ଟନାୟକଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ସିଜେଏମ୍ ପ୍ରଶାନ୍ତ କୁମାର ମିଶ୍ର ଦଣ୍ଡାଦେଶ ଦେଇଥିଲେ। ମାମଲାର ଶୁଣାଣି ହେବା ପୂର୍ବରୁ ଦୁଇ ଅଭିଯୁକ୍ତ ସେମାନଙ୍କ ଦୋଷ ସ୍ୱୀକାର କରିବା ଯୋଗୁଁ ବିଚାରପତି ଏଭଳି ରାୟ ଶୁଣାଇଥିଲେ। ପ୍ରଦୀପଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ସହ ୩୦,୦୦୦ ଟଙ୍କା ଜୋରିମାନା କରିଥିଲେ। ଜୋରିମାନା ଅନାଦାୟ ତାଙ୍କୁ ଆଉ ୬ ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି। ସେହିପରି ଅର୍ଥତତ୍ତ୍ୱର ଅନ୍ୟତମ ନିର୍ଦ୍ଦେଶକ ମନୋଜଙ୍କୁ ବିଚାରପତି ୪ ବର୍ଷ ଜେଲ୍‌ଦଣ୍ଡ ଦେବା ସହିତ ୧୦,୦୦୦ ଟଙ୍କା ଜୋରିମାନା କରିଥିଲେ। ଜୋରିମାନା ଅନାଦେୟ ତାଙ୍କୁ ଆଉ ୪ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ହେବ। ସାଧାରଣ ଲୋକଙ୍କଠାରୁ ଚିଟ୍‌ଫଣ୍ଡ ମାଧ୍ୟମରେ ଠକେଇ କରିଥିବା ୨୫୦ କୋଟି ଟଙ୍କା କୋର୍ଟରେ ଦାଖଲ କରିବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଏହି ଅର୍ଥ ଫେରସ୍ତ କରାଯିବ। ଏହି ଅର୍ଥ ଦାଖଲ କରା ନଗଲେ ସିବିଆଇ ପକ୍ଷରୁ ଜବତ ହୋଇଥିବା ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ। ଅର୍ଥତତ୍ତ୍ୱ ମୁଖ୍ୟ ପ୍ରଦୀପ ଏବଂ ନିର୍ଦ୍ଦେଶକ ମନୋଜ ଚଳିତ ବର୍ଷ ଏପ୍ରିଲ ୫ ତାରିଖରେ ସେମାନଙ୍କ ଦୋଷ ସ୍ୱୀକାର କରି କୋର୍ଟରେ ଏକ ପଟିସିନ ଦାଖଲ କରିଥିଲେ। ସାଧାରଣ ଲୋକଙ୍କୁ ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଜମା ନେଇଥିଲେ। ଏସବୁ ଅର୍ଥରେ ସେମାନେ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିଥିଲେ। ଅର୍ଥତତ୍ତ୍ୱ ବିରୋଧରେ ୨୦୧୨ରେ କମିଶନରେଟ୍ ପୋଲିସ ମାମଲା ରୁଜୁ କରିଥିଲା। ୨୦୧୩ ମେ’ ୧୨ରେ ପ୍ରଦୀପଙ୍କୁ ଗିରଫ କରାଯାଇଥିଲା। ଖାରବେଳନଗର ଥାନା ପୋଲିସ ଅର୍ଥତତ୍ତ୍ୱ ବିରୋଧରେ ମାମଲା ରୁଜୁ କରିଥିଲା। ୨୦୧୪ରେ ସୁପ୍ରିମକୋର୍ଟ ସିବିଆଇକୁ ଏହାର ତଦନ୍ତ ଭାର ନ୍ୟସ୍ତ କରିବା ପରେ ସିବିଆଇ ପକ୍ଷରୁ ଆଇପିସିର ଧାରା ୧୨୦(ଖ), ୪୨୦, ୪୦୬, ୪୧୧, ୪୬୮ ଓ ୪୭୧ ଏବଂ ୪, ୫, ୬ ପ୍ରାଇସ ଚିଟ୍‌ସ ଆଣ୍ଡ ମନି ସର୍କୁଲେସନ ସ୍କିମ ଆକ୍ଟ ୧୯୭୮ରେ ମାମଲା ରୁଜୁ କରାଯାଇଥିଲା। ପ୍ରଦୀପ ଝାରପଡ଼ା ଜେଲର୍ ସେଲ୍ ନଂ-୬ରେ ଥିବା ବେଳେ ମନୋଜ ସେଲ୍ ନଂ-୧୨ରେ ସଜା କାଟୁଛନ୍ତି। ତେବେ ସିବିଆଇ କୋର୍ଟଙ୍କ ପୂର୍ବ ଦଣ୍ଡାଦେଶ ଅନୁଯାୟୀ ମନୋଜଙ୍କ ୪ବର୍ଷ ସଜା ଖୁବ୍‌ଶୀଘ୍ର ପୂରଣ ହେବାର ଥିଲା। ତେବେ ପୁନଶ୍ଚ ତାଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ହୋଇଥିବାରୁ ସେ ମୁକୁଳିବା ଏକ ପ୍ରକାର ଅସମ୍ଭବ ବୋଲି କୁହାଯାଉଛି। ତେବେ ପ୍ରଦୀପ ଓ ତାଙ୍କ ସାଥୀ ଗିରଫ ହେବା ଦିନଠୁ ଏହି ଜେଲ୍ ଦଣ୍ଡାଦେଶ ଲାଗୁ ହେବ। ଏତଦ୍‌ଭିନ୍ନ ପ୍ରଦୀପ ଓ ତାଙ୍କ ଦୁଇଜଣ ସହଯୋଗୀ ତଳକୋର୍ଟଙ୍କ ରାୟକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିବାର ସମ୍ଭାବନା ରହିଛି। ଫଳରେ ଆଇନଗତ ଲଢ଼େଇ ଲାଗି ଆଗକୁ ମଧ୍ୟ ଜାରି ରହିବ।

### ଉଚ୍ଚଶିକ୍ଷା ପାଇଁ ବିଶ୍ୱବ୍ୟାଙ୍କ ଦେବ ସହାୟତା

## ମିଳିବ ୧,୦୨୦ କୋଟି

**ଭୁବନେଶ୍ୱର :** ଉଚ୍ଚଶିକ୍ଷାର ବିକାଶ ପାଇଁ ଓଡ଼ିଶା ବିଶ୍ୱବ୍ୟାଙ୍କରୁ ୧୦୨୦ କୋଟି ଟଙ୍କାର ଋଣ ପାଇବ। ନୂଆଦିଲ୍ଲୀଠାରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି.ଭେନୁଗୋପାଳ ଶର୍ମାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ବିଶ୍ୱବ୍ୟାଙ୍କର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି। ଚୂଡ଼ାନ୍ତ ପର୍ଯ୍ୟାୟରେ ଏହି ଆଲୋଚନାରୁ ଜଣାଯାଇଛି ଯେ ପ୍ରଥମଥର ପାଇଁ ଓଡ଼ିଶା ରିହାତି ଦରରେ ଏଭଳି ଋଣ ପାଇବ। ରାଜ୍ୟ ସରକାର ଓଡ଼ିଶା ଉଚ୍ଚଶିକ୍ଷା ଯୋଜନାର ଉତ୍କର୍ଷତା ପାଇଁ ବିଶ୍ୱବ୍ୟାଙ୍କ ନିକଟରେ ଆବେଦନ କରିଥିଲେ। ବିଶ୍ୱବ୍ୟାଙ୍କର ପ୍ରତିନିଧି ଦଳ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ଆସି ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଫେରିଥିଲେ। ବିଶ୍ୱବ୍ୟାଙ୍କର ଭାରତୀୟ ନିର୍ଦ୍ଦେଶକ ଜୁନେଦ କମଲ ଅହମ୍ମଦ ଓଡ଼ିଶାକୁ ଏଭଳି ସହାୟତା ଦେବା ପାଇଁ ଅନୁକୂଳ ମନୋଭାବ ପୋଷଣ କରି ଆସୁଛନ୍ତି। ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଯେତେବେଳେ ଓଡ଼ିଶା ଆସିଥିଲେ ସେ ସମୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସୂଚନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ସନ୍ତୁଷ୍ଟ ହୋଇ ବିଶ୍ୱବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅର୍ଥ ଦେବା ପାଇଁ ରାଜି ହୋଇଛନ୍ତି। ପାଞ୍ଚବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ଚାଲିବ। ଏ କ୍ଷେତ୍ରରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ, ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଓ ଅର୍ଥନୈତିକ ବ୍ୟାପାର ବିଭାଗ ଓଡ଼ିଶାର ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଏହା ଫଳରେ ୧୪୦ଟି ମହାବିଦ୍ୟାଳୟ ଓ ବଛା ବଛା ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି, ପରୀକ୍ଷା ସଂସ୍କାର, ଦକ୍ଷତା ବିକାଶ ଏବଂ ଆନୁଷଙ୍ଗିକ ଉନ୍ନୟନ ସମ୍ଭବପର ହୋଇପାରିବ। ରାଜ୍ୟ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆନୁଷ୍ଠାନିକ ଉନ୍ନୟନ ଯୋଜନା ଓ ମାନବ ସମ୍ବଳ ବିକାଶ ନିମନ୍ତେ ବିସ୍ତୃତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି ଆଲୋଚନାରେ ଶ୍ରୀ ଶର୍ମାଙ୍କ ବ୍ୟତୀତ ପ୍ରତିନିଧିଦଳରେ ବି.ପରମେଶ୍ୱରନ, ମିହିର କୁମାର ଦାଶ ପ୍ରମୁଖ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏବଂ ଅର୍ଥ ବିଭାଗ ପକ୍ଷରୁ ଜୟଶ୍ରୀ ତ୍ରିପାଠୀ ଅଂଶଗ୍ରହଣ କରିଛନ୍ତି।

## ପିଆଜ ବିକିଲେ ସରକାର

**ଭୁବନେଶ୍ୱର :** ରାଜ୍ୟରେ ଏବେ ପିଆଜ କନ୍ଦାଇବା ଆରମ୍ଭ କରିଦେଇଛି। ଖାଉଟି କଲବଲ ହେଉଥିବା ବେଳେ ସରକାର ବି ଅକଳରେ ପଡିଯାଇଛନ୍ତି। ଏଥିପାଇଁ ରାଜ୍ୟରେ ପିଆଜ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ଯୋଗାଣ ବିଭାଗ ପକ୍ଷରୁ ନିଆଯାଇଛି ପଦକ୍ଷେପ। ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଓ ସୁଲଭ ମୂଲ୍ୟ ଦୋକାନ(ମୈତ୍ରୀ)ରେ ପିଆଜ ବିକ୍ରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେତେକ ସ୍ଥାନରେ ମୈତ୍ରୀ ଓ ସରକାରୀ ଦୋକାନରେ ପିଆଜ ବିକ୍ରି ଆରମ୍ଭ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସୂଚନା ଅନୁସାରେ ରାଜ୍ୟରେ ବାର୍ଷିକ ପ୍ରାୟ ୪ ଲକ୍ଷ ଟନ୍ ପିଆଜର ଆବଶ୍ୟକତା ରହିଛି। ମାତ୍ର ଓଡ଼ିଶାରେ ବର୍ଷକୁ ମାତ୍ର ୧ ଲକ୍ଷ ଟନ୍ ପିଆଜ ଉତ୍ପାଦନ ହେଉଛି। ଚାହିଦା ମେଣ୍ଟାଇବା ପାଇଁ ବ୍ୟବସାୟୀମାନେ ମହାରାଷ୍ଟ୍ର ଓ ଅନ୍ୟାନ୍ୟ ରାଜ୍ୟରୁ ପିଆଜ ଆମଦାନୀ କରୁଛନ୍ତି। ମାତ୍ର ସେଠାରେ ବର୍ଷା ଓ ବନ୍ୟା ଯୋଗୁଁ ପିଆଜ ଦର ବୃଦ୍ଧି ଘଟିଛି ଏବଂ ଓଡ଼ିଶାକୁ ପିଆଜ ଆମଦାନୀ ହ୍ରାସ ପାଇଛି। ଯାହା ଫଳରେ ପିଆଜ ଦରବୃଦ୍ଧି ଘଟିଛି। ଦର ନିୟନ୍ତ୍ରଣ ପାଇଁ ସରକାର ବ୍ୟବସାୟୀ ସଂଘଙ୍କ ସହ ଆଲୋଚନା କରିଛନ୍ତି ଏବଂ ଅନ୍ୟ ରାଜ୍ୟରୁ ପିଆଜ ଆମଦାନୀ ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ସରକାରୀ ଅଧିକାରୀମାନଙ୍କୁ ପିଆଜ ହୋର୍ଡ଼ିଂ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ରାଜ୍ୟରୁ ପିଆଜ ପହଞ୍ଚିଲେ ଓଡ଼ିଶାରେ ଦର କମିବାର ସମ୍ଭାବନା ଅଛି। ବର୍ତ୍ତମାନ ପରିସ୍ଥିତିର ମୁକାବିଲା ପାଇଁ କଟକ ଓ ଭୁବନେଶ୍ୱର ସହରରେ ସୁଲଭ ମୂଲ୍ୟ ଦୋକାନ ମୈତ୍ରୀରେ ପିଆଜ ବିକ୍ରି ପାଇଁ ପଦକ୍ଷେପ ନିଆଯାଇଛି।

### ଖାଦ୍ୟ ସୁରକ୍ଷା ବ୍ୟବସ୍ଥା : ରାସନକାର୍ଡରେ ପୋର୍ଟେବିଲିଟି


## ଧରାପଡିବେ ଅଯୋଗ୍ୟ ହିତାଧିକାରୀ

**ଭୁବନେଶ୍ୱର :** ଏବେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ସରକାର କିଛି ନୂତନ କରିବାକୁ ଯାଉଛନ୍ତି। ଏବେ ନୂଆ ବ୍ୟବସ୍ଥାରେ ମୋବାଇଲ ନମ୍ବର ପୋର୍ଟେବିଲିଟି ଭଳି ଖାଦ୍ୟ ସୁରକ୍ଷା ଯୋଜନାରେ ରାସନକାର୍ଡରେ ମଧ୍ୟ ପୋର୍ଟେବିଲିଟି ସେବା ମିଳିପାରିବ। ଆପଣ ରାଜ୍ୟର ଯେ କୌଣସି ସ୍ଥାନରେ ରହିଲେ ମଧ୍ୟ ବଣ୍ଟନ ସାମଗ୍ରୀ ପାଇବାରେ ଅସୁବିଧା ହେବନାହିଁ। ହରିୟାନାରେ ଏହି ସେବା କାର୍ଯ୍ୟକାରୀ ହେଉଥିଲାବେଳେ ଅନ୍ୟ ରାଜ୍ୟ ଗୁଡିକରେ ଏହା ଲାଗୁ କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶା ସରକାର ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ଏହାଛଡ଼ା ବଣ୍ଟନ କେନ୍ଦ୍ରଗୁଡ଼ିକରେ ସମ୍ପୂର୍ଣ୍ଣ ଭାବେ ବେନଗଦୀ କାରବାରକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ହୋଇଛି। ଏପରିକି କିଛି ରାଜ୍ୟ ଗହମ ବଦଳରେ କାର୍ଡଧାରୀଙ୍କୁ ଅର୍ଥ ଦେଲେଣି। ଏହାକୁ ଅନ୍ୟ ରାଜ୍ୟମାନେ ଗ୍ରହଣ କରିବା ଉପରେ ମଧ୍ୟ କେନ୍ଦ୍ର ଗୁରୁତ୍ୱ ଦେଇଛି। କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ନୂଆଦିଲ୍ଲୀରେ ବସିଥିଲା। ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସ୍ୱଚ୍ଛ କରିବା ଉପରେ ଏ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବହୁ ହିତାଧିକାରୀ ରାସନ କାର୍ଡ ପାଇବା ପରେ ବିଭିନ୍ନ କାରଣରୁ ସ୍ଥାନ ପରିବର୍ତ୍ତନ କରୁଥିବାରୁ ସେମାନଙ୍କୁ ସୁବିଧାରେ ବଣ୍ଟନ ସାମଗ୍ରୀ ଯୋଗାଇଦେବାକୁ କାର୍ଡ ପୋର୍ଟେବିଲିଟି ସେବା ଆରମ୍ଭ କରିବାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ହିତାଧିକାରୀ ଯେପରି ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ନହୁଏ ତାକୁ ଦୃଷ୍ଟିରେ ରଖି ପୋର୍ଟେବିଲିଟି ସୁବିଧା ଯୋଗାଇବାକୁ କେନ୍ଦ୍ର ପରାମର୍ଶ ଦେଇଛି। ଏହାଛଡ଼ା ସମସ୍ତ ରାସନକାର୍ଡ ସହ ଆଧାର ଲିଙ୍କ କାମକୁ ତ୍ୱରିତ କରିବା ଉପରେ କେନ୍ଦ୍ର ଗୁରୁତ୍ୱ ଦେଇଛି। ଏହି ବ୍ୟବସ୍ଥା ହେଲେ ଜାଲ କାର୍ଡ ସହ ଅଯୋଗ୍ୟ ହିତାଧିକାରୀଙ୍କୁ ସହଜରେ ଚିହ୍ନଟ କରିହେବ। ଆଗକୁ କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତ୍ୟକ୍ଷ ଜମା ହସ୍ତାନ୍ତର (ଡିବିଟି) ଲାଗୁ କରିବାକୁ ଯେଉଁ ପ୍ରସ୍ତାବ ରଖିଛି ତାହା ମଧ୍ୟ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରିବ। ରାସନକାର୍ଡ ଆଧାର ଲିଙ୍କ ସମୟରେ ହିତାଧିକାରୀଙ୍କ ମୋବାଇଲ ନମ୍ବର ଅପଲୋଡ କରିବାକୁ ମଧ୍ୟ



କୁହାଯାଇଛି। ମୋବାଇଲ ନମ୍ବରରେ ହିତାଧିକାରୀଙ୍କୁ ବଣ୍ଟନ ସାମଗ୍ରୀ ସମ୍ପର୍କିତ ସମସ୍ତ ସୂଚନା ମିଳିପାରିବ। ରାଜ୍ୟରେ ଏବେ ୮୪ଲକ୍ଷ ୩୧ ହଜାର ୫୧୫ ପରିବାର ୩ କୋଟି ୨୧ ଲକ୍ଷ ୫ ହଜାର ୬୩୧ ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ରିହାତି ମୂଲ୍ୟରେ ବଣ୍ଟନ ସାମଗ୍ରୀ ପାଉଛନ୍ତି। ପୁରୁଣାକାଳିଆ ଏ ବ୍ୟବସ୍ଥାରେ ବହୁ ତ୍ରୁଟି ବିଚ୍ୟୁତି ରହିଛି। ଏଥିରେ ହେଉଥିବା ଅନିୟମିତତା ରୋକିବା ସହ ଖାଉଟି ସାମଗ୍ରୀ ହଡପ ବ୍ୟବସ୍ଥାରେ ତାଲା ଲଗାଇବାକୁ ସରକାର ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ସମସ୍ତ ହିତାଧିକାରୀଙ୍କ ରାସନକାର୍ଡକୁ ଆଧାର ନମ୍ବର ସହ ସଂଯୋଗ କରାଯାଉଛି। ହିତାଧିକାରୀ ସୁଲଭ ଦୋକାନରେ ଏକ ଇଲେକ୍ଟ୍ରୋନିକ ମେସିନ (ପିଓଏସ୍)ରେ ନିଜ ଅଙ୍ଗୁଳି ଚିହ୍ନ ଦେବେ। ଯାହା ଆଧର ଫଟୋ ଉଠାବେଳେ ହିତାଧିକାରୀ ଦେଇଥିବା ଅଙ୍ଗୁଳି ଛାପ ସହ ମିଶିଲେ ଯାଇ ତାଙ୍କୁ ଖାଉଟି ସାମଗ୍ରୀ ମିଳିବ। ପରେ ଏହି ମେସିନ୍‌ରୁ ସମସ୍ତ ତଥ୍ୟ ଅନ୍‌ଲାଇନ୍‌ରେ ଅପ୍‌ଲୋଡ ହୋଇଯିବ। ଏକ ନିର୍ଦ୍ଦିଷ୍ଟ କଣ୍ଟ୍ରୋଲ ଦୋକାନରେ କେତେଜଣ ହିତାଧିକାରୀ କେତେ ପରିମାଣର ସାମଗ୍ରୀ ଉଠାଣ କଲେ ସେ ସମ୍ପର୍କରେ ସମସ୍ତ ତଥ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ହିତାଧିକାରୀଙ୍କ ସ୍ୱାର୍ଥ ଜଗିବାକୁ ଏଥିପାଇଁ ରାଜ୍ୟର ପ୍ରାୟ ସମସ୍ତ କଣ୍ଟ୍ରୋଲ ଦୋକାନରେ ସ୍ୱୟଂକ୍ରିୟ ମେସିନ୍ (ପଏଣ୍ଟ ଅଫ୍ ସେଲ୍, ପିଓଏସ୍) ବସାଯାଉଛି। ଖାଉଟିମାନେ ଖାଦ୍ୟ ସାମଗ୍ରୀ ପାଇବା ମାତ୍ରେ ତାହା ୱେବ୍‌ପୋର୍ଟାଲରେ ସାଙ୍ଗେ ସାଙ୍ଗେ ଅପଲୋଡ୍ ହୋଇଯିବା ସହ ସମ୍ପୂର୍ଣ୍ଣ ବିବରଣୀ ରେକର୍ଡ ମଧ୍ୟ ହେଉଛି। ଏବେ ବଣ୍ଟନ କେନ୍ଦ୍ରଗୁଡିକରେ କ୍ୟାସ୍‌ଲେସ୍ କାରବାରକୁ ଫୋକସ୍ କରିବାକୁ ମଧ୍ୟ କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ଏହାଛଡ଼ା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟି ସାମଗ୍ରୀ ନେଇ ଯାଉଥିବା ଟ୍ରକଗୁଡିକୁ ମଧ୍ୟ କଣ୍ଟ୍ରୋଲ ଦୋକାନରେ ପହଞ୍ଚିବା ମାତ୍ରେ ଏନେଇ ଖାଉଟିଙ୍କୁ ଏସ୍‌ଏମ୍‌ଏସ୍‌ରେ ସୂଚନା ମିଳିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହାଦ୍ୱାରା ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ କାଗଜବିହୀନ ହୋଇଯିବ।

ମୁର୍ଖ ସର୍ବଦା ନିଜ ଘରେ ହିଁ ପୂଜାପାଏ। ଗାଁର ମୁଖିଆ ଗାଁରେ। କିନ୍ତୁ ଯିଏ ବିଦ୍ୱାନ/ବୁଦ୍ଧିମାନ ସେ ସବୁଠାରେ ପୂଜା ପାଇଥାଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସଂପାଦକୀୟ

## ପ୍ରସଙ୍ଗ ଦୁର୍ଭାଗ୍ୟଜନକ

ଓଡ଼ିଆ ସାହିତ୍ୟଶିଳ୍ପରେ ସାହିତ୍ୟରଥୀଙ୍କ ସର୍ଜନ ଅପେକ୍ଷା ନିର୍ଜନ ଆଳାପ କରୁଥିବାକୁ ନେଇ ଗତ କିଛିଦିନ ହେଲା ଚାଲିଥିବା ଚର୍ଚ୍ଚା ସାରସ୍ୱତ ଜଗତ ପାଇଁ ମେଞ୍ଚା ମେଞ୍ଚା କଳଙ୍କ ସୃଷ୍ଟିକରିଛି। ସଂସ୍କୃତି ସଂରକ୍ଷକମାନେ ଏନେଇ ଆଇନ୍‌ର ଆଶ୍ରୟ ନେବାକୁ ମଧ୍ୟ ପଛାଇ ନାହାନ୍ତି। ସର୍ବଜନୀନ ରଚନା ଆଧାରରେ ସମାଜରେ ପ୍ରତିଷ୍ଠା ଲାଭ କରିଥିବା ସାହିତ୍ୟିକ ଯଦି ଏଭଳି ହୀନ କାର୍ଯ୍ୟ କରିବେ ତେବେ ସମାଜ ସଂସ୍କାରର ଦାୟିତ୍ୱ ନେବେ କିଏ ? ଯେଉଁ ଘଟଣାକୁ ନେଇ ଆଲୋଚନା ଓ ସମାଲୋଚନା କରାଯାଉଛି ଏହାର ସତ୍ୟାସତ୍ୟ ସ୍ପଷ୍ଟ ହୋଇପାରିନି। କିନ୍ତୁ ଏଭଳି ଆଲୋଚନା ଓ ଚର୍ଚ୍ଚା ସାହିତ୍ୟରେ ଏକ ଖରାପ ବାତାବରଣ ସୃଷ୍ଟି କରିଛି। ସାହିତ୍ୟ ସହ ସଂଶ୍ଲିଷ୍ଟ ଅନେକ ଲେଖକ, କବି ଏବଂ ସ୍ତମ୍ଭକାରମାନେ ମଧ୍ୟ ଏହି ଘଟଣାରେ କ୍ଷୋଭ ପ୍ରକାଶ କରୁଛନ୍ତି। କିନ୍ତୁ ଏହାକୁ ସହଜରେ କେହି ବିଶ୍ୱାସ କରୁନଥିଲେ ବି ଘଟଣାର ପୃଷ୍ଠଭୂମି ନିଶ୍ଚୟ ନିନ୍ଦନୀୟ। ଘଟଣା ଯାହା ହୋଇଥାଉନା କାହିଁକି ଓଡ଼ିଶାରେ ଏହାକୁ ନେଇ ବିଶେଷ ଆଲୋଚନା ନିଶ୍ଚୟ ସୃଜନଶୀଳ ବ୍ୟକ୍ତିମାନଙ୍କ ମନକୁ ଗଭୀର ଆଘାତ ଦେଉଛି। ସାହିତ୍ୟ ଏକ ସାଧନାର କଠୋର ପୀଠସ୍ଥଳ ହୋଇଥିବା ବେଳେ ଏଥିରେ ବ୍ୟଭିଚାର ଚାଲିବା ଅତ୍ୟନ୍ତ ଘୃଣ୍ୟ ପରମ୍ପରା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଯାହାକି ସୃଜନ ପାଇଁ ଏକ ଅଶୁଭ ସଙ୍କେତ।

ଅନ୍ୟଏକ ପ୍ରସଙ୍ଗରେ ଓଡ଼ିଆ ସାହିତ୍ୟରେ କପି କରି ଲେଖକ ବା ଲେଖିକା ପାଲଟିଥିବା କଥା ଭଳି ଏକ ସମ୍ବେଦନଶୀଳ ଖବର ମଧ୍ୟ ରୋଚକ ହୋଇଛି। ଏହା ମଧ୍ୟ ଆହୁରି ଏକ ସାଂଘାତିକ ବିଷୟ। ବ୍ୟକ୍ତିଗତ ଅନୁଭବ, ସୃଜନଶୀଳତା ଓ ଭାଷାକୁ ପରିପ୍ରକାଶ କରିବାର ଦକ୍ଷତା ନଥିଲେ ଜଣେ ସାହିତ୍ୟିକ ହୋଇପାରିବା ଅସମ୍ଭବ। ଏଣୁ ଏ କ୍ଷେତ୍ରରେ ପାଦ ଦେଇଥିବା ଓ ଦେଉଥିବା ଯେକୌଣସି ବ୍ୟକ୍ତି ନିଜର ନିଷ୍ଠା ଓ ସର୍ଜନଶୀଳ ଦକ୍ଷତାକୁ ନେଇ ଅସଂଖ୍ୟ ଲେଖା ଲେଖିପାରେ। ହେଲେ ଏହାକୁ କପି କରି କେହି କେବେ ପ୍ରତିଷ୍ଠିତ ସାହିତ୍ୟିକ ହୋଇପାରିବ ନାହିଁ। ତେଣୁ ଏ ଦିଗରେ ମନ ବଳାଇଥିବା ବ୍ୟକ୍ତିମାନେ ନିନ୍ଦାର ସରବ୍ୟ ହେବା ସହିତ ଅନୁତାପର ନିଷ୍ଠୁର ନିଆଁରେ ପୋଡିଯିବା ସାର ହେବ।

ଅତୀତରେ କାଁ ଭାଁ ଏଭଳି ଶୁଣାଯାଉଥିଲା ବେଳେ ଆଜିକାଲି ଏ ସମ୍ପର୍କରେ ଅନେକ ସାହିତ୍ୟିକ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି। ଆଲୋଚନା ବ୍ୟାପକ ହେବା ଦ୍ୱାରା ଏହା ସାଧାରଣ ସ୍ତରକୁ ଆସି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥାଏ। ଉଭୟ ପ୍ରସଙ୍ଗରେ କେଉଁଠି ନା କେଉଁଠି ତ୍ରୁଟି ରହିଛି ନିଶ୍ଚୟ। ନଚେତ୍ ଏତେବଡ କଥା ଏତେ ସହଜରେ ଲୋକଲୋଚନକୁ ଆସିପାରି ନଥାନ୍ତା। ତେବେ ସାହିତ୍ୟରେ ଅଶ୍ଳୀଳତା ଓ ସାହିତ୍ୟିକଙ୍କ ଅଶ୍ଳୀଳତା ଦୁଇଟି ଭିନ୍ନ ପ୍ରସଙ୍ଗ। ଗୋଟିଏ ପ୍ରସଙ୍ଗରେ ହୁଏତ ପାଠକପାଠିକମାନେ ପ୍ରତିକ୍ରିୟାଶୀଳ ହେଉଥିଲା ବେଳେ ଅନ୍ୟ ପ୍ରସଙ୍ଗରେ ଲେଖକର ବ୍ୟକ୍ତିତ୍ୱ କ୍ଷୁଣ୍ଣ ହୋଇଥାଏ। ତେବେ ଯଶ ଓ ଖ୍ୟାତି ପଛରେ ଧାଇଁଥିବା ଲେଖକ ବା ଲେଖିକାମାନଙ୍କ ମଧ୍ୟରେ ଏଭଳି କିଛି ଘଟିବା ନିହାତି ଖରାପ ଧାରା ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି।

ଲିଟରେଚର କାଉଚ୍ ଭଳି ଏକ ଘୃଣ୍ୟ ଶବ୍ଦ ଓଡ଼ିଆ ସାହିତ୍ୟର କେଉଁ ଦିଗକୁ ବଳିଷ୍ଠ କରିବ ତାହା ହୁଏତ ଭବିଷ୍ୟତ ନିର୍ଦ୍ଧାରଣ କରିବ। ମନୋରଞ୍ଜନ ଶିଳ୍ପରେ କାଷ୍ଟିଂ କାଉଚର କଥା ଶୁଣାଯାଉଥିଲା ବେଳେ ନୂଆକରି ସାହିତ୍ୟ ସହ ଏହି ପ୍ରସଙ୍ଗ ଯୋଡି ହୋଇଯାଇଛି। ଏହା ହୁଏତ କିଛି ଲୋକଙ୍କୁ ଆମୋଦଦାୟକ ମନେହୋଇପାରେ, ମାତ୍ର ସାହିତ୍ୟ କ୍ଷେତ୍ରରେ କାଉଚ୍ ଏକ ବ୍ୟତିକ୍ରମ। କାରଣ ଦ୍ୱିତୀୟ ଈଶ୍ୱରଙ୍କ ଆଖ୍ୟା ଅର୍ଜନ କରିଥିବା ସାହିତ୍ୟିକମାନେ ବ୍ୟଭିଚାରୀ ହେଲେ ସାହିତ୍ୟରେ ଏହାର ପ୍ରତିଫଳନ ଘଟିବାର ସମ୍ଭାବନା ଅଧିକ। ଲୋକକଥାନୁସାରେ ଅମୃତ ଭାଣ୍ଡରେ ଠୋପାଏ ବିଷ ପଡିଗଲେ ଏହା ପୁରା ଅମୃତକୁ ବିଷ କରିଦିଏ। ସେହିଭଳି ଲିଟରେଚର କାଉଚ୍ ଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ସାଧନା ପାଇଁ ଅତ୍ୟନ୍ତ ବେଦନାଦାୟକ। ହେଲେ ଘଟଣା ପଛରେ କିଛି ଷଡଯନ୍ତ୍ର ବା ରାଜନୀତି ଥିବା କଥାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ। କାରଣ ଆଜିକାଲିର ସାହିତ୍ୟିକମାନେ ବ୍ୟକ୍ତି ସ୍ତରରେ ସାଧନା କରୁଥିଲେ ବି ଗୋଷ୍ଠୀଗତ ଭାବେ ଆଗକୁ ବଢ଼ିବା ପାଇଁ ଲବି ଚଳାଇଥିବା ଖବର ମଧ୍ୟ ସାମ୍ନାକୁ ଆସିଥାଏ। ଏଥିରେ କିଛି ବରିଷ୍ଠ ଲେଖକ କନିଷ୍ଠ ଲେଖକଙ୍କୁ ନିଜ ଗୋଷ୍ଠୀର ସଦସ୍ୟ କରି ଆପଣା ପ୍ରଚାର ଦିଗରେ ଲଗାଉଥିବା ଭଳି ଲଜ୍ଜାଜନକ ଘଟଣା ମଧ୍ୟ ସାମ୍ନାକୁ ଆସେ। ତେଣୁ ଗୋଷ୍ଠୀଗତ ଲଢ଼େଇରେ ବି ସାହିତ୍ୟ କ୍ଷତିଗ୍ରସ୍ତ ହେବା ସହିତ ସର୍ଜନାର ଦିଗ ବଦଳି ଯାଉଥିବା ଜଣାପଡିଛି। ସାଧନା ଓ ସିଦ୍ଧିର ଏହି ମହାଖେଳ ମଝିରେ ଆଉ ଗୋଟିଏ ଗୋଷ୍ଠୀ ମଧ୍ୟ ନିଜର ପଡିଆରା ଜାହିର କରୁଛନ୍ତି। ସେମାନେ ହେଲେ ସାହିତ୍ୟ ଦଲାଲ। ଯେଉଁମାନେ ନିଜେ କିଛି ସାହିତ୍ୟ ରଚନା କରୁନଥିଲେ ମଧ୍ୟ ଅନ୍ୟର ସାହିତ୍ୟକୁ ବିପଣୀ କରି ସର୍ବଦା ଲାଭ ପାଇବା ଚିନ୍ତାରେ ଥା'ନ୍ତି। ତାହାରି ଭିତରେ ଥାଏ ମାନପତ୍ର, ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା। ଏଥିରେ ନିଷ୍ଠାପର ସାହିତ୍ୟ ସାଧନା କରୁଥିବା ଲେଖକ ବା ଲେଖିକା ଯଥେଷ୍ଟ କ୍ଷତିଗ୍ରସ୍ତ ହେଉଛନ୍ତି।

# କାର୍ତ୍ତିଙ୍କ କାରନାମା



ସୌମେନ୍ଦ୍ର ଜେନା

ମହାଭାରତର ଧୃତରାଷ୍ଟ୍ରଙ୍କ ପରି ଅତ୍ୟନ୍ତ ପୁତ୍ରମୋହ ଯୋଗୁ ବିହାରରେ ମହାମେଣ୍ଟ ସରକାରର ପତନ ଘଟିଛି । ଦୁର୍ନୀତିରେ ଅଭିଯୁକ୍ତ ପୁତ୍ରକୁ ସରକାରରୁ ଇସ୍ତଫା ଦେବାକୁ ନକହି ଲାଲୁ ବିପଦକୁ ଡାକି ଆଣିବାପରି ଦକ୍ଷିଣରେ ତାମିଲନାଡୁର ରାଜନୀତିରେ ବହୁ ପରିଚିତ ଆଉ ଏକ ରାଜନୀତିକ ପରିବାର ପି.ଚିଦାମ୍ବରମ୍‌ଙ୍କ ପୁତ୍ର କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ନେଇ ଆଗାମୀ ଦିନରେ ବାତାବରଣ ଗରମ ହେବାର ସମ୍ଭାବନା ଦେଖାଦେଲାଣି । ଲାଲୁ ଓ ଚିଦାମ୍ବରମ୍‌ଙ୍କ ପାରିବାରିକ ଦୁର୍ନୀତି ମଧ୍ୟରେ ଫରକ ହେଉଛି ଯେ ଲାଲୁଙ୍କ ପରିବାରର ଦୁର୍ନୀତି ଦେଶ ଭିତରେ ହୋଇଥିବା ସ୍ଥଳେ କାର୍ତ୍ତୀଙ୍କ ଦୁର୍ନୀତି ବିଶ୍ୱବ୍ୟାପି । ସେଥିପାଇଁ ଯାଞ୍ଚ ଅଧିକାରୀମାନଙ୍କୁ ଅଧିକ ସମୟ ଲାଗିପାରେ । ଏଥିପାଇଁ ବାହାରର ୧୪ଟି ଦେଶରୁ ତଥ୍ୟ ସଂଗ୍ରହ କରାଯିବାର ଆବଶ୍ୟକତା ରହିଛି । ଭିନ୍ନ ଭିନ୍ନ ଦେଶସହ ତଥ୍ୟ ଆଦାନ ପ୍ରଦାନ ଚୁକ୍ତିଥିବା ସ୍ଥଳେ ସୂଚନା ମିଳିପାରିବ । କିନ୍ତୁ ଯେଉଁ ଦେଶଗୁଡିକ ସହ ଏପରି ଚୁକ୍ତି ନଥିବ ସେଠାରୁ ତଥ୍ୟ ହାସଲ କରିବା କଷ୍ଟକର ହୋଇପାରେ । କେତେକ ସ୍ଥଳରେ ସେ ଦେଶର ଅଭିଯୁକ୍ତ ସଂସ୍ଥା ମଧ୍ୟ ସ୍ଥାନୀୟ ସରକାରୀ କ୍ଷେତ୍ରରେ ତଥ୍ୟପାଇବା ଲାଗି ପ୍ରତିବନ୍ଧକ ସୃଷ୍ଟି କରିପାରେ ।

ଗତ ଦିନମାନଙ୍କରେ ଅନୁସନ୍ଧାନକାରୀ ଦଳ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଚିଦାମ୍ବରମ୍ ଏବଂ ତାଙ୍କ ପୁତ୍ର କାର୍ତ୍ତିଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଚଢାଉ କରି ଅନେକ ଆପତ୍ତିଜନକ ତଥ୍ୟାବଳୀ ହାସଲ କରିଛନ୍ତି । ୧୫ ମଇ ଦିନ ପିତା-ପୁତ୍ରଙ୍କ ୧୬ଟି କାର୍ଯ୍ୟାଳୟରେ ଏକକାଳୀନ ସିବିଆଇ ପକ୍ଷରୁ ଚଢାଉ କରାଯିବା ବେଳେ ଅନେକ ସୁରାକ ମିଳିଛି । ସିନାବୋରା ହତ୍ୟାକାଣ୍ଡର ସ୍ୱାମୀ-ସ୍ତ୍ରୀ ପିଟର ମୁଖାର୍ଜୀ ଓ ଇନ୍ଦ୍ରାଣୀ ମୁଖାର୍ଜୀଙ୍କ ଆଇଏନଏକସ ମିଡିଆ ସହ କାର୍ତ୍ତିଙ୍କ ସଂପର୍କ ଥିବା ସ୍ପଷ୍ଟ ହୋଇଛି । ଏହି କମ୍ପାନୀଠାରୁ କାର୍ତ୍ତି ଲାଞ୍ଚ ନେଇଥିବାର ଜଣାପଡିଛି । ପିତା ଚିଦାମ୍ବରମ୍‌ଙ୍କଠାରୁ କାର୍ଯ୍ୟ କରାଇଦେବା ଉଦ୍ଦେଶ୍ୟରେ କାର୍ତ୍ତି ଏହି ଲାଞ୍ଚ ନେଇଥିଲେ । ଆୟକର ବିଭାଗର ଅଧିକାରୀଙ୍କ କହିବାନୁସାରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଥିବା ଚିଦାମ୍ବରମ୍‌ଙ୍କ ବିଭାଗୀୟ ଅନୁମତି କରାଇଦେବାଲାଗି କଂଗ୍ରେସ ସରକାର ସମୟରେ କାର୍ତ୍ତି ବହୁ କମ୍ପାନୀ ଠାରୁ ପ୍ରାୟ ୫୦୦କୋଟି ଟଙ୍କା ଲାଞ୍ଚ ନେଇଥିଲେ । ଏସବୁ କରିବାପାଇଁ କାର୍ତ୍ତି କେତେକ କମ୍ପାନୀ ମଧ୍ୟ ଖୋଲିଥିଲେ । ୨୦୧୨ଯାଏ ଅନେକ କମ୍ପାନୀର ମାଲିକାନା କାର୍ତ୍ତିଙ୍କ ନାମରେ ରହିଥିଲା ।

ଲାଲୁ ଯାଦବଙ୍କ ପରି କଂଗ୍ରେସ ନେତା ପି.ଚିଦାମ୍ବରମ୍ ନିଜ ପୁତ୍ରକୁ ଶତକଡା ଶହେ ଠିକ୍ ବୋଲି ସାର୍ଟିଫିକେଟ୍ ଦେଇ ସମର୍ଥନ କରୁଥିଲାବେଳେ କାର୍ତ୍ତିଙ୍କ ବିରୋଧରେ ଅପରାଧ ଷଡଯନ୍ତ୍ର ପାଇଁ ୧୨୦ବି, ଠକାମୀ ପାଇଁ ଧାରା ୪୨୦, ଲାଞ୍ଚପାଇଁ ଧାରା ୮, ଭ୍ରଷ୍ଟାଚାର ଅପରାଧ ପାଇଁ ଧାରା ୩(୨) ଅଭିଯୋଗ ହୋଇଛି ।

ଖବରରୁ ଯାହା ଜଣାପଡିଛି ୨୧ଟି ବିଦେଶୀ ବ୍ୟାଙ୍କରେ କାର୍ତ୍ତିଙ୍କ ଜମାଖାତା ରହିଛି । ବ୍ରିଟେନରେ ତାଙ୍କ ନାମରେ ଏକ ବଡ ବଙ୍ଗଳା ରହିଛି । ବ୍ରିଟେନରେ ତାଙ୍କର ୮୮ଏକରର ଏକ ଫାର୍ମହାଉସ ରହିଛି । ବିଦେଶରେ ଦୁବାଇ,ଦକ୍ଷିଣ ଆଫ୍ରିକା, ଫିଲିପାଇନ୍‌ସ, ଶ୍ରୀଲଙ୍କା, ମାଲେସିଆ, ସିଙ୍ଗାପୁର, ଥାଇଲାଣ୍ଡ, ବ୍ରିଟେନର ଭର୍ଜିନ ଆଇଲାଣ୍ଡ, ଆମେରିକା, ଫ୍ରାନସ, ଗ୍ରୀସ୍, ସ୍ୱିଜରଲାଣ୍ଡ ଓ ସ୍ପେନର ରିଅଲ ଇଷ୍ଟେଟ୍ ସଂସ୍ଥାଗୁଡିକରେ ପ୍ରାୟ ୩୦୦କୋଟି ଡଲାର ପୁଞ୍ଜି କାର୍ତ୍ତିଙ୍କ ପକ୍ଷରୁ ନିବେଶ କରାଯାଇଛି । ଶ୍ରୀଲଙ୍କାର ଲାଣ୍ଡ୍ ରେସିଡେନ୍‌ସୀ ଫରଚୁନିୟନ୍‌ର ମାଲିକାନା କାର୍ତ୍ତିଙ୍କ ନାମରେ ରହିଛି । ଦକ୍ଷିଣ ଆଫ୍ରିକାର ୩ଟି ଫାର୍ମରେ କାର୍ତ୍ତିଙ୍କ ମାଲିକାନା ରହିଛି । ଟେନିସ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ ଏକ ଦଳର ମାଲିକାନା କାର୍ତ୍ତିଙ୍କ ନାମରେ ରହିଛି । ଏହାକୁ କେନ୍ଦ୍ରକରି ଅତୀତ ଦିନରେ ୧ମାର୍ଚ୍ଚ ୨୦୧୭ରେ ଏଆଇଡିଏମ୍‌କେର ସାଂସଦମାନେ ଏଆରସେଲ-ମାକ୍‌ସିସ ମାମଲାରେ କାର୍ତ୍ତିଙ୍କ ଗିରଫ କରାଯିବା ପାଇଁ ଦାବିକରି ସଂସଦ ଅଚଳ କରିଥିଲେ । ସେମାନେ ସମ୍ବାଦପତ୍ରରେ ପ୍ରକାଶିତ ଅଭିଯୋଗଗୁଡିକୁ ମଧ୍ୟ ପ୍ରଦର୍ଶିତ କରି ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଦାବି କରିଥିଲେ । ଏହି ଏଆରସେଲ- ମାକସିସ୍ କମ୍ପାନୀ ମାମଲାରେ ଗତବର୍ଷ ପୂର୍ବତନ ମନ୍ତ୍ରୀ ତଥା ଡିଏମ୍‌କେର ପ୍ରମୁଖ କରୁଣାନିଧିଙ୍କ ଭଣଜା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ମୁରସୋଲି ମାରନ୍‌ଙ୍କ ପୁତ୍ର ଦୟାନିଧି ଏବଂ କଳାନିଧିଙ୍କୁ ଜେରା କରାଯାଇଥିଲା । ୨୦୧୨ରେ ରାଜ୍ୟସଭାର ତତ୍‌କାଳୀନ ବିରୋଧୀ ଦଳ ନେତା ଅରୁଣ ଜେଟଲୀ ଏଆରସେଲଠାରୁ ଚିଦାମ୍ବରମ୍ ପରିବାର ଅର୍ଥନେବା ଅଭିଯୋଗ ଆଣିଥିଲେ । ଏହି ଦେଣନେଣ ମାଲେସିଆର ମାକ୍‌ସିସ କମ୍ପାନୀ ଦ୍ୱାରା ଏଆରସେଲରେ ପୁଞ୍ଜିନିବେଶ ଓ ମାଲିକାନା ପରିବର୍ତ୍ତନର ପୂର୍ବରୁ ହୋଇଥିଲା ।

କଂଗ୍ରେସ ସରକାର କାଳରେ ୨୦୦୬ରେ ଏଆରସେଲ କମ୍ପାନୀର ମାଲିକାନା ହସ୍ତାନ୍ତରଣ ମାମଲାଟି ତତ୍‌କାଳୀନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍‌ଙ୍କ ନିକଟରେ ଥିଲା । ୭ମାର୍ଚ୍ଚ ୨୦୦୬ରେ ମାଲେସିଆର କମ୍ପାନୀ ମାକ୍‌ସିସକୁ ଭାରତର କମ୍ପାନୀ ଏଆରସେଲରେ ପୁଞ୍ଜିନିବେଶ କରିବାଲାଗି ଅନୁମତି ପ୍ରଦାନ କାର୍ଯ୍ୟ ମନ୍ତ୍ରୀ ଚିଦାମ୍ବରମ୍ କରିଥିରେ । କାର୍ତ୍ତିଙ୍କ ଏଡଭାଣ୍ଟେଜ୍ ଷ୍ଟ୍ରାଟେଜିକ୍ କନ୍‌ସଲଟିଂ ଏହି କାର୍ଯ୍ୟ କରାଇବା ପାଇଁ ଅର୍ଥ ଲାଞ୍ଚ ନେଇଥିଲା । କିନ୍ତୁ କାର୍ତ୍ତି ଏହି ମାମଲାସହ ନିଜର କୌଣସି ପ୍ରକାର ସଂପର୍କ ନଥିବା କହିଛନ୍ତି ।

୧ ଡିସେମ୍ବର ୨୦୧୫ରେ ଆୟକର ବିଭାଗ ପକ୍ଷରୁ କାର୍ତ୍ତିଙ୍କ କମ୍ପାନୀଗୁଡିକ ଉପରେ ଏକକାଳୀନ ଚଢାଉ କରାଯାଇଥିଲା । ସେହି ଚଢାଉ ସମୟରେ ମିଳିଥିବା କାଗଜପତ୍ର ଯାଞ୍ଚ କରାଯିବା ପରେ ଜଣାପଡିଲା ଯେ ୨୦୦୬-୨୦୧୧ ମଧ୍ୟରେ କାର୍ତ୍ତି ଅମାପ ସଂପତ୍ତିର ଅଧିକାରୀ ହୋଇଥିଲେ । ଏହିସବୁ ଦେଣନେଣ, ସଂପତ୍ତିର କ୍ରୟ ଓ ଅଧିଗ୍ରହଣ ଆଦି ସିଙ୍ଗାପୁରର ଏଡଭଣ୍ଟେଜ୍ ଷ୍ଟ୍ରାଟେଜିକ୍ ପ୍ରା.ଲିମିଟେଡ୍ ମାଧ୍ୟମରେ କରାଯାଇଥିଲା । କାର୍ତ୍ତିଙ୍କ ଏହି କମ୍ପାନୀ ଶ୍ରୀଲଙ୍କାରେ ଥିବା ଏକ ବଡ ରିସର୍ଟ ଲଙ୍କା ଫର୍ଚୁନ ରେସିଡେନସୀଜ୍‌ର ଅଧିକାଂଶ ଅଂଶଧନକୁ କିଣିଥିଲା । ଏହାଛଡା ଶ୍ରୀଲଙ୍କାର ଏକ ବିଉସଂସ୍ଥା ୟୁନିଅନ ଡେଭଲପମେଣ୍ଟ ଏଣ୍ଡ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ପ୍ରା.ଲିମିଟେଡ୍‌ରେ ପୁଞ୍ଜିନିବେଶ ହୋଇଥିବା ସଂପର୍କରେ କାଗଜପତ୍ର ମିଳିଥିଲା । କାର୍ତ୍ତିଙ୍କ ସିଙ୍ଗାପୁରସ୍ଥିତ ସଂସ୍ଥା ଦକ୍ଷିଣ ଆଫ୍ରିକାର ଅଙ୍ଗୁର ସ୍ଥିତ ତିନ୍‌ବାଗ ଏବଂ ଫାର୍ମଗ୍ରେବୀଠାରେ ଥିବା ରୋବେ ଫାର୍ମ, ଏସନସ୍ଥିତ କେପ୍ ଆର୍କିଡ ଏଣ୍ଡ ବିନିୟାର୍ଡସ ପ୍ରା.ଲି, ଷ୍ଟଡ ଫାର୍ମ ଜେଣ୍ଡୱିଲିଟ୍ ଏଣ୍ଟରପ୍ରାଇଜେସକୁ କିଣିଥିଲା । ଯେଉଁଥିପାଇଁ ଦୁବାଇ ରାସ୍ତାରେ ଅର୍ଥ ଯୋଗାଣ ହୋଇଥିଲା । କାର୍ତ୍ତିଙ୍କ ସିଙ୍ଗାପୁରସ୍ଥିତ କମ୍ପାନୀ ଦକ୍ଷିଣ ଆଫ୍ରିକାର ନିକୋଲସ ଷ୍ଟେନ ଏଣ୍ଡ ଏସୋସିଏଟସ ସହ ଅର୍ଥ ଦେଣନେଣ କରିଥିଲା । ଦୁବାଇର ଡେଜର୍ଟ ଡ୍ୟୁନସ ପ୍ରା.ଲି କାର୍ତ୍ତିଙ୍କ ସିଙ୍ଗାପୁର ସଂସ୍ଥାରେ ପୁଞ୍ଜିନିବେଶ କରିଥିଲା । ଏଥିପାଇଁ ୧୭ଲକ୍ଷ ସିଙ୍ଗାପୁର ଡଲାର ଦେଣନେଣ ହୋଇଥିଲା ।

ପିଟର ମୁଖାର୍ଜୀଙ୍କ ଆଇଏନ୍‌ଏକସ୍ ମିଡିଆ ୨୦୦୭ରେ ଆରମ୍ଭ ହୋଇଥିଲା । ଏଥିରେ ବିଦେଶୀ ପୁଞ୍ଜିନିବେଶ ପାଇଁ ମୁଖାର୍ଜୀ ଚାହୁଁଥିଲେ । ସେଥିପାଇଁ ସେ ବିଦେଶୀ ପୁଞ୍ଜିନିବେଶ ଅନୁମତି ପାଇଁ ବୋର୍ଡ ପାଖକୁ ଗଲେ । କାରଣ ଏଫଆଇପିବିର ବିନା ଅନୁମତିରେ ବିଦେଶରୁ ପୁଞ୍ଜି ଅଣାଯାଇପାରେ ନାହିଁ । ବୋର୍ଡ ନିୟମ ଅନୁସାରେ ମୁଖାର୍ଜୀଙ୍କ କମ୍ପାନୀ ମାତ୍ର ୪କୋଟି ୬୨ଲକ୍ଷ ଟଙ୍କା ପୁଞ୍ଜିନିବେଶ ଅନୁମତି ପାଇବା କଥା । କିନ୍ତୁ ମୁଖାର୍ଜୀ କାର୍ତ୍ତିଙ୍କ ମାଧ୍ୟମରେ ଋପପ୍ରୟୋଗ କରି ୩୦୦କୋଟି ଟଙ୍କାର ପୁଞ୍ଜିନିବେଶ ବିଦେଶରୁ ଆଣିବାଲାଗି ଅନୁମତି ଲାଭ କଲେ, ଯାହା ଥିଲା ସଂପୂର୍ଣ୍ଣ ବେଆଇନ । ଏହି ଜାଲିଆତି ବିଷୟ ୨୦୦୮ରେ ଆୟକର ବିଭାଗ ଜାଣିପାରିଲା । ଏଥିପାଇଁ ଏଫଆଇପିବିଠାରୁ ଉତ୍ତର ମଗାଯାଇଥିଲା । ଆଇଏନ୍‌ଏକସ୍ ମିଡିଆକୁ ଯାଞ୍ଚ କରାଯାଇଥିଲା । ତେବେ ମୁଖାର୍ଜୀ ମାମଲାକୁ ଦଫାରଫା କରିବାକୁ କାର୍ତ୍ତିଙ୍କୁ ମାଧ୍ୟମ କରି ସଫଳ ହୋଇଥିଲେ । ଏଣେ ଋପପ୍ରୟୋଗ କରାଯାଇ ପିଟରଙ୍କ ଦୁର୍ନୀତିକୁ ଋପି ଦିଆଗଲା । ଏଥିପାଇଁ ପିଟର ଚେସ ମାନେଜମେଣ୍ଟ ସର୍ଭିସ ପ୍ରା.ଲିମିଟେଡ୍ ମାଧ୍ୟମରେ କାର୍ତ୍ତିଙ୍କୁ ଅର୍ଥପ୍ରଦାନ କଲେ । କାରଣ ଉକ୍ତ କମ୍ପାନୀର ନିର୍ଦ୍ଦେଶକ କାର୍ତ୍ତି ଥିଲେ ।

ଏହିପରି ଅନ୍ୟ ଏକ ୨୦୦୮ର ମାମଲାକୁ ବିଚାରକୁ ନିଆଯାଉ । ଟେଲିଭିଜନ କମ୍ପାନୀ ନେଟୱାର୍କ-୧୮ର ମାଲିକାନା ସେ ସମୟରେ ସାମ୍ବାଦିକ ରାଜଦୀପ ସରଦେଶାଇ ଓ ରାଘବ ବହଲଙ୍କ ହାତରେ ରହିଥିଲା । ସେମାନେ ମଧ୍ୟ ପିଟରଙ୍କ ପରି ବିଦେଶରୁ ଅର୍ଥ ଆଣିବାକୁ ଋହୁଁଥିଲେ । ସେମାନଙ୍କୁ ମଧ୍ୟ କାର୍ତ୍ତିଙ୍କ ମାଧ୍ୟମରେ ଅନୁମତି ମିଳିଗଲା । ସେଥିପାଇଁ ନେଟୱାର୍କ-୧୮ର ମାଲିକଙ୍କୁ ୨୫କୋଟି ଟଙ୍କା କାର୍ତ୍ତିଙ୍କୁ ଦେବାକୁ ହୋଇଥିଲା । ପିତା ଚିଦାମ୍ବରମ୍‌ଙ୍କ ମନ୍ତ୍ରିତ୍ୱ କାଳରେ ପୁତ୍ର କାର୍ତ୍ତି ବୋର୍ଡଠାରୁ ଆରମ୍ଭ କରି କ୍ୟାବିନେଟ କମିଟି ପର୍ଯ୍ୟନ୍ତ ସବୁଠାରେ ହସ୍ତକ୍ଷେପ କରିବାକୁ ଠିକା ନେଇଥିଲେ । ତେଣୁ ଲକ୍ଷ୍ମୀ ମିତ୍ତଲଙ୍କ ଠାରୁ ଆରମ୍ଭ କରି ବିଜୟ ମାଲ୍ୟାଙ୍କ ପରି ଲୋକେ କାର୍ତ୍ତିଙ୍କ ଘରେ ଅନେକ ସମୟରେ ଦେଖିବାକୁ ମିଳୁଥିଲେ । କାର୍ତ୍ତି ଅନେକ ଜାଲିଆତି କାର୍ଯ୍ୟ ଭିନ୍ନ ଭିନ୍ନ କମ୍ପାନୀ ନାମରେ ଋଲୁ ରଖିଥିଲେ । ପରେ ଗଣମାଧ୍ୟମରେ ଏ ବିଷୟ ଲୋକଲୋଚନକୁ ଆସିବାପରେ ୨୦୧୨ରେ ଅନେକ କମ୍ପାନୀର ମାଲିକାନା ହସ୍ତାନ୍ତରିତ କରିଥିଲେ । ତେବେ ହସ୍ତାନ୍ତରଣ ପରେ ଚିଦାମ୍ବରମ୍ ପରିବାରର ନିକଟ ଲୋକଙ୍କ ନାମରେ ଏହିସବୁ କମ୍ପାନୀ ରହିଲା । ସେମାନେ କାର୍ତ୍ତିଙ୍କ ମାର୍ଗଦର୍ଶନ କ୍ରମେ କାର୍ଯ୍ୟ କରିବାକୁ ଲାଗିଲେ । କାର୍ତ୍ତିଙ୍କ ଏଡଭାଣ୍ଟେଜ୍‌ର ସିଙ୍ଗାପୁର ଶାଖା ଫିଲିପାଇନସର କମ୍ପାନୀ ଏସ୍ଏମ୍ ଏରିନା କଂପ୍ଲେକ୍ସ କର୍ପୋରେସନ, ସ୍ପୋର୍ଟସ ଏଣ୍ଟରଟେନମେଣ୍ଟ ଇଭେଣ୍ଟସ ଏଣ୍ଡ ମାନେଜମେଣ୍ଟ ସହ ମିଶି ଇଣ୍ଟରନେସନାଲ ପ୍ରିମିଆର ଟେନିସ ଲିଗର ଫ୍ରାଞ୍ଚାଇଜ୍ ଲାଭ କରିବା ପାଇଁ ବୁଝାମଣା କରିଥିଲା । କାର୍ତ୍ତିଙ୍କ ସଂସ୍ଥା ସିଙ୍ଗାପୁରର ଅନ୍ୟ ଏକ ରିଅଲ ଇଷ୍ଟେଟ କମ୍ପାନୀ ରିଅଲ ବିୟୋଣ୍ଡ ପ୍ରା ଲିମିଟେଡ୍ ସହ ବୁଝାମଣା କରିଥିଲା । ଏହି କମ୍ପାନୀର ମାଲେସିଆରେ ୩ଟି ଶାଖା ରହିଛି । ଏଥିରୁ ମିଳିଥିବା ଅର୍ଥରେ ଥାଇଲାଣ୍ଡରେ ଜମି କିଣା ବାବଦକୁ ୧୬ଟି ବୁଝାମଣା ହୋଇଥିଲା ।


ଯାଞ୍ଚରୁ ଜଣାପଡିଥିଲା ଯେ କାର୍ତ୍ତିଙ୍କ ସିଙ୍ଗାପୁର କମ୍ପାନୀ ବ୍ରିଟିସ ଭର୍ଜିନ ଆଇଲାଣ୍ଡ (ବିବିଆଇ) ରେ ଏକ ସଂସ୍ଥା ସମରସେଟ ସର୍ଭିସେସ ଲିମିଟେଡ୍ ଆରମ୍ଭ କରିଥିଲା । ଏହି ସଂସ୍ଥା ଭର୍ଜିନ ଆଇଲାଣ୍ଡରେ ଫୁଲ ଇନୋଭେସନ୍ ଲିମିଟେଡ୍ ନାମକ ସଂସ୍ଥାରେ ୪ଲକ୍ଷ ଡଲାର ପୁଞ୍ଜିନିବେଶ କରିଥିଲା । ସ୍ୱିଜରଲ୍ୟାଣ୍ଡରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଅନ୍ୟ ଏକ ସଂସ୍ଥା ଗିବେନ ଟ୍ରେଡିଙ୍ଗ ଲିମିଟେଡ୍ ସହ ଆର୍ଥିକ ବୁଝାମଣା ହୋଇଥିଲା । ସିଙ୍ଗାପୁରର ଅନ୍ୟ ଏକ କମ୍ପାନୀ ୟୁନିଅନ୍ ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟ ଲିମିଟେଡ୍ ସହ ୫ଲକ୍ଷ ସିଙ୍ଗାପୁର ଡଲାରର ଦେଣନେଣ କାର୍ତ୍ତିଙ୍କ ସଂସ୍ଥା କରିଥିଲା । ମାନିଲା ମାଭେରିକ୍ସ ଟେନିସ ଦଳକୁ କିଣିବା ଲାଗି ୧୨ଲକ୍ଷ ଆମେରିକୀୟ ଡଲାର ୧୦ଟି କିସ୍ତିରେ ଗ୍ରେବିଟାସ ଇନଭେଷ୍ଟମେଣ୍ଟ ଏବଂ ମ୍ୟାଚ ପଏଣ୍ଟ ଇଣ୍ଟରନେସନାଲ ଟେନିସ ଇଭେଣ୍ଟସ ସଂସ୍ଥାକୁ କାର୍ତ୍ତିଙ୍କ କମ୍ପାନୀ ଦେଇଥିଲା ।

ମାଲେସିଆରେ ୧୯ଲକ୍ଷ ମାଲେସିଆ ମୁଦ୍ରା ମାଧ୍ୟମରେ କାର୍ତ୍ତିଙ୍କ କମ୍ପାନୀ ଘର କିଣିଥିଲା । ଏପରିକି ସେଠାରେ କେଫେ କଫି ଡେ ର କେତେକ ଫ୍ରାଞ୍ଚାଇଜ କାର୍ତ୍ତିଙ୍କ କମ୍ପାନୀ ନେଇଥିବା ଜଣାପଡିଛି । କାର୍ତ୍ତିଙ୍କ ସିଙ୍ଗାପୁର କମ୍ପାନୀ ଚେନ୍ନାଇର ରିଜର୍ଭ ବିଜନେସ୍ ଏଡଭାଣ୍ଟେଜ୍ ଚେକିଂ ମାଧ୍ୟମରେ ବ୍ୟାଙ୍କ ଅଫ ଆମେରିକାର ଏକ ଜମାଖାତାରେ ୫୦,୦୦୦ଡଲାର ପଠାଇଥିଲା । ଏହା ନିଉୟର୍କର ଡେଲାୱେର କର୍ପୋରେସନ କମ୍ପାନୀ ସହ ସଂପର୍କୀତ କିଚେନ ଇଙ୍କର ଜମାଖାତାକୁ ଯାଇଥିଲା, ଯାହାକି ପରିବର୍ତ୍ତନୀୟ ମୁଦ୍ରା ଜାରି କରିଥାଏ ।

ପି. ଚିଦାମ୍ବରମ୍‌ଙ୍କର ମନ୍ତ୍ରିତ୍ୱର ୧୦ବର୍ଷରେ ପୁତ୍ର କାର୍ତ୍ତି ୧୪ଟି ଦେଶରେ ଶହଶହ କୋଟି ସଂପତ୍ତିର ମାଲିକ ହୋଇଥିଲେ । ଆୟକର ବିଭାଗ ଅଭିଯୋଗର ୨୦୦ ପୃଷ୍ଠାରେ ବିସ୍ତୃତ ଭାବରେ ଏ ସଂପର୍କରେ ବର୍ଣ୍ଣନା କରାଯାଇଛି । ପି.ଚିଦାମ୍ବରମ୍ ପୁଅ ସଂପର୍କରେ ମୁହଁଟାଣ କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି ବୋଲି କହୁଥିଲା ବେଳେ ଏବେ ଯାଞ୍ଚର ବଜ୍ରବାଣ ଆଗାମୀ ଦିନରେ ଯେ ତାଙ୍କ ନିଦ ହଜାଇଦେବ ଏହା ନିଃସନ୍ଦେହରେ କୁହାଯାଇପାରେ ।

*ଭାରତୀୟ ସମ୍ବାଦ ସେବା*
*ଭୁବନେଶ୍ୱର*

# ମାନବିକତା



ମନୋରଞ୍ଜନ ପଣ୍ଡା

ଆଜିର ମଣିଷ ଧିରେ ଧିରେ ଭୁଲିବାକୁ ଲାଗିଲାଣି ମାନବିକତା। ଦୟା, ପ୍ରେମ ଓ କ୍ଷମାର ସଜ୍ଞା। କମିବାକୁ ଲାଗିଲାଣି ଉତ୍ତମ ବ୍ୟକ୍ତିତ୍ୱ ମାନଙ୍କର ସଂଖ୍ୟା। ବିକାଶ ନାଁରେ ବିନାଶକୁ ଆମନ୍ତ୍ରଣ କରି ତଥାପି ଉଚ୍ଚ ସ୍ୱରରେ କହି ବୁଲୁଛେ ଆମେ ସବୁଠାରୁ ଶ୍ରେଷ୍ଠ। ତେବେ ଆମର ଶ୍ରେଷ୍ଠତ୍ୱ କ'ଣ ଏବେ କୁତ୍ସିତ ଚିନ୍ତାଧାରାର ପ୍ରବେଶ ସତେଯେମିତି ସମାଜକୁ ନିମ୍ନ ସ୍ତରକୁ ନେଇଯାଉଛି। କିଛି ଉତ୍ତମ ଚିନ୍ତାଧାରା ବ୍ୟକ୍ତି ଦ୍ୱାରା ସମାଜ ଦୁଇପାଦ ଆଗକୁ ଯାଉଥିବା ସମୟରେ ନିମ୍ନ ମାନସିକଧାରୀ ବ୍ୟକ୍ତିମାନଙ୍କ ଦ୍ୱାରା ପୁଣି ଛଅ ଦାପ ପଛକୁ ଚାଲି ଆସୁଛି। ତେବେ ମଣିଷର ମଣିଷ ପଣିଆ ବା ଆସିବ କିପରି। ସମାଜ ବ୍ୟବସ୍ଥା ଓ ମଣିଷ କେବେ, କେମିତି ସୁଧୁରିପାରିବ ତାହା ଆଜିର ପ୍ରଶ୍ନବାଚୀ। ବିକାଶ ନାଁଆରେ ହେଉଥିବା ବିନାଶକୁ କେତେଦିନ ଆମ୍ଭେ ପ୍ରଶୟ ଦେଇଚାଲିଥିବା ? ପ୍ରତିଟି କ୍ଷେତ୍ରରେ ସ୍ପଷ୍ଟ ଭାବରେ ବାରି ହୋଇଯାଉଛି ଦୁର୍ନୀତିର ଗନ୍ଧ। ଯାହାକୁ ଶାସନ ଗାଦିରେ ବସାଇଛେ ସେଠି ବି ଦୁର୍ନୀତି ହିଁ ଦୁର୍ନୀତି। ଏହାର ପରିଣତି କ'ଣ ଓ କେତେଦିନ ଚାଲିବ ଏଭଳି ? ମନୁଷ୍ୟ ମନରେ ଭରିରହିଥିବା ଦୟା, ପ୍ରେମ, ସ୍ନେହ ଓ କ୍ଷମା ଆଜି ହଠାତ ଉଭେଇ ଯାଇଛି କାହିଁକି ? ଏହାର କ'ଣ ପରିବର୍ତ୍ତନ ସମ୍ଭବ ନୁହେଁ ? କିଏ କରିବ ପରିବର୍ତ୍ତନ। ଅନେକ ଥର ମୋ ମନରେ ବାରମ୍ବାର ଏହିସବୁ ପ୍ରଶ୍ନଗୁଡିକ ଉଙ୍କି ମାରିଥାଏ ମାତ୍ର ଏଗୁଡିକର ଉତ୍ତର ପାଇପାରେନି। ପୁଣି ମନରେ ଭାବେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ଯିଏକି କେବଳ ଦୁର୍ନୀତି ବିରୁଦ୍ଧରେ ଲଢ଼େଇ କରୁଥାଏ ବୋଲି ଆମ୍ଭେମାନେ କହିବୁଲୁଛେ ଏହା କ'ଣ ପ୍ରକୃତରେ ସତ ? କହିବାକୁ ଗଲେ ଗଣମାଧ୍ୟମ ଅପେକ୍ଷା ଏଥିରେ କାର୍ଯ୍ୟରତ ଥିବା ସାମ୍ବାଦିକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବାରେ ସାମ୍ବାଦିକମାନେ ହିଁ କେବଳ ସହାୟକ ହୋଇପାରିବେ। ମାତ୍ର ବୁଝିପାରେନି ମୁଁ। ସାମ୍ବାଦିକ ପରି ଗୁରୁଦାୟିତ୍ୱରେ ଥିବା ବ୍ୟକ୍ତିମାନେ ସାମ୍ବାଦିକତାର ଅର୍ଥ କ'ଣ ବୁଝିଥାନ୍ତି। କେବଳ ଖବର ସଂଗ୍ରହ କରିବା ନା ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା, ସ୍ୱର ଉତ୍ତୋଳନ କରିବା। ଯଦି ସେମାନେ ତାଙ୍କର କାର୍ଯ୍ୟକୁ କେବଳ ଖବର ସଂଗ୍ରହ କରିବା ମଧ୍ୟରେ ସୀମିତ ରଖିବେ ତେବେ ଏ ସମାଜ ଅପେକ୍ଷା କରି ରହିଥିବା ଏକ ବିରାଟ ପରିବର୍ତ୍ତନର ସାମ୍ନା କରିପାରିବ ନାହିଁ। ଅନ୍ୟ ପକ୍ଷରେ ଯଦି ସେମାନଙ୍କ ପାଇଁ ସାମ୍ବାଦିକତାର କାର୍ଯ୍ୟ ଦୁର୍ନୀତି ବିରୁଦ୍ଧରେ ଲଢ଼େଇ କରିବା ହୁଏ ତେବେ କାହିଁକି ଦିନକୁ ଦିନ ବଢ଼ିବାରେ ଲାଗିଛି ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତିର ମାତ୍ରା। ଏଥିପାଇଁ କାହାରିକୁ ଦୋଷ ଦେଇ ନିଜେ ଖସିଗଲେ ଚଳିବ ନାହିଁ। ପ୍ରତିଟି ମନୁଷ୍ୟ ନିଜକୁ ଏଥିପାଇଁ ଦାୟୀ କରିବା ଆବଶ୍ୟକ ଏବଂ ମନେ ରଖିବା ଉଚିତ ଯେ, ବିନ୍ଦୁ ବିନ୍ଦୁ ଜଳ ବୁନ୍ଦାରେ ବିଶାଳ ସିନ୍ଧୁର ସୃଷ୍ଟି ହୋଇଥାଏ। ତେଣୁ ପ୍ରତିଟି ମନୁଷ୍ୟ ଏଥିପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ମାନବିକତାକୁ ଆପଣେଇବା ଆବଶ୍ୟକ। ସାହାଯ୍ୟ ନିମନ୍ତେ ହାତ ବଢ଼ାଉଥିବା ଲୋକଯିକୁ ସହାୟତା ବଦଳରେ ବିପତ୍ତି ମୁହଁକୁ ଠେଲି ଦେବା ନୀତିକୁ ପରିତ୍ୟାଗ କରିବା ଉଚିତ। ଯାହାଫଳରେ କି ପୁଣିଥରେ ସୁନ୍ଦର ଓ ସୁସ୍ଥ ସାମଜ ଗଠନ ସମ୍ଭବପର ହୋଇପାରିବ। ଯେଉଁଠି କି ଉପସ୍ଥିତ ଥିବ ଦୟା, କ୍ଷମା, ପ୍ରେମ ଓ ସହାନୁଭୂତି ଆଦିର। ତେବେ କ'ଣ ଏଥିପାଇଁ ଆହୁରି ଶହ ଶହ ବର୍ଷ ଅପେକ୍ଷା କରିବାକୁ ପଡିବ ନା ଏହା ଆଗକୁ କଦାପି ସମ୍ଭବପର ହେବନାହିଁ। ସେ ଯାହା ହେଉନା କାହିଁକି ଏବେ ମୋ ମନରେ ଆଶା ଓ ବିଶ୍ୱାସ ଅଛି ଏହା ନିଶ୍ଚୟ ଆଗାମୀ ଦିନରେ ସମ୍ଭବପର ହେବ।

*କିଆପଲ୍ଲୀ, ବାଙ୍କୀ*
*ମୋ-୮୧୧୪୩୦୪୬୭୮*

# ରକ୍ଷାର ପ୍ରତିଶ୍ରୁତି ରାକ୍ଷୀ



ଅମିନୀଲୁ ରାୟ

କେଉଁ ଆଦିମ କାଳରୁ ଭାଇ ଭଉଣୀଙ୍କ ମଧ୍ୟରେ ଥିବା ରକ୍ତର ସମ୍ପର୍କ ସମ୍ପୂର୍ଣ୍ଣ ନିଆରା ଓ ପବିତ୍ର । ଦେଖିବାକୁ ଗଲେ ଭଉଣୀଟିଏ ମାଆ ନ ହୋଇ ବି ମା'ଟିଏ ପରି ଭାଇର ଯତ୍ନ ନେଇଥାଏ । ଠିକ୍ ସେହିପରି ପିତା ନ ହୋଇ ଭାଇ ମଧ୍ୟ ଭଉଣୀକୁ ପ୍ରତିଟି କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିଥାଏ । ଏମିତିକି ଜୀବନସାଥୀ ତଥା ବନ୍ଧୁଟିଏ ପରି ଭାଇ ଭଉଣୀର ମନ ତଳର ଅକୁହା କଥା ବୁଝିପାରିଥାଏ । ତେଣୁ ଉକ୍ତ ସମ୍ପର୍କ ସବୁଠାରୁ ଅନନ୍ୟ ଅଟେ । ବାପାମାଆ ଝିଅଟିକୁ ଶାଶୁଘରକୁ ପଠାଇସାରିବା ପରେ ତାଙ୍କର ଚିନ୍ତା ଏତିକିରେ ସରିନଥାଏ । ମୃତ୍ୟୁ ବେଳକୁ ସେମାନେ ଭାଇ ହାତରେ ହିଁ ଭଉଣୀର ସମସ୍ତ ଦାୟିତ୍ୱ ଓ କର୍ତବ୍ୟ ଦେଇଯାଆନ୍ତି । ଜୀବନଯାକ ପର୍ବପର୍ବାଣୀ ହେଉ କି ମହୋତ୍ସବ, ଏମିତିକି ବିଭିନ୍ନ ସମୟରେ ଭାଇ ହିଁ ସାହାରା ହୋଇ ତା ଶାଶୁଘରେ ଠିଆ ହୁଏ । ତେଣୁ ସାରାଜୀବନ ଏହି ପ୍ରତିଜ୍ଞା ରକ୍ଷା କରିବାକୁ ଯାଇ ଭଉଣୀ ଅତି ସରାଗରେ ତା ଭାଇ ହାତରେ ବାନ୍ଧିଦିଏ ରେଶମୀ ସୂତାରେ ପ୍ରସ୍ତୁତ ଏଇ ରାକ୍ଷୀଟିକୁ । ସେହି ଡୋରିରେ ବାନ୍ଧିହୋଇ ଭାଇ ହୋଇଯାଏ ପ୍ରତିଜ୍ଞାବଦ୍ଧ । ତେଣୁ ଉକ୍ତ ଦିନ ସକାଳୁ ସକାଳୁ ନିତ୍ୟକର୍ମସାରି ଭଉଣୀ ଅତି ଶ୍ରଧାରେ ବନ୍ଦାପନ୍ନା ଥାଳି ସଜାଡି ଦୀପ, ଧୂପ, ଚନ୍ଦନ, ସିନ୍ଦୂରରେ ବନ୍ଦାପନ୍ନା କରି ଭାଇକୁ ପିନ୍ଧାଇଦିଏ ରକ୍ଷା କବଚ ସ୍ୱରୂପ ଏଇ ରାକ୍ଷୀଟି । ଦୁହେଁ ମିଠା ଖୁଆଖୁଇ ହେବା ସହ ଭଉଣୀକୁ ଖୁସିରେ ରଖିବା ପାଇଁ ଭାଇମାନେ ସ୍ନେହର ନିଦର୍ଶନ ସ୍ୱରୂପ କିଛି ନା କିଛି ଉପହାର ପ୍ରଦାନ କରିଥାନ୍ତି । ତେଣୁ ଆଜିର ଏହି ପବିତ୍ର ରକ୍ଷା ବନ୍ଧନ ଉତ୍ସବରେ ଭାଇ ଭଉଣୀଙ୍କ ସଂପର୍କର ଅତି ବାସ୍ତବ ଚିତ୍ର ଏହିପରି ଭାବେ ଚିତ୍ରଣ କରାଯାଇପାରେ । ପୌରାଣିକ କଥାବସ୍ତୁ ଅନୁଯାୟୀ ଦୀର୍ଘ ୧୨ ବର୍ଷ ଧରି ଦେବତା ଓ ଅସୁରଙ୍କ ମଧ୍ୟରେ ଯୁଦ୍ଧ ଲାଗିରହିଲା ଏବଂ ଶେଷରେ ଅସୁରମାନେ ଦେବତାମାନଙ୍କୁ ପରାସ୍ତ କଲେ । ସେତେବେଳେ ସ୍ୱର୍ଗର ରାଜା ଇନ୍ଦ୍ର ତାଙ୍କର ପ୍ରଧାନ ଶତ୍ରୁ ବୃତାସୁରକୁ ଯୁଦ୍ଧରେ ପରାସ୍ତ କରିବା ସଙ୍ଗେ ସଙ୍ଗେ ଅନ୍ୟ ଅସୁରମାନଙ୍କୁ ମଧ୍ୟ ପରାସ୍ତ କରିବା ସହଜ ହେବ ବୋଲି ବିଚାର କରି ଯୁଦ୍ଧ କରିବାକୁ ଅଗ୍ରସର ହେଲେ । ସେହି ସମୟରେ ଇନ୍ଦ୍ରାଣୀ ଏହି ଶ୍ରାବଣ ପୂର୍ଣ୍ଣିମା ଦିନ ତାଙ୍କ ହସ୍ତରେ ରାକ୍ଷୀଟିଏ ବାନ୍ଧିଥିଲେ ଓ ଯାହା ଫଳରେ ଇନ୍ଦ୍ର ଯୁଦ୍ଧରେ ବିଜୟଲାଭ କରିଥିଲେ । ପୁନଶ୍ଚ ଗୋପ ନଗରୀର ଗୋପୀମାନେ ମଧ୍ୟ ସେମାନଙ୍କର ସମସ୍ତ ବିପଦ ଆପଦରୁ ନିଜକୁ ରକ୍ଷା କରିବା ପାଇଁ କୃଷ୍ଣଙ୍କୁ ଅନୁରୋଧ କରି ତାଙ୍କ ହସ୍ତରେ ରାକ୍ଷୀ ବନ୍ଧନ କରିଥିଲେ । ଏ ଭବ ସଂସାରରୁ ଦୁଷ୍ଟମାନଙ୍କୁ ବିନାଶ ପୂର୍ବକ ତଥା ସାଧୁ ସନ୍ଥମାନଙ୍କ ପାଳନ ଓ ଧର୍ମ ସଂସ୍ଥାପନ ନିମନ୍ତେ ଭଗବାନ ପ୍ରତି ଯୁଗରେ ଅବତାର ଗ୍ରହଣ କରିଥାନ୍ତି । ତେଣୁ ଭଗବାନଙ୍କର ଏତାଦୃଶ ଧର୍ମରକ୍ଷା ଓ ସ୍ମୃତିରକ୍ଷା ନିମନ୍ତେ ଏଇ ପୁଣ୍ୟଭୂମି ଭାରତବର୍ଷରେ ସନାତନ ଧର୍ମ ଓ ସଂସ୍କୃତିର ମାନବ ଜାତି ଉଦ୍ଦେଶ୍ୟରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ଉକ୍ତ କିମ୍ବଦନ୍ତୀମାନ ଆମକୁ ଧର୍ମରକ୍ଷା ଦିଗରେ ସଚେତନ କରିବା ସହିତ ଦିଗ୍‌ଦର୍ଶନ ମଧ୍ୟ ଦେଇଥାଏ । ତେଣୁ ସଂକ୍ଷେପରେ କହିବାକୁ ଗଲେ ପ୍ରତ୍ୟେକ ପର୍ବପର୍ବାଣୀର କିଛି ନା କିଛି କିମ୍ବଦନ୍ତୀ ଓ ମର୍ମ ନିହିତ ଅଛି । ଶ୍ରାବଣ ମାସର ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ବା ପ୍ରଭୂ ବଳଦେବଜ୍ୟୁଙ୍କ ଜନ୍ମ ଦିବସ ରୂପେ ଆମେ ପାଳନ କରିଥାଉ । ଅନ୍ୟ ପକ୍ଷରେ ଏହି ଶ୍ରାବଣ ପୂର୍ଣ୍ଣିମାକୁ ଆମେ ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷା ବନ୍ଧନ ବୋଲି କହିଥାଉ ।

ଉକ୍ତ ପର୍ବରେ କୃତଜ୍ଞତା ପ୍ରଦର୍ଶନ ସ୍ୱରୂପ ଗୋ-ସେବା ଓ ପୂଜା କରିଥାଉ । ଏହି ଦିନ ବଳଭଦ୍ରଙ୍କ ଜନ୍ମଦିନ ତଥା ତାଙ୍କର ଅନ୍ୟନାମ ହଳଧର ହୋଇଥିବାରୁ ,ଲଙ୍ଗଳକୁ ସେ ଆୟୁଧ ଭାବେ ଗ୍ରହଣ କରିଥିବାରୁ ତାଙ୍କର ଏପରି ନାମକରଣ ହୋଇଅଛି । ଏହା ବ୍ୟତୀତ ସେ କୃଷ୍ଣଙ୍କ ସହ ଜଙ୍ଗଲରେ ଗୋରକ୍ଷକ ଭାବେ ବାଲ୍ୟକାଳ ଅତିବାହିତ କରିଥିଲେ । ସେ ମଧ୍ୟ ଜଣେ ଗୋରକ୍ଷକ । ତେଣୁ ତାଙ୍କ ଜନ୍ମଦିନ ଉପଲକ୍ଷେ ବଳଭଦ୍ରଙ୍କ ପୂଜାର୍ଚ୍ଚନା କରି ତାଙ୍କର ଆଶୀର୍ବାଦ କାମନା କରିଥାଉ । ଏହି ଦିନ କୃଷକ ଘରେ ଖୁସିର ସୀମା ନଥାଏ । ବଡିସକାଳୁ କୃଷକର ଘରଣୀ ଘର ଲିପା ପୋଛା କରି ସାଜସଜ୍ଜା କରିଥାଏ । ସୁସ୍ୱାଦୁ ବ୍ୟଞ୍ଜନ ସହ ପିଠାପଣା ମଧ୍ୟ ପ୍ରସ୍ତୁତ ହୋଇଥାଏ । ଉକ୍ତ ଦିନଟି ଶୁଭ ଭାବେ ଗ୍ରହଣ କରାଯାଉ ଥିବାରୁ ନବବିବାହିତା କନ୍ୟାର ବରକୁ ଡାକିବାର ମଧ୍ୟ ପରମ୍ପରା ଓ ବିଧି ରହିଛି । କୃଷକ ତାର ସବୁ ଦିନର ସାଥୀ ବଳଦକୁ ସ୍ନାନ କରାଇ ଚନ୍ଦନ ଫୁଲ ଦେଇ ମୁଣ୍ଡ ଏବଂ ଶିଙ୍ଗରେ ମାଳ ଓ ରାକ୍ଷୀ ବାନ୍ଧିଥାଏ । ଗୃହରେ ପ୍ରସ୍ତୁତ ବ୍ୟଞ୍ଜନ ଓ ପିଠାପଣାକୁ ପ୍ରଥମେ ଗୋମାତାକୁ ଅର୍ପଣ କରିବା ପରେ ଘରେ ଖିଆଯାଏ । ଏକାଦଶ ଶତାବ୍ଦୀର ସ୍ମୃତିକାର ଆଚାର୍ଯ୍ୟ ସଦାନନ୍ଦଙ୍କ ଉକ୍ତି ଅନୁଯାୟୀ- ପ୍ରଭୂ ବଳଭଦ୍ରଙ୍କ ଜନ୍ମ ଉଦ୍ଦେଶ୍ୟରେ ଗହ୍ମା ପୂର୍ଣ୍ଣିମା ପ୍ରସିଦ୍ଧ । ତେଣୁ କୃଷିଜୀବୀମାନେ ଏକତ୍ରିତ ହୋଇ କେତେକ ସ୍ଥାନରେ ପାଳନ କରିଥିବାର ନଜିର ରହିଛି । ଗ୍ରାମ ମୁଣ୍ଡରେ ଗହ୍ମା ବେଦୀଟିଏ ତିଆରି କରିବା ସଙ୍ଗେ ସଙ୍ଗେ ତା ଉପରେ ବଳଭଦ୍ରଙ୍କ ଆକୃତି କରି ପୂଜାର୍ଚ୍ଚନା କରିଥାନ୍ତି । ଏଥି ସହିତ ଗୋଟିଏ ବଳଦର ମାଟିସ୍ତୁପ ସ୍ଥାପନ କରି ଏକ ଅଣ୍ଡିରା ବାଛୁରୀକୁ ଡିଆଁଇଥିବାରୁ ଏହି ପର୍ବକୁ ଗହ୍ମାଡିଆଁ ପର୍ବ ମଧ୍ୟ କୁହାଯାଏ । ଇତିହାସ କହେ – ଯେତେବେଳେ ୧୯୦୫ ମସିହାରେ ଇଂରେଜମାନେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଧର୍ମକୁ ଆଳ କରି ବଙ୍ଗ ବିଭାଜନ କରିବାକୁ ଚାହିଁଲେ, ଠିକ୍ ସେତିକିବେଳେ ରବିନ୍ଦ୍ରନାଥ ଟାଗୋର ରକ୍ଷା ବନ୍ଧନ ଉତ୍ସବର ଆୟୋଜନ କରିଥିଲେ । ଏହି ଉତ୍ସବ ମାଧ୍ୟମରେ ସେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ତେଣୁ ଇତିହାସ ପୃଷ୍ଠାରେ ରାକ୍ଷୀକୁ ନେଇ ଏମିତି ବହୁତ କାହାଣୀ ରହିଛି । ଯେତେବେଳେ ଗୁଜୁରାଟର ରାଜା ବାହାଦୁର ଶାହା ଚିତୋର ଉପରେ ଆକ୍ରମଣ କରିବାକୁ ଯୋଜନା କଲେ , ସେତେବେଳେ ସ୍ୱାମୀଙ୍କୁ ହରାଇଥିବା ରାଣୀ କର୍ଣ୍ଣାବତୀ ହୁମାୟୁନ୍‌ଙ୍କଠାରୁ ସାହାଯ୍ୟ ପ୍ରାପ୍ତି ଆଶାରେ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁନଶ୍ଚ ଆଲେକଜାଣ୍ଡାର ଭାରତ ଆକ୍ରମଣ କରିବା ସମୟରେ ତାଙ୍କ ପତ୍ନୀ ରୁକ୍ସାନା କୈକେୟ ରାଜ୍ୟର ରାଜା ପୋରସ୍‌ଙ୍କୁ ଏକ ରାକ୍ଷୀ ପଠାଇଥିଲେ । ସେ ସର୍ତ ରଖିଥିଲେ – ସେ ଯେମିତି ତାଙ୍କ ସ୍ୱାମୀଙ୍କୁ ଯୁଦ୍ଧରେ କ୍ଷତି ପହଂଚାଇବେ ନାହିଁ । ପରେ ସେଇଆ ହିଁ ହୋଇଥିଲା । ଯୁଦ୍ଧ ସମୟରେ ପୋରସ୍ ଯେତେବେଳେ ନିଜର ଶେଷ ଅସ୍ତ୍ର ଆଲେକଜାଣ୍ଡାର୍‌ଙ୍କ ଉପରକୁ ନିକ୍ଷେପ କରିବାକୁ ଯାଉଥିବା ସମୟରେ , ହଠାତ୍ ନିଜ ହାତରେ ବନ୍ଧା ହୋଇଥିବା ରାକ୍ଷୀକୁ ଦେଖି ତାଙ୍କର ସବୁ କଥା ମନେ ପଡି ଯାଇଥିଲା । ତେଣୁ ସେ ସେଇଠି ଅଟକି ଯାଇଥିଲେ । ଜଗତର ନାଥ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରରେ ମଧ୍ୟ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଏ । ସେଦିନ ସାଧାରଣ ମଣିଷଙ୍କ ପରି ଲୀଳାଖେଳା କରନ୍ତି ପ୍ରଭୂ ଜଗନ୍ନାଥ । ମଣିଷଙ୍କ ପରି ସେ ସ୍ୱାଦିଷ୍ଟ ଭୋଜନ କରିଥାନ୍ତି । ଜ୍ୱର ହେଲେ ଔଷଧ ସେବନ ବି କରନ୍ତି । ଏତଦ୍‌ବ୍ୟତୀତ ସେ ତାଙ୍କର ଭଗିନୀ ସୁଭଦ୍ରାଙ୍କୁ ମଧ୍ୟ ବେଶୀ ଭଲ ପାଆନ୍ତି । ପ୍ରତିବର୍ଷ ରଥଯାତ୍ରାରେ ନିଜ ସ୍ତ୍ରୀ ଲକ୍ଷ୍ମୀଙ୍କୁ ବଡଦେଉଳରେ ଛାଡି ସେ ଭଉଣୀକୁ ନେଇ ମାଉସୀ ଘରକୁ ଯାଆନ୍ତି । ଏଥିରୁ ଜଣାପଡେ ଯେ ଜଗନ୍ନାଥଙ୍କ ପାଇଁ ତାଙ୍କ ଭଉଣୀ କେତେ ପ୍ରିୟ । ତେଣୁ ଶ୍ରୀମନ୍ଦିରରେ ସୁଭଦ୍ରା ଦୁଇ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ପାଳନ କରନ୍ତି ରକ୍ଷା ବନ୍ଧନ । ପ୍ରତିବର୍ଷ ଠାକୁରଙ୍କ ହାତରେ ବନ୍ଧା ହେଉଥିବା ରାକ୍ଷୀ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥାଏ । ପୁରୀରେ ପାତ୍ର ବିଶୋଇ ସଂପ୍ରଦାୟର ଜଗନ୍ନାଥ ପାତ୍ର ଏବଂ ତାଙ୍କ ଘର ଲୋକେ ଜଗନ୍ନାଥ ଓ ବଳଭଦ୍ର ପାଇଁ ସ୍ୱତନ୍ତ୍ର ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ମନ୍ଦିର ପ୍ରଶାସନ ପକ୍ଷରୁ ରାକ୍ଷୀ ପାଇଁ ପାଟ କପଡା ଯୋଗାଇ ଦିଆଯାଏ । ନାଲି, ନୀଳ, ସବୁଜ, ହଳଦିଆ ଓ ଧଳା ରଙ୍ଗର ବ୍ୟବହାରରେ ହିଁ ରାକ୍ଷୀ ପ୍ରସ୍ତୁତ ହୁଏ ।


ଉକ୍ତ ଦିବସଟି ଶ୍ରେଷ୍ଠ ହୋଇଥିବାରୁ ଏହି ଦିନରେ ମୁନୀରଷିମାନେ ବେଦ ଓ ପୁରାଣ ପଠନ ଆରମ୍ଭ କରିଥିଲେ । ଏଣୁ ଏହାକୁ ସଂସ୍କୃତି ଦିବସ ମଧ୍ୟ କୁହାଯାଏ । ଶ୍ରାବଣ ପୂର୍ଣ୍ଣିମାକୁ କେତେକ ଝୁଲଣ ପୂର୍ଣ୍ଣିମା କହିଥାନ୍ତି । କାରଣ ଶ୍ରାବଣ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରଭୂଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଥାଏ । ଏଇ ପରିପ୍ରେକ୍ଷିରେ ସଂପ୍ରତି ଲକ୍ଷ୍ୟ କରାଯାଉଛି- ପିତାମାତାଙ୍କ ମୃତ୍ୟୁ ପରେ ଜମିବାଡି,ଧନ ସମ୍ପତି କିମ୍ବା ଅନ୍ୟ କୌଣସି କାରଣକୁ କେନ୍ଦ୍ରକରି ଭାଇ ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କ ଦିନକୁ ଦିନ କ୍ଷୁର୍ଣ୍ଣ ହେବାରେ ଲାଗିଛି । ଦୁହିଙ୍କ ମଧ୍ୟରେ ତଥା ପରିବାରରେ ଆନ୍ତରିକ ବୁଝାମଣାର ଅଭାବରୁ ଉଭୟଙ୍କୁ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡୁଛି । ତେଣୁ ଆଜିର ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ଉପୁଜୁଥିବା ବିଭିନ୍ନ ଘଟଣା ପ୍ରତି ସେମାନେ ଦୃଷ୍ଟି ନଦେଇ , ସଂପର୍କ ଡୋରିରେ ବନ୍ଧା ଯାଇଥିବା ସଂପର୍କକୁ ଅଧିକ ସୁଦୃଢ କରି ତଥା ମନ ମଧ୍ୟରେ ସ୍ନେହ, ପ୍ରେମ, ରାଗ, ଅଭିମାନ ଓ ଭଲ ପାଇବାର ପ୍ରତିଫଳନ ପ୍ରତି ଧ୍ୟାନ ଦେଇ ଭଉଣୀଟିଏ ସାରା ଜୀବନ ରକ୍ଷା କବଚ ରୂପକ ରାକ୍ଷୀକୁ ପାଥେୟ କରି ଜୀବନର ଅବଶିଷ୍ଟ ବାଟ ଚାଲିବା ଉଚିତ ।

*ଘାଗଡା,ରାହାମା,ଜଗତ୍‌ସିଂହପୁର*
*ମୋ-୯୯୩୭୪୧୨୫୧୫*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୨୮)

ଧାରାବାହିକ ଉପନ୍ୟାସ



କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com



– "ସେଇଟା ଗୋଟେ ଇଡିୟଟ୍ ଦଲାଲ୍‌ଟା। ଭଣ୍ଡ ପ୍ରତାରକଟା। ଯାବତୀୟ କୁକର୍ମ କରି ହଜାର ଥର ହଜାର ଲୋକଙ୍କଠାରୁ ମାଡ଼ ଗାଳି ଖାଇଲାଣି। ମଣିଷମାନଙ୍କ ଜୀବନକୁ ନେଇ ଖେଳୁଥିବା ଏଠାକାର ଡାକ୍ତର ନାମଧାରୀ ସଇତାନମାନଙ୍କ ସହିତ ମିଶି ସେ ଚିହ୍ନା ପରିଚିତ ଲୋକମାନଙ୍କୁ ଏଠାକୁ ଡାକିଆଣି ସେମାନଙ୍କୁ ସର୍ବସ୍ୱାନ୍ତ କରୁଛି। ପ୍ରତିବଦଳରେ କିଛି ଟଙ୍କା କମିଶନ୍ ପାଉଛି। ଏଇଟା ପତିତପାବନ ନର୍ସିଂହୋମ ନୁହେଁ ତ ଗୋଟାଏ ନର୍କ। ନର୍କରେ ବି ଏପରି ଜଘନ୍ୟ, ନାରୀୟ କୁକର୍ମ ହେଉନଥି! ହେ ଭଗବାନ! ମଣିଷ କେଉଁ ସ୍ଥରରେ ପହଞ୍ଚିଲେ ଏପରି ପାପ କାମ କରେ!"

କମଳା ଦିଦିଙ୍କ କଥା କିଛି କିଛି ବୁଝିପାରୁଥିଲା ଚକ୍ରଧର। ସେ କହିଲା – "ସେ ଯାହାହେଉ ଦିଦି, ମୋ ପୁଅ ଭଲ ହୋଇଗଲା, ସେଇ ମୋ ପାଇଁ ବଡ଼ କଥା। ସେ ଡାକ୍ତର କି ସଞ୍ଜୟ ମତେ ଧୋକ୍କା ଦେଲେ, ହଇରାଣ କଲେ, ସେଥିକୁ ମୋର ଦୁଃଖ ନାଇଁ। ଯାହା ମୋ କପାଳରେ ଲେଖାଥିଲା, ଭୋଗିଲି। ପୁଅ ପେଟରୁ ପରା ଏଡ଼େ ବଡ ଟ୍ୟୁମରଟାଏ ବାହାରିଲା ଦିଦି ...।"

"ଟ୍ୟୁମର୍ ନା ଆଉ କିଛି!" କମଳା ଦିଦି କହିଲା– "ତୁମ ପୁଅର କିଛି ହୋଇନଥିଲା। ପେଟରେ ଗ୍ୟାଷ୍ଟ୍ରିକ୍ ବଢ଼ିଯାଇ ଲାଳଅଂଶ ଯୋଗୁଁ ପେଟ କାଟୁଥିଲା।

"ନାଇ ମ ଦିଦି"– କମଳା ଦିଦିଙ୍କ କଥାକୁ ଅବିଶ୍ୱାସ କରି ଚକ୍ରଧର କହିଲା – "ପୁଅ ପେଟରୁ ପରା ଅଢ଼େଇଶହ ଓଜନର ଟ୍ୟୁମର୍ ବାହାରିଲା! ପ୍ରାୟ ଦୁଇଘଣ୍ଟା କାଳ ଚାଲିଲା ଅପରେସନ୍! ସେ ଡାକ୍ତରଟା ସିନା ପଇସାଖୋର୍ ଲୋକଟା, ହେଲେ ତା' ହାତ ସୁନା!"

"ସୁନା ନା ଛେନା! ଟ୍ୟୁମର୍ ଫ୍ୟୁମର୍ ଡାହାମିଛ କଥା। ତୁମକୁ ସେମାନେ ଭଣ୍ଡାଇଛନ୍ତି। ମୁଁ ନିଜ ଆଖିରେ ଦେଖିଛି ସବୁ ରିପୋର୍ଟ। ଗ୍ୟାଷ୍ଟ୍ରିକ ବ୍ୟତୀତ ତୁମ ପୁଅର କିଛି ରୋଗ ନଥିଲା।" – କମଳା ଦିଦି କହିଲେ।

ଚେତନା ଶକ୍ତି ଲୋପ ପାଇଯାଉଥିଲା ଚକ୍ରଧରର। କେବଳ ଚେତନା ଶକ୍ତି ନୁହେଁ, ତା'ର ଶ୍ରବଣ ଶକ୍ତି, ସ୍ମରଣ ଶକ୍ତି, ଭାବନା ଶକ୍ତି, ସବୁ ଧୀରେ ଧୀରେ ଲୋପ ପାଇଯାଉଥିଲା। ସେ ପଥର ପାଲଟି ଯାଉଥିଲା। ତା' ଚାରିପାଖରେ ଦୃଶ୍ୟ ସବୁ ଅଦୃଶ୍ୟ ହୋଇଯାଉଥିଲେ। ତା'ପାଦ ତଳର ମାଟି ଓ ମୁଣ୍ଡ ଉପରର ଆକାଶ ଧୀରେ ଧୀରେ ଦୂରେଇ ଯାଉଥିଲେ।

"ତେବେ ସେମାନେ ମୋ ପୁଅର ପେଟକୁ ଅପରେସନ୍ କଲେ କ'ଣ ପାଇଁ?" – ପ୍ରଶ୍ନ କଲା ପୃଥିବୀର ସବୁଠାରୁ ବୋକା, ସରଳ ଓ ନିର୍ବୋଧ ଲୋକଟି।

କମଳା ଦିଦି ଏପାଖ ସେପାଖ ଚାହିଁଲେ। ସେଠି ଜଣେ ଦି'ଜଣ ଚିହ୍ନା ଲୋକ ଠିଆ ହୋଇଥିବାରୁ ଚକ୍ରଧରକୁ ଟିକେ ଦୂରକୁ ଡାକିନେଇ ଆହୁରି ଧୀର କଣ୍ଠରେ କହିଲେ – "ତୁମ ପୁଅ ପେଟରୁ କିଡ୍‌ନୀ କାଢ଼ିନେବା ପାଇଁ ସେମାନେ ଚକ୍ରାନ୍ତ କରିଥିଲେ।"

କିଡ୍‌ନୀ! ସେଇଟା କ'ଣ? ଦେହର କେଉଁ ଅଂଶରେ ଥାଏ? ତାକୁ କାହିଁକି ବାହାର କରାଯାଏ? ମୋ ପୁଅର କ'ଣ ସେଇଟା ଖରାପ ହୋଇଯାଇଥିଲା! – ଚକ୍ରଧରର ମୁଣ୍ଡ ଗୋଳମାଳ ହୋଇଯାଉଥିଲା। ଗୋଟିଏ ଅଡୁଆ ଜାଲ ଭିତରେ ସେ ଛନ୍ଦି ହୋଇ ପଡୁଥିଲା। ତା'କାନମୁଣ୍ଡା ଗରମ ହୋଇଯାଉଥିଲା।

କମଳା ଦିଦିଙ୍କ ମନ ଓଦା ହୋଇଗଲା ଅଶିକ୍ଷିତ ଏ ଗାଉଁଲୀ ମଣିଷଟିର ଦୟନୀୟ ଅବସ୍ଥା ଦେଖି। ଗୋଟାଏ ଆବେଗରେ ତାଙ୍କ ମନ ବିଚଳିତ ହୋଇ ଉଠିଲା। କହିବାକୁ ଚାହୁଁ ନଥିଲେ ମଧ୍ୟ କହିବାକୁ ସେ ବାଧ୍ୟ ହେଲେ – "ମଣିଷର କିଡ୍‌ନୀ ଚୋରି ହେବା ଏବଂ ଲକ୍ଷ ଲକ୍ଷ ଟଙ୍କାରେ ଚୋରାରେ ବିକ୍ରି ହେବା ଘଟଣା ସବୁ ସମ୍ପର୍କରେ ତୁମେ ବୋଧହୁଏ କିଛି ଜାଣିନାହଁ ଚକ୍ରଧର। ତୁମେ ସରଳ ଗାଉଁଲୀ ମଣିଷ। ଏସବୁ ଖତରନାକ ଘଟଣା ବିଷୟରେ କାହୁଁ ଜାଣିବ? କେବଳ ଏଇ ନର୍ସିଂହୋମ୍ ନୁହେଁ, ସହରର ଅନେକ ନର୍ସିଂହୋମ୍ ଏପରିକି ସରକାରୀ ଡାକ୍ତରଖାନାମାନଙ୍କରେ ମଧ୍ୟ ଏପରି ହୀନ, ବର୍ବରୋଚିତ କୁକାର୍ଯ୍ୟ ଚାଲୁଛି। ତୁମେ ସେହି ଭୟଙ୍କର ଚକ୍ରାନ୍ତ ଭିତରେ ପଡିଯାଇଥିଲା।"

– "ତମେ ସତ କହୁଚ ଦିଦି!!"

ବାସ୍ତବିକ ବେଳକୁ ବେଳ ଚକ୍ରଧର ଦିଗହରା ହୋଇପଡୁଥିଲା। ଅସହାୟ ହୋଇ ପଡୁଥିଲା। ତୀବ୍ର ଏକ ଯନ୍ତ୍ରଣା ସେ ଅନୁଭବ କରୁଥିଲା। ନିଜ ଛାତି ଭିତରେ। ତା' ଓଠ ଓ ତଣ୍ଟି ଧୀରେ ଧୀରେ ଶୁଖିଯାଉଥିଲା। ନିର୍ଘାତ ନିର୍ବୋଧଙ୍କ ପରି ସେ ପଚାରିଲା ଏ ପ୍ରଶ୍ନ, କମଳା ଦିଦିଙ୍କୁ।

"ଚକ୍ରଧର!" ଡାକିଲେ କମଳା ଦିଦି – "ତୁମେ ମୋର କେହି ବନ୍ଧୁ ପରିଜନ କିମ୍ବା ଆତ୍ମୀୟ ସମ୍ପର୍କୀୟ ନୁହଁ। ତୁମେ ପର ବି ନୁହଁ। ହେଲେ ତୁମ ପରି ଲୋକଙ୍କୁ ଦେଖିଲେ ସତରେ ମତେ ଭାରି ଆପଣାର ଆପଣାର ଲାଗେ। କେଡେ ସରଳ ଓ ନିଷ୍କପଟ ମଣିଷ ତମେ। ତମ ସ୍ତ୍ରୀ ଚମ୍ପା। କେଡ଼େ ସୁଧାର, ନିରିମାଖି! ତମକୁ ମୁଁ ମିଛ କହିବି କାଇଁକି? ମିଛ କହି ମୋର ଲାଭ କ'ଣ? ଜାଣିଛ, ତୁମ ପୁଅ ବ୍ୟାପାରରେ ମୁଁ ହସ୍ତକ୍ଷେପ କଲି ବୋଲି, ମତେ ଚାକିରି ହରାଇବାକୁ ପଡିଲା!"

କଚାଡ଼ି ହୋଇ ପଡି ଯାଉ ଯାଉ ଚକ୍ରଧର ନିଜକୁ କୌଣସିମତେ ସମ୍ଭାଳି ନେଲା। ଚରମ ବ୍ୟାକୁଳତା ଓ ଉଦ୍‌ବିଗ୍ନତା ତାକୁ ସମ୍ପୂର୍ଣ୍ଣ କବଳିତ କରି ପକାଉଥିବା ବେଳେ ସେ ଲଥ୍ କରି ବସିପଡିଲା ସେଇ ଗଛ ମୂଳରେ। ତା' ସାମ୍ନାରୁ ଦୁନିଆର ସମସ୍ତ ସାବଲୀଳତା ହଜି ଯାଇଥିଲା ସେତେବେଳେ।

କମଳାଦିଦି କହୁଥିଲେ– "ସରକାରୀ ଚାକିରିରୁ ଅବସର ନେଲିଣି ଚାରିବର୍ଷ ହେବ। ବେଶ୍ କିଛିଦିନ ଘରେ ବସିଲି। ଚାକିରି ଥିବାଯାଏ ମନେ ମନେ ଭାରି ଚିଡ଼ା ଲାଗୁଥିଲା, କେଉଁଦିନ ସରିବ ଏ ଚାକିରି! ଦିନ ନାଇଁ ରାତି ନାଇଁ ସବୁବେଳେ ଖଟଣୀ! ହେଲେ ଚାକିରି ସରିବାର ଆଠଦିନ ଯାଇଚି ନା ନାଇଁ ଭାରି ଅଶ୍ୱସ୍ତି ଲାଗିଲା। ସାରା ଜୀବନ ରୋଗୀଙ୍କ ସେବା କରିଆସିବା ପରେ ବେକାରଟାରେ ଚୁପଚାପ୍ ଘରେ ବସିବା ମୋ ପାଇଁ ଭାରି କଷ୍ଟଦାୟକ ହୋଇପଡିଲା। ଠିକ୍ ସେହି ସମୟରେ ଏ ପତିତପାବନ ନର୍ସିଂହୋମ୍ ପାଇଁ ଅଭିଜ୍ଞ ନର୍ସ ଆବଶ୍ୟକ ବୋଲି ସମ୍ବାଦପତ୍ରରେ ବିଜ୍ଞାପନ ପଢ଼ି ମୁଁ ଯାଇ ଦେଖାକଲି ମାଲିକ ନବକୁମାର ତ୍ରିପାଠୀଙ୍କୁ। ସେ ମୋର ଅଭିଜ୍ଞତା ଶୁଣି ତାଙ୍କ ନର୍ସିଂହୋମ୍‌ରେ ଯୋଗଦେବା ପାଇଁ କହିଲେ। ମୋର ଟଙ୍କା ପଇସାର ମୋହ ନଥିଲା। ଲକ୍ଷ ଥିଲା ରୋଗୀମାନଙ୍କ ସେବା କରି ଅବଶିଷ୍ଟ ଜୀବନ ବିତାଇଦେବା!

"ହେଲେ ମାତ୍ର ଗୋଟାଏ ମାସ ଭିତରେ ମୁଁ ଜାଣିଗଲି ସବୁକିଛି। ଭାରି ପବିତ୍ର ନାମ ବହନ କରିଥିବା ଏ ନର୍ସିଂହୋମ୍‌ରେ ଚାଲିଛି ଅନେକ ଅନୈତିକ କାର୍ଯ୍ୟ। ମୁଁ ଭାବିଲି ବୋଧହୁଏ ଡାକ୍ତର ତ୍ରିପାଠୀ ଏ ବିଷୟରେ କିଛି ଜାଣିନାହାନ୍ତି! ଡାକ୍ତର ହିସାବରେ ସାରା ରାଜ୍ୟରେ ତାଙ୍କର ଅନେକ ସୁନାମ! ସେ ବଦ୍‌ନାମ ହୋଇଯିବେନି! ତାଙ୍କୁ ଜଣାଇଲି। ଆଶ୍ଚର୍ଯ୍ୟ ମୋର ଏ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ସେ ତୁଳାପ୍ରମାଣ ହାଲ୍‌କା କରି ଉଡ଼ାଇଦେଲେ। ତା'ପରେ ମୁଁ ନିଶ୍ଚିତ ହୋଇଗଲି ଯେ ଏସବୁ ଜଘନ୍ୟ କାମ ତାଙ୍କରି ଇଙ୍ଗିତରେ ହିଁ ଚାଲିଛି! ଯା ପଛରେ ରହିଛି କେବଳ ଟଙ୍କାର ଖେଳ।"

ଏକାଥରକେ ଏତେଗୁଡାଏ କଥା କହିଦେଇ ଥିବାରୁ କମଳାଦିଦି ବୋଧହୁଏ ସାମାନ୍ୟ କ୍ଳାନ୍ତ ହୋଇପଡ଼ିଲେ। ଟିକେ ସମୟ ଚୁପ୍ ରହି ସେ ପୁଣି କହିବାକୁ ଆରମ୍ଭ କଲେ– "ବୁଝିଲା ଚକ୍ରଧର, ସେସବୁ ଜଘନ୍ୟ କାମ ସବୁଦିନ ଦେଖି ଦେଖି ମୋ ମନ ବିକ୍ଷାକ୍ତ ହୋଇପଡୁଥିଲା। ବେଳେବେଳେ ଇଚ୍ଛା ହେଉଥିଲା ଏପରି ନାରକୀୟ ସ୍ଥାନରୁ କାମଧନ୍ଦା ଛାଡ଼ି ପଳେଇଯିବାକୁ। କିନ୍ତୁ ମୁଁ କାମ ଛାଡ଼ିଲି ନାଇଁ। ମନେ ମନେ ପ୍ରତିଜ୍ଞା କଲି, ଏଠାକୁ ଆସି ଏପରି ଚକ୍ରାନ୍ତର ଶୀକାର ହେଉଥିବା ଗରିବ, ହତଭାଗ୍ୟ ଲୋକମାନଙ୍କୁ ମୁଁ ପାରୁପର୍ଯ୍ୟନ୍ତ ସାହାଯ୍ୟ କରିବି। ସେମାନଙ୍କୁ ସର୍ବସ୍ୱାନ୍ତ ହେବାକୁ ଦେବି ନାଇଁ। ସେଇ କାମ ମଧ୍ୟ କଲି। ଡାକ୍ତରଙ୍କ ହୀନ ଚକ୍ରାନ୍ତ ବିଷୟରେ ମୁଁ ରୋଗୀମାନଙ୍କର ଅଟେଣ୍ଡାଣ୍ଟମାନଙ୍କୁ ଗୁପ୍ତରେ ଜଣାଇଲି। କିଛି ଲୋକ ମୋ କଥାକୁ ବିଶ୍ୱାସ କରି ଏଠୁ ପଳାଇ ଯାଆନ୍ତି। ଯେଉଁମାନେ ନ ଯାଆନ୍ତି, ସେମାନଙ୍କ କପାଳ ଫାଟେ।"

କ୍ରମଶଃ...

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

# ଅସୀମ ଦା' ଓ ଈଶ୍ୱର



ଅଜୟ ସ୍ୱାଇଁ

ଖବର ଆସିଛି :
ଅସୀମ ଦା' ଓ ଈଶ୍ୱର
ମରିଗଲେ
କାଲି ରାତି ଆଠଟାରେ
କ୍ୟାପିଟାଲ୍ ହସ୍‌ପିଟାଲରେ।

ଗଛ, ପାହାଡ, ନଈ, ଆକାଶ
ଜହ୍ନ, ସମୁଦ୍ର, ସୂର୍ଯ୍ୟ ଓ ଅନ୍ୟାନ୍ୟ
ଗଢ଼ିସାରି
ଈଶ୍ୱର ମଲେ ହାର୍ଟ ଆଟାକରେ...
ଅସୀମ ଦା'
ଚା' ବାଂଙ୍ଗ ଓ ସିଗ୍ରେଟ୍ ଧୂଆଁରେ
ଗଢୁଥିଲେ ନିଜର ଚିତ୍ରପଟ୍ଟ
ଶୁଣାଉଥିଲେ
ନିଜକୁ ନିଜର ସଂଳାପ
ଗଢୁଥିଲେ ମିଛଘର, ମିଛପ୍ରେମ
ମିଛ ଆଲୁଅ
ନିଜ ଇଚ୍ଛାରେ।

ବୋଧେ ହେଲାନାହିଁ ଶେଷରେ
ଈଶ୍ୱର ଓ ଅସୀମ ଦା'
ମରିଗଲେ ରାତି ଆଠଟାରେ।
ତା'ହେଲେ
ରବୀନ୍ଦ୍ର ମଣ୍ଡପ ମଞ୍ଚରେ
କିଏ କରୁଛି ଅଭିନୟ
ଆଉ କିଏ ବସିଛି
ଆଗଧାଡିର ଶେଷ
ଡାହାଣପଟ ଚଉକିରେ?

ମୋ–୯୧୭୮୫୫୮୫୦୮

# ଭେଜ୍

ସନ୍ତୋଷ ମିଶ୍ର (ଆଇନ୍‌ଜୀବୀ)

ଫୁଲ୍ ଧରିକରି ଆଏବୁରେ ବାବୁ
କ୍ୱାଟର୍ ନେ ଭାଗ୍ କର୍ ମା,
ବର୍ଷା ପାଗକେ ଚାଏର ସାଙ୍ଗ୍ ମିଶି
ଚାଖି ବନେଇ ଦେମା
ଫୁଲ ଧରିକିନା ଆଏଲା,
କୁମ୍ଡା ଫୁଲ୍‌କେ ଭାଜିକରି ବାବୁ
ଭେଜ୍ ଖାନା ଦେଇଦେଲା,

ଫାଇବ୍ ଥାଉଜେଣ୍ଡ କେନୁ ପାଏମି
ବେକାରୀ ଥି ଅଛି ନାମ୍,
ଇଂଜିନିୟରିଙ୍ଗ୍ ପାଠ୍ ନାଏ ନା ଚାକ୍‌ରି
ପଏସା ଥିଲେ ଦେତା କାମ୍,
ହରେକ୍ରିଷ୍ଣା ହରେ ରାମ୍
ଶ୍ରାବଣ୍ ମାସେ ତୁଇ ଭେଜ୍ ଖାଇଥା
ଭୋଲାନାଥ୍ ଦେବା କାମ୍।

ଭବାନୀପାଟଣା

# କୁନାବାପାଙ୍କ କୁନିକଥା ୧୧



କାହିଁକି ସେ ଅରମାରେ ପଶୁଚ? ମଶା ଆଉ ପିମ୍ପୁଡିରେ କେମିତି ଠିଆ ହେଉଚ କେଜାଣି? ପରିଶ୍ରମ କରିବ ତମେ ଆଉ ଫଳ ଖାଇବେ ଅନ୍ୟମାନେ। ଏମିତିଆ ତାଗିଦ କରିବା ଢଙ୍ଗରେ କୁନାବୋଉ ଖାଲି ଖଙ୍ଗାସି ହେଉଥାନ୍ତି ଆଉ ପାଣି ବୋତଲ ଓ ଚା' କପ ପରେ କପ ଯୋଗାଉଥାନ୍ତି କୁନାବାପାଙ୍କୁ। ମଝିରେ ମଝିରେ ନାଲିଆ ଖୋର୍ଦ୍ଧା ଗାମୁଛାରେ ପିଠିକୁ ପୋଛି ପକାଉଥାନ୍ତି କୁନାବାପା ଆଉ ମଶାକାମୁଡା ଯାଗାଗୁଡାକୁ ଭାଲୁ ରାମ୍ପୁଡିଲା ଭଳିଆ ରାମ୍ପି ପକାଉଥାନ୍ତି। କଥା କ'ଣ କି, କୁନାବାପା ଆମର ଟିକେ ପ୍ରକୃତିପ୍ରେମୀ ଲୋକ। ତେଣୁ ମଝିରେ ମଝିରେ ଦାଣ୍ଡ ବାରି କରି ଯୋଉ ଷାଠିଏ କି ସତୁରି ବର୍ଗଫୁଟ ମାଟିଯାଗା ଅଛି, ସେଥିରେ ବିଭିନ୍ନ ଫୁଲ ଫଳ ଗଛ ଲଗେଇ ତାର ତତ୍ତ୍ୱାବଧାନ କରନ୍ତି। ଯାଗା ସିନା କମ, ହେଲେ ତାରି ଭିତରେ ତିନି ଚାରିଟା ଛୋଟବଡ ଟଗର, ପାଞ୍ଚପ୍ରକାର ମନ୍ଦାର, ଦି ପ୍ରକାର ଲେଖାଏଁ ଗୋଲାପ, କନିଅର, ଗେଣ୍ଡୁ ଗଛ ସାଙ୍ଗରେ ଦୁଇଟା ଅମୃତଭଣ୍ଡା, କଦଳୀ ଆଉ ଲେମ୍ବୁଗଛ। ଆଉ ଗାମଲାରେ ଛୋଟ ଗଛ ସବୁ ସଜେଇଛନ୍ତି। ସେଇ ବଗିଚାର ପ୍ରଶଂସାରେ ଶତମୁଖ ହୁଅନ୍ତି ନିଜେ କୁନାବୋଉ ତାଙ୍କ ସାଙ୍ଗସାଥୀ ଆଗରେ। ଆଉ ବାହାରୁ ଯିଏସବୁ ଆସନ୍ତି ବୁଲିବାକୁ କେବେ କେବେ, ତେବେ ସେଇ ଯାଗାରେ ଚଉକି ପକେଇ ଫଟୋ ଉଠେଇ ବସନ୍ତି, ଫେସବୁକ ଆଉ ହ୍ୱାଟ୍‌ସଆପରେ ଛାଡିବାକୁ। ତେଣୁ ରକ୍ଷଣାବେକ୍ଷଣରେ ତ ସମୟ ଯିବ। କୁନାବାପା ତାଙ୍କ କୃଷି ବିଜ୍ଞାନୀ ସାଙ୍ଗଙ୍କଠୁ ବେଳେ ବେଳେ ପରାମର୍ଶ ବି ନିଅନ୍ତି। ତେବେ ସମ୍ପୂର୍ଣ୍ଣ ଦେଶୀ ଉପାୟରେ ବଢ଼େଇଛନ୍ତି ଗଛଗୁଡିକୁ। ହେଲେ କୁନାବୋଉଙ୍କ ରାଗର କାରଣ ଅଲଗା। ଏଇ ଯେମିତି, ସକାଳେ ଠାକୁରଙ୍କ ପାଇଁ ଫୁଲ ଖୋଜିଲେ ମିଳେନି। ଭଣ୍ଡା, ସଜନା ଛୁଇଁ ଆଉ ଜାମୁରୋଳ ଯେତେବେଳେ ଦେଖିବ କଷି। ତେବେ ପାଚିଲା କୁଆଡେ ଯାଉଛି। ଯାଠୁ ତାଠୁ ଶୁଣି ଜାଣିବାକଥା, ଗଣ୍ଡେ ସ୍ତ୍ରୀ ଲୋକ ରାତି ବାରଟାରୁ ଦୁଇଟା ଭିତରେ ଫୁଲ କଢ଼ସବୁ ତୋଳି ନେଇ ଯାଉଛନ୍ତି। ଆଉ ସେ ବିଏମ୍‌ସିର ଅଳିଆ ଉଠାବାଲା ସଜନା ଶାଗ ଆଉ ଛୁଇଁ ସବୁ ସଫା କରିଦିଅନ୍ତି। ଯାହା ଦେଖିବ, ଖାଲି ନବୁବୋଲି କହିବେ। ଦେଲେ ଗଲା, ନଦେଲେ ଇଜ୍ଜତ ଗଲା। ତେଣୁ ଅଦିନରେ କେବେ ଗୋଟେ ଭଣ୍ଡାଟେ ମାସରେ ଥରେ ଖାଇହୁଏ। ଭାରି ସୁଆଦିଆ ଲାଗେ ଏଇ ବାଡି ଅମୃତଭଣ୍ଡା, ସଜନାଛୁଇଁ, କାମୁରେଳ ଆଉ ଲେମ୍ବୁ।

କୁନାବାପା ବାଡିକାମ ସାରି ଗାଧୋଇକି ଠାକୁର ପୂଜାସାରି ଆସିଲେ। ସେତେ ବେଳକୁ ଜଳଖିଆ ରେଡି। କୁନାବାପା ଜଳଖିଆ ଖାଇସାରି ବସିକି ବୁଝେଇଲେ। କହିଲେ ଦେଖେ, ଆମେ ଫଳ ଫୁଲ ଗଛଟେ ଲଗେଇଛେ ବୋଲି ଖ'ଣ ସବୁ ନିଜେ ଖାଇବା କି ଲଗେଇବା। ଆଚ୍ଛା କହିଲ, ଠାକୁର କ'ଣ ଜାଣିପାରିବେନି କି, ଏଇଟା ଆମ ବାଡିର ଫୁଲ ବୋଲି? ଆଉ ସେ ଭଣ୍ଡା କି ସଜନାଛୁଇଁ, ଭଣ୍ଡା ପାଚିକି କାଉ କୁମ୍ଭାଟୁଆ ଖାଉଥିଲେ, ଏବେ ମଣିଷ ଖାଉଛନ୍ତି। ଆଉ ମୁଁ ବି ମାନୁଛି, ମୁଁ ଏଇ ଫୁଲଗଛଗୁଡା ଫୁଲଚୋରଙ୍କ ପାଇଁ ବଢ଼େଇଛି। ତା'ପରେ ବର୍ଷାଦିନେ ଟିକେ ସଫାସୁତୁରା ନରଖିଲେ ମଶା ଡାଆଁସ ବଢ଼ିବେ। କୁନାବୋଉ ବୁଝିଲାପିଲା ଭଳି କହିଲେ, କାହାକୁ କିଛି ପଇସା ଦେଇ କରେଇଲେ ହଅନ୍ତାନି? କୁନାବାପା କହିଲେ, ଆହେ ନିଜ ଜିନିଷର ଯତ୍ନ ନିଜେ ଯେମିତି ନେବ ଅନ୍ୟମାନେ କ'ଣ ନେବେ? ଆଚ୍ଛା କହିଲ, ତମେ କୁନାର ଯେମିତି ଯତ୍ନ ନେଉଛ ଆଉକିଏ ସେମିତି କରିବ ବୋଲି ଭାବୁଛ। ସେଇ ଗଛ ଗୁଡିକ ଅଛିବୋଲି ଆମ ବାଡିରେ, କଙ୍କ୍ରିଟ ଜଙ୍ଗଲରେ ମଧ୍ୟ, ଭଦଭଦଳିଆ, କୁମ୍ଭାଟୁଆ, ବଣି, ଘରଚଟିଆ ଆଦିଙ୍କୁ ତାଙ୍କ ପରିସ୍ଥାନରେ ଦେଖୁଛେ। ଆଚ୍ଛା କହିଲ, ତମକୁ ଆମ ବାଡିର ଫୁଲରେ ବସୁଥିବା ପ୍ରଜାପତି ଓ ସେ ପ୍ରଜାପତିଙ୍କ ପଛରେ ଗୋଡେଇ ଯାଉଥିବା ଆମ କୁନାକୁ ଦେଖି ଖୁସି ଲାଗୁନି? ଗଛ ଲଗେଇବା ଲୋକ ସବୁବେଳେ ସେ ଗଛର ଫଳ ଖାଇପାରିବ ବୋଲି କ'ଣ ମାନେଅଛି। ଆମେ ଆମ କର୍ତ୍ତବ୍ୟ କରିବା ବାକିସବୁ ଈଶ୍ୱରଙ୍କ ଇଚ୍ଛା।

**ସର୍ବେ ଭବନ୍ତୁ ସୁଖିନଃ।**

– ଶାରଦା ପ୍ରସାଦ ମହାପାତ୍ର

# ଦୁଇଟି ମିନି ଗପ

## ଭାରା

ଲତାଟି ଖୁବ୍ ଛୋଟଥିଲା ବେଳେ ଭାରାଟି କହିଲା-ଆ,ମୋତେ ଧରି ଉଠିଆ ଉପରକୁ। ତୁ ଏକା ଚାଲିପାରିବୁନି,କାରଣ ତୁ ଏକାକୀ ବଂଚିବା ଅସମର୍ଥ। ତୋପାଇଁ ଭାରାଟିଏ ଦରକାର। ମୁଁ ତୋ ଭାରା..ମୋ ସାହାଯ୍ୟରେ ତୁ ବଢିଚାଲ ନିର୍ଭୟରେ। କିଛିଦିନ ପରେ ଲତାଟି ନଦି ହୋଇପଡିଲା ଭରାଟି ଉପରେ। ବୋଝ ଆଉ ସହିପାରିଲାନି ସେଇ ଦୁର୍ବଳ ଭାରାଟି। ସେ ପୁଣି ଆଉ ଗୋଟିଏ ନୂଆଭାରା ଉପରେ ଛନ୍ଦିଦେଲା ନିଜ ବହଳିଆ ଦେହଟିକୁ। ଲତାଟି ଶାଖା ପ୍ରଶାଖା ମେଲେଇ କିଛିଦିନ ପରେ ସେ ନୂଆଭାରାଟି ଉପରେ ବି ବଢିଉଠିଲା ଛନଛନ ହୋଇ। ତା ଦେହରେ ଫୁଲ ଫୁଟିଲା,ଫଳରେ ଲଦି ହେଲା।

ତା ପରେ ସେ ଧୀରେ ଧୀରେ ଶୁଖିବାକୁ ଲାଗିଲା। ଚାହିଁଲା କିଛି ଯତ୍ନ, ଆଦର। ତା ମୂଳଟି ଯେ ଅନାବନା ଘାସରେ ଭର୍ତ୍ତି। ସେସବୁକୁ ସଫାକରି ତା ମୂଳରେ ଟିକେ ପାଣିଦେଇ ତାକୁ ସଳଖି ଦିଅନ୍ତା କି କେହି। କେହି ଜଣେ ତା ମନକଥା ବୁଝିଲାନି ହେଲେ ତା ଶାଖାମାନେ ବଢିଚାଲିଲେ। ଭାରା ବି କହିଦେଲା– ଆଉ ମୁଁ ସମ୍ଭାଳି ପାରୁନି ତୋ ବୋଝ। ଶରୀର ମୋର ରୁଗ୍‌ଣ ଏବେ। ଲତାମାନେ ତଳକୁ ଭାଙ୍ଗି ପଡିଲେ,ଆଶ୍ରା ପାଇବା ପାଇଁ ଏଣେତେଣେ ବଢିଲେ ବିପର୍ଯ୍ୟସ୍ତ ହୋଇ।

ଆଉ ଗୋଟେ ନୂଆଭାରା ଆବଶ୍ୟକ ଏବେ। କେହି ଜଣେ ଆସିଲା–ସେ ଲତାଟିକୁ ଯତ୍ନରେ ବନ୍ଧା ବନ୍ଧି କରି ତା ଫାଟକ ସଜେଇଲା। ବର୍ଦ୍ଧିତ ଡାଳଗୁଡିକୁ ମୂଳେଇକି କାଟିଦେଲା। ତାକୁ ଠିକ୍ ଭାବେ ସାଇଜ୍ କରିବାକୁ ଯାଇ ସେ ଚୋଟପରେ ଚୋଟ ବସାଇଲା ଲତାମାନଙ୍କ ଉପରେ।

ଏବେ ସେ ଲତାର ଦୁଃଖ କାହିଁରେ କଣ। ସେଥିପାଇଁ ସେ ଭାବୁଛି ଯଦି ଗୋଟେ ଗଛଟେ ହୋଇଥାନ୍ତା ସେ..ତେବେ ଭାରାଟିଏର ଦରକାର ହିଁ ନଥାନ୍ତା! ନିଜ ଶକ୍ତି ଓ ସାମର୍ଥ୍ୟ ଜୁଟାଇ ନିଜେ ବଢିଥାନ୍ତା! କେହି କାଟୁ କି ହାଣୁ ହେଲେ ଅନ୍ୟ ଉପରେ ନିର୍ଭର ତ କରୁନଥାନ୍ତା! ସେ ବି ଦେଖିଛି ନାରୀମାନଙ୍କୁ। ସେମାନେ ବି ଭାରା ଲୋଡନ୍ତି ଜୀବନରେ। ନାରୀମାନେ କଣ ସବୁବେଳେ ବୋଝ ନହେଲେ ବିଳାସର ସାମଗ୍ରୀ? ଯେତେବେଳେ ସେମାନେ ଅସମର୍ଥ ପାଲଟନ୍ତି ସେତେବେଳେ ସେମାନଙ୍କ ପାଇଁ ମୃତ୍ୟୁ ହିଁ ଶ୍ରେୟସ୍କର ପାଲଟିଯାଏ! ଖାଲି କଣ ନାରୀ ପାଇଁ ଦର୍ କଷା ଯାଏ ଆଉ ସୌନ୍ଦର୍ଯ୍ୟ ମପାଯାଏ! ତା ପାଇଁ ରାଜନୀତି ବି କରାଯାଏ!



ଡ. ମୌସୁମୀ ପରିଡ଼ା

## ପ୍ରଳାପ

ପାଗଳର ପ୍ରଳାପ ଗହଳିର ଭ୍ରମ ସୃଷ୍ଟି କରୁଥାଏ ରାସ୍ତାରେ। ସେ କେତେବେଳେ ହସୁଥାଏ..ତ କେତେବେଳେ କାନ୍ଦୁଥାଏ। ରାସ୍ତା କଡରେ ଥିବା ନଳଟି ଫାଟିଯାଇ ସେଥିରୁ ଖୁବ୍ ଯୋର୍‌ରେ ପାଣି ବୋହି ଚାଲିଥାଏ। ଠିକ୍ ସେଇଠି ରାସ୍ତା ଉପରେ ଛିଡାହୋଇ ଲୋକଟା ଚିତ୍କାର କଲା–ହଁ, ମୁଁ ତୁମକୁ ଭଲପାଏ..ନିଜ ଜୀବନଠୁଁ ବଳି। ତୁମ ବିନା ମୁଁ ମରିଯିବି। ତା ପୂର୍ବରୁ କିନ୍ତୁ ଏ ସଂସାରକୁ କହିଦେଇ ଚାଲିଯିବାକୁ ଚାହେଁ। ସେପଟୁ ପ୍ରଶ୍ନ ଆସିଲା–ଏବେ ତୁମେ କେଉଁଠି? ସେ କହିଲା– ତୁମକୁ କଣ ଶୁଭୁନାହିଁ ନଦୀର ଏ କୂଳୁକୂଳୁ ଶବ୍ଦ..ଆଉ ଲୋକମାନଙ୍କ ପାଟିତୁଣ୍ଡ..? ଯଦି ବିଶ୍ୱାସ ହେଉନାହିଁ ତେବେ ହସ୍ପିଟାଲରେ ମୋ ଡେଡ୍‌ବଡି ଦେଖି ବିଶ୍ୱାସ କରିଯିବ କାଲି। ମୁଁ ଏ ନଈକୁ ଡେଇଁ ଆତ୍ମହତ୍ୟା କରିବି ଏବେ। ହେଲେ ତୁମକୁ ଏତେ ବୁଝାଇ ପାରିବି ନାହିଁ। ସେପଟୁ ଶୁଭିଲା– ପ୍ଲିଜ୍ ରହିଯାଅ..ମୋର ଭୁଲ୍ ହୋଇଛି। କ୍ଷମା ମାଗୁଛି। ମୋ ରାଣ ତୁମକୁ। ଆଉ ସନ୍ଦେହ କରିବିନି।

ଏପଟୁ ଫୋନ୍‌ଟା କଟିଗଲା। ଆଉ ସ୍ୱାଭାବିକ ଭାବେ ଲୋକଟା ଚାଲିଲା ଆଗକୁ। ସେପଟୁ ଖାଲି ଅବିରତ ରିଙ୍ଗ୍..। ହେଲେ ବିନ୍ଦାସ୍‌ରେ ସେ ଚାଲିଥାଏ ଆଗକୁ ଫୋନ୍‌କୁ ପକେଟ୍‌ରେ ରଖି। ପରିସ୍ଥିତିକୁ ବୁଝିପାରୁନଥିବା ଲୋକଟିଏ ପଚାରିଲା ପିଲାଟାକୁ..କଣ ହେଲା କିରେ? ଦୋକାନ ବାରଣ୍ଡାରେ ଛିଡାହୋଇ ସବୁ ଦେଖୁଥିବା ପିଲାଟି କହିଲା–ତିନୋଟି ପାଗଳଙ୍କ ପାଗଳାମୀ ଚାଲିଥିଲା। ଜଣେ ଏଠି ଏଯାଏଁ ଗପୁଛି। ଆଉ ଜଣେ ଯିଏ ଫୋନ୍‌ରେ ଗପୁଥିଲା,ତୃତୀୟ ଜଣକ ଯିଏ ସେପଟୁ ଫୋନ୍‌ରେ ଶୁଣୁଥିଲା। ଲୋକଟି ପଚାରିଲା–ଲାଗୁଛି ଏ ଯେଉଁ ଲୋକଟି ପକେଟ୍‌ରେ ହାତପୂରାଇ ଆରାମରେ ଚାଲିଯାଉଛି,ସେ ସବୁଠାରୁ ବେଶି ଚାଲାକ୍। ପିଲାଟି କହିଲା–ହଁ ନୁହେଁ ତ ଆଉ କଣ.. ଫଟା ନଳଟାକୁ ଯେ ନଦୀ,ଆଉ ପାଗଳର ପ୍ରଳାପକୁ ଯେ ଗହଳିର ନାଁ ଦେଇପାରିଲା,ସେ ତ ନିଶ୍ଚିତଭାବେ ଚାଲାକ୍..ମାନେ ଟିକେ ଉନ୍ନତ କିସମର ପାଗଳ..।

ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର। କ୍ୱା.ନଂ–୩ଆର/୪। ଜଗତସିଂହପୁର

# ଏମିତି ଏ ବନ୍ଧନ

ସୁଶାନ୍ତ କୁମାର ନନ୍ଦ



ମଧୁମିତା ଠିକ୍ ଲକ୍ଷ୍ୟ କରିପାରୁଥିଲା। ପିଲାଟା ସାମ୍‌ନା କ୍ୱାଟରରୁ ଏଇ କିଛିଦିନ ହେବ ତାଙ୍କରି ଘର ଆଡ଼କୁ ହିଁ ପ୍ରାୟତ ଦୃଷ୍ଟି ନିକ୍ଷେପ କରୁଥିଲା। ତାଙ୍କରି ଘର ଆଡ଼କୁ ଚାହିଁ ତାକୁ ଦେଖୁଥିଲା ସେ। ପିଲାଟାକୁ ଆଗରୁ କେବେ ବି ଏ କଲୋନୀରେ ଦେଖି ନ ଥିଲେ ସେ। ପିଲାଟି ଏ ପରିବେଶରେ ସମ୍ପୁର୍ଣ୍ଣ ଭାବରେ ନୂଆ ଥିଲା କହିଲେ ଭୁଲ୍ ହେବ ନାହିଁ। ଏଇଥି ପାଇଁ ଯେ, ସାମ୍‌ନା କ୍ୱାଟରଟା ବହୁତ ଦିନ ହେବ ବ୍ୟବହାର ଶୂନ୍ୟ ଭାବରେ ପଡ଼ି ରହିଥିଲା। ଏଇ ଗତ ସପ୍ତାହରୁ ହିଁ କେହି ଜଣେ ସପରିବାର ଆସି ରହିଛନ୍ତି ବୋଲି ସ୍ୱାମୀ ଆଶୁତୋଶଙ୍କ ନିକଟରୁ ଶୁଣିଥିଲା ମଧୁମିତା। ଲମ୍ବା ଚେହେରା। ବେଶୀ ମୋଟା ନୁହେଁ, ଉଚ୍ଚତାକୁ ନେଇ ଶରିର ଗଠନ ଭୁଲ୍ ନଥିଲା। ଦେହର ରଂଗ ଠିକ୍ ଥିଲା ପିଲାଟା ପାଇଁ। ବୟସ ଏଇ କୋଡ଼ିଏ ପାଖାପାଖି ହେବ ବୋଧହୁଏ। ଏହା ଥିଲା ମଧୁମିତାର ଅନୁମାନ ପିଲାଟି ପ୍ରତି। ଏଇଥି ପାଇଁ ଅନୁମାନ କରି କହିଦେଉଥିଲା, କାରଣ ମଧୁମିତା ଯେତେଥର ବାଲ୍‌କୋନିରେ ପାଦ ଦେଇଛି ପ୍ରାୟତ ପ୍ରତିଥର ତା' ଆଖି ପ୍ରଥମ ପଡ଼ିଛି ସେ ଅଜଣା ପିଲାଟା ଉପରେ। ବେଳେ ବେଳେ ତ ମଧୁମିତା ଉପରେ ଆଖି ପଡ଼ିବା ମାତ୍ରେ ପିଲାଟା ମୁହଁରେ ଏମିତି ହସ ଫୁଟି ଉଠୁଥିଲା ଯେମିତି ସେ ତାକୁ ବହତ ଆଗରୁ ଜାଣିଛି ଆଉ ଚିହ୍ନିଛି ମଧ। ହେଲେ ତା'ର ସେ ହସ ଟିକକ ମଧୁମିତାକୁ ଦେହରେ ଛୁଂଚି ଫୋଡ଼ିଦେଲାପରି ଲାଗୁଥିଲା। ରାଗରେ ରକ୍ତ ଚାଉଳ ଚୋବାଉଥିଲା ସେ। ନିଶ୍ଚୟ ଭାବରେ ନିହାତି ଅଭଦ୍ରଟାଏ ହୋଇଥିବ। ନ ହୋଇଥିଲେ କ'ଣ ଏମିତି ଘୁରି ଘୁରି ତାକୁ ହିଁ ଦେଖୁ ଥାଆନ୍ତା। ନା, ଆଉ ନୁହେଁ। ଏଥର ପିଲାଟାର ହରକଦ୍ ବିଷୟରେ ଆଶୁତୋଷଙ୍କୁ କହିବାକୁ ହେବ। ଦରକାର ହେଲେ ପୋଲିସ୍‌ରେ ବି। କି ବିଶ୍ୱାସ ଆଜିର ଏ ବିପଥଗାମୀ ଯୁବକମାନଙ୍କୁ ଯେ! ଏମିତି ତ ଅନେକ ଘଟଣା ବିଷୟରେ ପ୍ରତିଦିନ ସମ୍ବାଦପତ୍ରଠାରୁ ନେଇ ଟେଲିଭିଜନ୍ ପରଦା ଯାଏଁ ଦେଖୁଛି ସେ। ସେଦିନ ସ୍କୁଲ୍ ଛୁଟିଥିଲା। ଆଶୁତୋଶ ବି ଘରେ ଥିଲେ। ଡ୍ରଇଂ ରୁମ୍‌ରେ କିଛି କାମରେ ନିଜକୁ ହଜାଇ ଦେଇଥିଲା ମଧୁମିତା। ହଠାତ୍ କଲିଙ୍ଗ୍ ବେଲ୍ ବାଜି ଉଠିଲା। କଲିଙ୍ଗ୍ ବେଲ୍‌ର ଶବ୍ଦ ଶୁଣି ମଧୁମିତା ବ୍ୟସ୍ତତା ଭିତରୁ ମୁକୁଳି ଡୋର୍ ଆଡ଼େ ଚାହିଁଲା, କିଏ ଏ ସମୟରେ! ବିଳମ୍ବ ନକରି ମେନ୍‌ଡ଼ୋର ଖୋଲିଦେଲା ସେ। ଚମକି ପଡ଼ିଲା ମଧୁମିତା। ଘୁଂଚି ଆସିଲା ଦୁଇ ପାଦ ପଛକୁ। ଅଜଣା ଭୟଟାଏ ମନରେ ଖେଳିଗଲା ତା'ର। ସମ୍ମୁଖରେ ଠିଆ ହୋଇ ରହିଥିଲା ସେଇ ପୂର୍ବୋକ୍ତ ପିଲାଟି। କ'ଣ କରିବ ନକରିବ ଭାବିପାରୁନଥିଲା ମଧୁମିତା। ଏହା ମଧ୍ୟରେ ଆଶୁତୋଶ ବି ଆସି ପହଁଚି ସାରଥିଲେ ସେଠାରେ। କିଛି ପଚାରିବା ଆଗରୁ ପିଲାଟିର ହାତ ଦୁଇଟି ଲମ୍ବି ଆସିଥିଲା ମଧୁମିତା ଆଉ ଆଶୁତୋଶଙ୍କ ପାଦ ଛୁଇଁବା ପାଇଁ।

– "ମୁଁ ଆକାଶ! ଆପଣଙ୍କ ନୂଆ ପଡ଼ୋଶୀ କହିଲେ ଭୁଲ୍ ହେବନାହିଁ। ମାଆ ବାବାଙ୍କ ସହିତ ଆପଣଙ୍କ ସମ୍ମୁଖ କ୍ୱାଟରରେ ଏଇ ଅଳ୍ପଦିନ ହେବ ରହୁଛି।" ନମ୍ର ଭାବରେ ଦୁହିଁଙ୍କ ଉଦ୍ଦେଶ୍ୟରେ କହି ଏଥର ସଙ୍ଗରେ ଆଣିଥିବା ପ୍ୟାକେଟ୍‌ଟା ବଢ଼ାଇଦେଲା ମଧୁମିତା ଆଡ଼କୁ। ପିଲାଟିକୁ ଅପଲକ ନୟନରେ ଚାହିଁ ରହିଥିଲେ ମଧୁମିତା। ଏଥର ମଧୁମିତାକୁ ଚାହିଁ କହିଲା ପିଲାଟି।

– "ଦେଖନ୍ତୁ, ଯଦି ଆପଣଙ୍କ ସମୟ ନଷ୍ଟ କରୁଥାଏ ସେଥିପାଇଁ କ୍ଷମା ଚାହୁଁଛି। ଯେବେଠୁଁ ଆପଣଙ୍କୁ ଏଇଠି ପ୍ରଥମ ଥର ପାଇଁ ଦେଖିଲି, କେଜାଣି କାହିଁକି ବହୁ ଦିନ ତଳରୁ ଗାଡ଼ି ଆସିଡେଂଟରେ ଆମକୁ ଛାଡ଼ି ଚାଲିଯାଇଥିବା ମୋର ସେଇ ଭଉଣୀର କଥା ମନେ ପଡ଼ିଗଲା। ମୁଁ ବାସ୍ ଆପଣଙ୍କ ଭିତରେ ମୋର ସେହି ହଜିଲା ଭଉଣୀର ମୁହଁ ଦେଖିବାକୁ ପାଇଲି। ଆସିବା ଦିନରୁ ପ୍ରତିଟି ମୁହୁର୍ତ୍ତ ଏହି ସମୟକୁ ଅପେକ୍ଷା କରି ରହିଥିଲି ମୁଁ। ଏଇ ପ୍ୟାକେଟ୍‌ରେ ଥିବା ରାକ୍ଷୀଟିକୁ ଆପଣ ମୋ ହାତରେ ବାନ୍ଧିଦେଇ ପାରିବେ ଦିଦି? ମୋର ଆଉ କିଛି ବି ଲୋଡ଼ା ନାହିଁ ଦିଦି।" ପିଲାଟିର ଆଖିରୁ ବହିଯାଉଥିଲା ଲୁହରଧାର। ଚାହିଁରହିଥିଲା ମାଧୁମିତା। ଚାହିଁରହିଥିଲେ ଆଶୁତୋଶ। ଆଖିର ଲୁହ ଓଠ ଛୁଇଁ ସାରିଥିଲା ମଧୁମିତାର। ସେ ଲୁହ ଦୁଇଟୋପା ସେତେବେଳକୁ ପିଲାଟି ପ୍ରତି ତା' ମନରେ ଥିବା ଘୃଣାସବୁକୁ ଧୋଇସାରିଥିଲା ଯେମିତି। ପିଲାଟିର ଭଉଣୀ ପ୍ରତି ଅନାବିଳ ଭଲପାଇବା ଆଗରେ ନିଜକୁ ବହୁତ ଛୋଟ ମଣୁଥିଲେ ସେ। ଶେଷରେ ସମସ୍ତ ଅପେକ୍ଷାର ଅନ୍ତ ଖୁସିରେ ବଦଳି ସାରିଥିଲା। ପିଲାଟି ହାତରେ ରାକ୍ଷୀ ବାନ୍ଧି ଭାଇ ବୋଲି ଗ୍ରହଣ କରିସାରିଥିଲା ମଧୁମିତା। ଏତେ ଦିନପରେ ପିଲାଟି ଭଉଣୀ ହାତରୁ ରାକ୍ଷୀ ବାନ୍ଧି ସବୁ ଦୁଃଖକୁ ଭୁଲିଯାଉଥିଲା ଯେମିତି।

ଜୟଦେବବିହାର,
ଭୁବନେଶ୍ୱର–୧୨

### ଉପକୂଳରେ ବିପର୍ଯ୍ୟୟ ସତର୍କ ସୂଚନା ଯନ୍ତ୍ର ସ୍ଥାପନ

# ମିଳିବ ଆଗୁଆ ସୂଚନା

**ଭୁବନେଶ୍ୱର :** ସମଗ୍ର ଦେଶରେ ତଥା ଓଡ଼ିଶାରେ ପ୍ରଥମ ଥର ପାଇଁ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବିପର୍ଯ୍ୟୟ ସତର୍କ ସୂଚନା ପ୍ରଦାନ ଯନ୍ତ୍ର ସ୍ଥାପନ କରାଯିବ। ଅଗଷ୍ଟ ୧୫ ସୁଦ୍ଧା ଏହି ଦୁଇ ଜିଲ୍ଲାର ୧୯୪ କିଲୋମିଟର

## ସାମୁଦ୍ରିକ ଝଡ ଓ ଭୂକମ୍ପ

ଉପକୂଳରେ ସତର୍କ ସୂଚନା ଯନ୍ତ୍ର ସଂଯୋଗ କରାଯିବ। ଏହାଦ୍ୱାରା ସୁନାମୀ, ସାମୁଦ୍ରିକ ଝଡ ଓ ଭୂମିକମ୍ପ ସମ୍ପର୍କରେ ସୂଚନା ମିଳିପାରିବ ବୋଲି କହିଛନ୍ତି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଏମ୍‌ଡି ପ୍ରଦୀପ୍ତ ମହାପାତ୍ର। ଶ୍ରୀ ମହାପାତ୍ର କହିଛନ୍ତି, ରାଜ୍ୟର ୪୮୦ କିଲୋମିଟର ଉପକୂଳରେ ଏହି ବ୍ୟବସ୍ଥା ସ୍ଥାପନ କରାଯିବ। ପୁରୀ, ଗଞ୍ଜାମ, ବାଲେଶ୍ୱର, ଜଗତସିଂହପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୨୨ଟି ବ୍ଲକରେ ଏହି ବ୍ୟବସ୍ଥା ସ୍ଥାପନ ହେବ। ସେଥିପାଇଁ ପ୍ରାଥମିକ ପଦକ୍ଷେପ ନିଆସରିଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସତର୍କ ସୂଚନା ବ୍ରବସ୍ଥା ସ୍ଥାପନା ଉପକୂଳର ୨୨ଟି ବ୍ଲକର




ଲୋକମାନେ ସାମୁଦ୍ରିକ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା ପାଇପାରିବେ। ସେମାନଙ୍କୁ ସତର୍କତା ସୂଚନା ପ୍ରଦାନ କରାଯିବ। ସୁନାମୀ, ସାମୁଦ୍ରିକ ଝଡ ବା ସାମୁଦ୍ରିତ ଭୂକମ୍ପ ଆସିଲେ, ସାଇରନ୍ ବାଜିବ। ଏହାବ୍ୟତୀତ ସୂଚନା ମିଳିବ। ମୋବାଇଲ୍‌ରେ ଏସ୍‌ଏମ୍‌ଏସ୍ ମିଳିପାରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ୬ଟି ଜିଲ୍ଲାରେ ମୋଟ ୧୨୨ଟି ସ୍ଥାନରେ ଟାୱାର ସ୍ଥାପନ କରାଯିବ। ସେହି ଟାୱାରରୁ ସମୁଦ୍ର କୂଳରୁ ୧.୫ କିଲୋମିଟର ସ୍ଥଳଭାଗ ପର୍ଯ୍ୟନ୍ତ ସତର୍କ ସୂଚନା ମିଳିପାରିବ। ଏହି ସତର୍କ ସୂଚନା ପରେ ସେମାନେ ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ ସୁଯୋଗ ପାଇବେ। ସରକାର ପ୍ରଥମ ପର୍ଯ୍ୟାୟରେ ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବେ। ଅଗଷ୍ଟ ୧୫ ସୁଦ୍ଧା ଏହି ଦୁଇ ଜିଲ୍ଲାରେ ବିପର୍ଯ୍ୟୟ ସତର୍କ ସୂଚନା ଟାୱାର ସ୍ଥାପନ କରାଯିବାକୁ ପଦକ୍ଷେପ ନିଆଯାଇଛି। ବିଭିନ୍ନ ପଞ୍ଚାୟତ ଓ ଗ୍ରୀଡ୍ ଷ୍ଟେସନ ଗୁଡିକରେ ଟାୱାର ପ୍ରତିଷ୍ଠା ଆରମ୍ଭ ହୋଇଥିବା ସେ କହିଛନ୍ତି। ପରେ ଦ୍ୱିତୀୟ ପର୍ଯ୍ୟାୟରେ ବାଲେଶ୍ୱର ଓ ଜଗତସିଂହପୁର ଜିଲ୍ଲାରେ ଟାୱାର ସ୍ଥାପନ କରାଯିବ। ଏହି କାର୍ଯ୍ୟ ଅଗଷ୍ଟ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ସେପ୍ଟେମ୍ବର ମାସରେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଟାୱାର ପ୍ରତିଷ୍ଠା କାର୍ଯ୍ୟ କରାଯିବ। ୧୫ଦିନ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମୋଟ ୬ଟି ଜିଲ୍ଲାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଶ୍ୱବ୍ୟାଙ୍କ ଏଥିପାଇଁ ସହାୟତା ଦେଇଛି। ଏହି ବ୍ୟବସ୍ଥାରେ ସବୁ ପ୍ରକାର ଅତ୍ୟାଧୁନିକ ଜ୍ଞାନକୌଶଳ ବିନିଯୋଗ କରାଯାଉଛି। ଏଥିରେ ସାଟେଲାଇଟ୍ ଭିତ୍ତିକ ମୋବାଇଲ୍ ଡାଟା ଓ ଭଏସ୍ ବ୍ୟବସ୍ଥା ରହିବ। ଡିଜିଟାଲ ମୋବାଇଲ୍ ରେଡିଓ, ଗଣମେସେଜ୍ ବ୍ୟବସ୍ଥା ଏଥିରେ ରହିବ। ଏହାଦ୍ୱାରା ଲୋକଙ୍କୁ ସହଜରେ ସୂଚନା ଦିଆଯାଇପାରିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ।

# ହରିଜନଙ୍କ ଅକ୍ତିଆରରେ ଆଦିବାସୀ ଜମି

**ରାୟଗଡା :** ରାୟଗଡା ଜିଲ୍ଲା ଅନ୍ତର୍ଗତ ଚନ୍ଦ୍ରପୁର ବ୍ଲକ ଅଧିନସ୍ଥ ଖିଲୁଣ୍ଡି ମୌଜାରେ ଜମିଜମା ପାଇଁ ଆଦିବାସୀ ଓ ହରିଜନ ମଧ୍ୟରେ ଦିନକୁ ଦିନ ବାଦବିବାଦ ଗଣ୍ଡଗୋଳ ଘନେଇବାରେ ଲାଗିଛି । ଘଟଣାରୁ ପ୍ରକାଶ ଯେ ଖିଲୁଣ୍ଡି ଗ୍ରାମରେ ପ୍ରାୟ ୩୦ଟି ଆଦିବାସୀ ପରିବାର ବସବାସ କରିଆସୁଛନ୍ତି।। ସେମାନେ ଖିଲୁଣ୍ଡି ମୌଜାରେ ପୂର୍ବ ପୁରୁଷ ଅମଳରୁ ଜମି ଚାଷ କରି ନିଜର ପରିବାର ଭରଣ ପୋଷଣ କରିଆସୁଥିଲେ। ଏଥିମଧ୍ୟରେ ସହଦେବ ଦଳେଇ ନାମକ ସରକାରୀ ଶିକ୍ଷକ ଖିଲୁଣ୍ଡି ଗ୍ରାମରେ ନିଯୁକ୍ତି ପାଇ ଶିକ୍ଷକତା କରିଆସୁଥିଲେ । ଜଣେ ନିରୀହ ସରଳ ଆଦିବାସୀମାନଙ୍କ ସହ ସୁସଂପର୍କ ରଖି ଖିଲୁଣ୍ଡି ମୌଜାର ଖାତା ନଂ ୧୦ ଓ ୧୮ଚାଷ ଜମିକୁ ନିଜ ନାମ ଓ ନିଜପତ୍ନୀ ବାଳ ସୁନ୍ଦରୀ ଦଳେଇଙ୍କ ନାମରେ ପଟ୍ଟା କରିଦେଇଥିଲେ। କିନ୍ତୁ ଚତୁରତାର ସହ କାଗଜପତ୍ର କରିବା ସତ୍ତ୍ୱେ ଏହି ଜମିକୁ ନିଜ ଅକ୍ତିଆରକୁ ନେଇପାରିନଥିଲେ। ଏହି ଜମିକୁ ଆଦିବାସୀମାନେ ବର୍ତ୍ତମାନ ସୁଦ୍ଧା ଚାଷ କରି ପରିବାର ଭରଣ ପୋଷଣ କରିଆସୁଛନ୍ତି । କିନ୍ତୁ ହଠାତ୍ ଗତବର୍ଷ ୪ ସହଦେବ ଦଳେଇଙ୍କ ତିନିପୁତ୍ର କୃଷ୍ଣଚନ୍ଦ୍ର ଦଳେଇ, ପୂର୍ଣ୍ଣଚନ୍ଦ୍ର ଦଳେଇ ଓ ଦୁର୍ଗାଚରଣ ଦଳେଇ ପୋଲିସ ନିକଟରେ ମିଥ୍ୟା ମାମଲା ରୁଜୁ କରି ପୋଲିସ ଦ୍ୱାରା ବିଭିନ୍ନ ହଇରାଣ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ପୁନଶ୍ଚ ଆଦିବାସୀମାନେ ଅଭିଯୋଗ



ପୁନଶ୍ଚ ଗ୍ରାମବାସୀମାନେ କହିଛନ୍ତି ଯେ ୪ ସହଦେବ ଦଳେଇଙ୍କ ନିଜ ବାସସ୍ଥାନ ଗଜପତି ଜିଲ୍ଲା ଅନ୍ତର୍ଗତ ମୋହନା ପଞ୍ଚାୟତ ସମିତିର ବିରକଟ ଗ୍ରାମରେ ସେ ସେଠାରେ ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ, ଖିଲୁଣ୍ଡି ଗ୍ରାମରେ ଶିକ୍ଷକ ରୂପେ ଚାକିରି ପାଇ ବିଜାପୁର ପଂଚାୟତର ଗୁଣ୍ଡୁରିଗୁଡା ଗ୍ରାମରେ ବସବାସ କରିଆସୁଥିଲେ । ଜଣେ ଶିକ୍ଷକ କିପରି ୨୮ ଏକର ଆଦିବାସୀଙ୍କ ଚାଷ ଜମିକୁ ନିଜ ଏବଂ ନିଜ ପତ୍ନୀଙ୍କ ନାମରେ ପଟ୍ଟା କିପରି କରାଇଲେ ଏହାର ତଦନ୍ତ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଯଥା ସୁକେଲା ପାଡଗଣ୍ଡା, କେପଡି ମାକଟଙ୍ଗା, ବେରିଡି ମାକଟଙ୍ଗା, ମାୟା ପାଡଗଣ୍ଡା, ପ୍ରମୋଦ ପାଡଗଣ୍ଡା, ଚନ୍ଦ୍ର ମାକଟଙ୍ଗା, ସେଟ୍ରି ମାକଟଙ୍ଗା, ଡାକୁ ମାକଟଙ୍ଗା, ଡିଅ ପାଡଗଣ୍ଡା, ଦୁରଦାର ପାଡଗଣ୍ଡା, ମାର୍କ ପାଡଗଣ୍ଡା, ଗାଙ୍ଗେରା ମାର୍କଟଙ୍ଗା ଓ ଗେଞ୍ଜା ମାକଟଙ୍ଗା ଏହାର ତଦନ୍ତ ପାଇଁ ଉଚ୍ଚ ପଦାଧିକାରୀଙ୍କ ଠାରେ ଦାବୀ କରିଛନ୍ତି । କରିଛନ୍ତି ଯେ ସେମାନଙ୍କ ପିତୃପୁରୁଷ ଉକ୍ତ ଜମିରେ ଥିବା ଜଙ୍ଗଲ ସଫା କରି ଖୁଣ୍ଟ କଡାକଡି କରି ଜମି ସଫା କରିଥିଲେ। ଉକ୍ତ ଜମିକୁ ସେମାନେନ ରକ୍ଷଣା ବେକ୍ଷଣା କରି ଚାଷ କରି ଆସୁଛନ୍ତି। କିନ୍ତୁ କିପରି ୪ ସହଦେବ ଦଳେଇ ଜମିର ବିନା ମାପଜୁପରେ ନିଜ ନାମରେ ପଟ୍ଟା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪ ସହଦେବ କିମ୍ବା ତାଙ୍କ ତିନି ପୁତ୍ର ଉକ୍ତ ଜମିକୁ ନିଜ ଜମି ବୋଲି କହିନାହାନ୍ତି। ଜମିର ପଟ୍ଟା କରିବା ସତ୍ତ୍ୱେ ମଧ୍ୟ ଉକ୍ତ ଜମିଟି ଆମର ବୋଲି ପ୍ରକାଶ କରିନାହାନ୍ତି ବୋଲି କହିଛନ୍ତି। ପୁନଶ୍ଚ ଆଦିବାସୀମାନେ କହିଛନ୍ତି ଯେ ଏହି ଜମିକୁ ଆମ୍ଭେମାନେ ପୂର୍ବପୁରୁଷରୁ ଚାଷ କରିଆସୁଛୁ, କୌଣସି ପରିସ୍ଥିତିରେ ଏହି ଜମିକୁ ଛାଡିବୁ ନାହିଁ। ଏହି ଜମି ଗଣ୍ଡଗୋଳ ଯୋଗୁଁ ଦୁଇ ଗୋଷ୍ଠୀ ମଧ୍ୟରେ ସଘର୍ଷ ଘଟି ଭବିଷ୍ୟତରେ କ'ଣ ଘଟିବା କହିବା ଅସମ୍ଭବ । ଏଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଆଗୁଆ ଏହାର ସମାଧାନ କରିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଚିଲିକା ମଝିରେ ଝଡ଼, ଡଙ୍ଗା ହେଲା ବାଟବଣା

**ବ୍ରହ୍ମଗିରି :** ଚିଲିକାରେ ଗତ ଶୁକ୍ରବାର ଦିନ ୨ ଶହରୁ ଅଧିକ ଯାତ୍ରୀ ଏକ ବଡ଼ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୋଟିଏ ଭେସେଲ୍ ଓ ୩ଟି ଯାତ୍ରୀବାହୀ ଡଙ୍ଗାରେ ଏହି ଯାତ୍ରୀମାନେ ଆସୁଥିବାବେଳେ ପ୍ରବଳ ଝଡ଼ତୋଫାନ ଯୋଗୁ ଚିଲିକା ମଝିରେ ଅଟକି ରହିଥିଲେ।ଏତିକି ବେଳେ ଭେସେଲ୍‌ଟି ଚ୍ୟାନେଲ ବାହାରକୁ ଚାଲିଯିବାରୁ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରି ଚିତ୍କାର କରିଥିଲେ। ଭେସେଲ୍‌ଟି ଚିଲିକା ମଝିରେ ଘୂରି ବୁଲିବା ପରେ ଦୀର୍ଘ ୨ ଘଣ୍ଟା ପରେ ବହୁକଷ୍ଟରେ ସାତପଡ଼ା ଘାଟରେ ପହଞ୍ଚିଥିଲା। ସୂଚନା ଅନୁଯାୟୀ ଜହ୍ନିକୁଦା ଘାଟରୁ ୪ଟି ଡଙ୍ଗାରେ ଶହେରୁ ଅଧିକ ବାଇକ୍ ଓ ୨ଶହରୁ ଅଧିକ ଯାତ୍ରୀ ଏବଂ ଗୋଟିଏ ଭେସେଲ୍‌ରେ ୫୦ରୁ ଅଧିକ ବାଇକ୍, ୨ଟି ୪ଚକିଆ ଯାନ ଓ ଶତାଧିକ ଯାତ୍ରୀ ସାତପଡ଼ାକୁ ଆସୁଥିଲେ। ଆସିବା ବାଟରେ ହଠାତ୍ ମଝି ଚିଲିକାରେ ଝଡ଼ ତୋଫାନ ଆରମ୍ଭ ହୋଇଥିଲା। ପ୍ରବଳ ଜୁଆର ସାଙ୍ଗକୁ ଝଡ଼ ତୋଫାନ ଯୋଗୁ ଚିଲିକା ସମ୍ପୂର୍ଣ୍ଣ ଅଶାନ୍ତ ହୋଇପଡ଼ିଥିଲା। ସେତେବେଳକୁ ଗୋଟିଏ ଡଙ୍ଗା ସାତପଡ଼ା ଘାଟରେ ଲାଗି ଯାଇଥିଲା। ଅନ୍ୟ ୩ଟି ଡଙ୍ଗା ଓ ଭେସେଲ୍ ମଝି ଚିଲିକାରେ ଫସି ଯାଇଥିଲା। ସତର୍କତାର ସହ ଡଙ୍ଗା ଚାଳକ ୩ଟି ଡଙ୍ଗାକୁ ନେଇ ମହିଷା ଘାଟରେ ଲଗାଇ ଦେଇଥିଲେ। ମାତ୍ର ଭେସେଲ୍‌ଟି ନିଜ ଚ୍ୟାନେଲ୍ ବାହାରକୁ ଚାଲି ଯିବା ସହ ଚିଲିକାରେ ଖାଲି ଘୂରି ବୁଲିଥିଲା। ଝଡ଼ର ତାଣ୍ଡବରେ ଭୟଭୀତ ଲୋକେ ପ୍ରାଣ ବିକଳରେ ଚିତ୍କାର କରିଥିଲେ। ବହୁକଷ୍ଟରେ ଯାତ୍ରୀଙ୍କ ସହିତ ଭେସେଲ୍‌ଟି ଦୁଇ ଘଣ୍ଟା ପରେରାତି ସାଢ଼େ ୮ଟା ବେଳକୁ ସାତପଡ଼ା ଘାଟକୁ ଫେରିଥିଲା। ଚିଲିକାରେ ଏଭଳି ବାରମ୍ବାର ବିପଦସଙ୍କୁଳ ଭାବେ ଜଳଯାତ୍ରା ଚାଲିଥିବାବେଳେ ଅନେକ ସମୟରେ ଯାତ୍ରୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଯାଉଛି। କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ବ୍ଲକ କାର୍ଯ୍ୟାଳୟର ଛାତ ଉପରେ କୁଢ଼କୁଢ଼ ମଦବୋତଲ

**ଡାବୁଗାଁ :** ଡାବୁଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ଏକ ଛାତ ଉପରେ କୁଢ଼କୁଢ଼ ବିଦେଶୀ ମଦ ବୋତଲ ପଡିଥିବା ଦୃଷ୍ଟିଗୋଚରକୁ ଆସିଛି। ଡାବୁଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଲାଗି ପାର୍ଶ୍ୱରେ ଥିବା ଛାତଘର ଉପର ଏଭଳି ଅବସ୍ଥା ଦେଖି ମନରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ପାଖକୁ ଲାଗି ଉପରକୁ ଡବ୍ଲୁଇଓ, ଏସ୍‌ପିଇଓଙ୍କ କାର୍ଯ୍ୟାଳୟକୁ ଯିବା ପାହାଚ ଦେଇ ଯିବାକୁ ପଡିଥାଏ। ପାହାଚ



ପାହାଚ ଦେଇ ଗଲାପରେ ପାଖକୁ ଲାଗିଥିବା ଛାତଘର ସ୍ୱଷ୍ଟ ଭାବରେ ମଦ ବୋତଲ ଗୁଡିକ ପଡି ରହିଛି। ସୂଚନାଥାଉ କି, ବ୍ଲକ କାର୍ଯ୍ୟାଳୟ ପରିସରରେ ୭ ଗୋଟି ସିସିଟିଭି କ୍ୟାମେରା ରହିଥିବା ବେଳେ ଏଥିପ୍ରତି କାହାରି ନଜର ପଡୁନାହିଁ। ଗୋଟିଏ ଦାୟିତ୍ୱ ସମ୍ପନ୍ନ ପ୍ରଶାସନିକ କାର୍ଯ୍ୟାଳୟରେ ଏଭଳି ମଦ ବୋତଲ ପଡିରହିବା ଅତ୍ୟନ୍ତ ଲଜ୍ଜାକର ବିଷୟ ବୋଲି ଅଞ୍ଚଳରେ ଚାପା ଗୁଞ୍ଜରଣ ସୃଷ୍ଟି କରିଛି। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନିକ୍ଷେପ କରୁନାହାନ୍ତି। ଏଣୁ ବ୍ଲକ ପ୍ରଶାସନର ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ପକାଇ ପରିସରକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ କରାଇବା ନିମନ୍ତେ ଆଗ୍ରହ ପ୍ରକାଶ କରିବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହେଉଛି।

# ଚଣ୍ଡିଖୋଲରେ ସ୍ଥାପନ ହେବ ଓଡ଼ିଶାର ପ୍ରଥମ 'ରାଜପଥ ଗ୍ରାମ'

**ଭୁବନେଶ୍ୱର :** ଚଣ୍ଡିଖୋଲଠାରେ ସ୍ଥାପନ ହେବ ରାଜ୍ୟର ପ୍ରଥମ ରାଜପଥ ଗ୍ରାମ (ହାଇୱେ ଭିଲେଜ)। ଜାତୀୟ ରାଜପଥର ଯାତ୍ରୀଙ୍କ ପାଇଁ ଏଠାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ମିଳିବ। ସାରା ଦେଶରେ ପ୍ରଥମ ପର୍ଯ୍ୟାୟରେ ସ୍ଥାପନ ହେବାକୁଥିବା ୩୪ଟି ସ୍ଥାନ ମଧ୍ୟରୁ ଓଡ଼ିଶାରୁ ଚଣ୍ଡିଖୋଲକୁ ଚିହ୍ନଟ କରାଯାଇଥିବାରୁ କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛି ରାଜ୍ୟ ବିଜେପି। ଦଳର ସଭାପତି ବସନ୍ତ ପଣ୍ଡା ଓ ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ ଶ୍ରୀ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳ ପକ୍ଷରୁ କୁହାଯାଇଛି ଯେ ରାଜପଥ ପାର୍ଶ୍ୱ ଯାତ୍ରୀମାନଙ୍କୁ ସୁବିଧା ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାର ପ୍ରତି ୫୦ କିଲୋମିଟର ବ୍ୟବଧାନରେ ସୁବିଧା ଉପଲବ୍ଧ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୮୩ଟି ସ୍ଥାନର ବିକାଶ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଯାତ୍ରୀଙ୍କ ରହିବା, ଖାଇବା, ବିଶ୍ରାମ ଓ ସ୍ନାନ-ଶୌଚର ବ୍ୟବସ୍ଥା ଉପଲବ୍ଧ ହେବ। ଏହା ସହ ପାର୍କିଂ, ପେଟ୍ରୋଲପମ୍ପ, ଗ୍ୟାରେଜ, ଡ୍ରାଇଭରଙ୍କ ବିଶ୍ରାମସ୍ଥାନ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପଲବ୍ଧ ହେବ। ୫ ଏକରରୁ ଊର୍ଦ୍ଧ୍ୱ ସ୍ଥାନରେ ନିର୍ମାଣ ହେବାକୁ ସ୍ଥାନକୁ 'ରାଜପଥ ଗ୍ରାମ' ଓ ଏହାଠାରୁ କମ୍ ସ୍ଥାନରେ ନିର୍ମିତ ସ୍ଥାନକୁ 'ରାଜପଥ ବସା' (ହାଇୱେ ନେଷ୍ଟ) ଭାବରେ ଚିହ୍ନିତ କରାଯିବ। ବର୍ତ୍ତମାନ ସୁଦ୍ଧା ଏହାମଧ୍ୟରୁ ୩୦ଟି ସ୍ଥାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି ଏବଂ ଆସନ୍ତା ମାସରୁ କାର୍ଯ୍ୟ ଆରମ୍ଭ ହେବ।

# ପୁନଃରୁଦ୍ଧାର ପରେ ଲୋକଙ୍କ କାମରେ ଆସୁନି ପୋଖରୀ

**କେନ୍ଦୁଝର :** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକରେ ଦୂର୍ନୀତି ପାଇଁ ସବୁବେଳେ ଚର୍ଚ୍ଚାରେ ରହିଛି। ଦୂର୍ନୀତି କାରଣରୁ ଏହି ବ୍ଲକ ପଛରେ ପଡିଥିବାବେଳେ ପ୍ରତ୍ୟେକ ବର୍ଷ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଅଞ୍ଚଳର ଉନ୍ନତି ଏବେ ମଧ୍ୟ ହୋଇପାରିନାହିଁ। ଏହି ବ୍ଲକ ଠିକାଦାର,ଯନ୍ତ୍ରୀ ଏବଂ ଅଫିସରଙ୍କ ପାଇଁ ସବୁବେଳେ ଭୂସ୍ୱର୍ଗ ପାଲଟିଛି। ଏହି ପରି ଏକ ସଂଗୀନ ଅଭିଯୋଗ ମିଳିଛି ବାଂଶପାଳ ବ୍ଲକ ଗୋନାସିକା ଗ୍ରାମ ପଞ୍ଚାୟତରେ। ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅନୁଦାନରେ ୨ଲକ୍ଷ ଟଙ୍କା ବ୍ୟୟରେ ଚଳିତ ବର୍ଷ ମେ ମାସରେ ଗୋନାସିକାଠାରେ ଏକ ପୋଖରୀ ପୁନଃରୁଦ୍ଧାର କରାଯାଇଥିଲା। ନାମକୁ ମାତ୍ର ପୋଖରୀ ପୁନଃରୁଦ୍ଧାର କରାଯାଇ ପଙ୍କ ସଂପୂର୍ଣ୍ଣ ଉଠାନଯାଇ ତରବରିଆ ଭାବେ କାମ ଶେଷ କରାଯାଇଥିବା ଜଣାପଡିଛି।



ଏହି ପୋଖରୀ ପୁନଃରୁଦ୍ଧାର ମାତ୍ର ୨୦/୩୦ହଜାର ଟଙ୍କା କାମ କରି ବିଲ କରାଯାଇଥିବା ଅଭିଯୋଗ ମଧ୍ୟ ହୋଇଥିଲା। ଅଭିଯୋଗ ପରେ ସଂପୂର୍ଣ୍ଣ ବିଲ କରାଯାଇଥିବାବେଳେ ଏହି ପୋଖରୀ ପୂର୍ବବତ୍ ଘାସ ବୁଦା ଏବଂ ପଙ୍କ ଭରି ରହିଥିବାରୁ ଲୋକଙ୍କର ବ୍ୟବହାରରେ ଲାଗୁନାହିଁ। ଏହି ପୋଖରୀ ବ୍ୟତିତ ବୁଢିଘର,ରାଇଡିହା ଏବଂ ଗୁପ୍ତଗଙ୍ଗାଠାରେ ମଧ୍ୟ ପୋଖରୀ ପୁନଃରୁଦ୍ଧାର କାମ ନାମକୁ ମାତ୍ର କରି ଟଙ୍କା ହଡପ ହୋଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# +୩ କଲେଜ୍‌ରେ ସିଟ୍ ସଂଖ୍ୟା ୭.୫% ବଢ଼ିଲା

**ଭୁବନେଶ୍ୱର :** ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପସନ୍ଦର ମହାବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ଦେବା ନିମନ୍ତେ ଚଳିତ ବର୍ଷ +୩ କଲେଜ୍‌ମାନଙ୍କର ସିଟ୍ ସଂଖ୍ୟା ୭.୫ ପ୍ରତିଶତ ବୃଦ୍ଧି କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଘୋଷଣା କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିବା ପରେ ଯେଉଁ ମହାବିଦ୍ୟାଳୟଗୁଡ଼ିକରେ ସମସ୍ତ ସିଟ୍ ପୂରଣ ହୋଇସାରିଥିବା ସେହି ମହାବିଦ୍ୟାଳୟ ଗୁଡ଼ିକ ନିମନ୍ତେ ଏହି ନିଷ୍ପତ୍ତି ପ୍ରଯୁଜ୍ୟ ହେବ ବୋଲି ମନ୍ତ୍ରୀ କହିଛନ୍ତି। କଳା, ବିଜ୍ଞାନ ଓ ବାଣିଜ୍ୟ ବିଷୟରେ ସ୍ନାତକ କରିବା ପାଇଁ ଉତ୍ସୁକ ଛାତ୍ରଛାତ୍ରୀ ଏହି ସୁଯୋଗ ଲାଭ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କାର୍ଯ୍ୟକ୍ରମ ଶେଷ ହେବା ପରେ ଯେଉଁ ମହାବିଦ୍ୟାଳୟମାନଙ୍କରେ ସିଟ୍ ବଳକା ରହିଥିବା ସେହି କଲେଜଗୁଡ଼ିକ



ପାଇଁ ଏହି ନିଷ୍ପତ୍ତି ଗ୍ରହଣୀୟ ହେବ ନାହିଁ। ସେଲ୍ଫ ଫାଇନାନ୍ସିଂ ମହାବିଦ୍ୟାଳୟ ପାଇଁ ମଧ ଏହି ନିୟମ ଲାଗୁ ହେବ ନାହିଁ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ନିଷ୍ପତ୍ତି ସଂପର୍କିତ ସବିଶେଷ ବିବରଣୀ ଓ ମାର୍ଗଦର୍ଶିକା ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଖବରକାଗଜରେ ବିଜ୍ଞାପନ ମାଧ୍ୟମରେ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ତରଫରୁ ସୂଚନା ଦିଆଯାଇଛି।

# କେନ୍ଦୁଝର ସହର ମଝି ଏନ୍‌ଏଚ୍‌ରେ ବଡବଡ ଖାଲ

### ଲଗାଣ ବର୍ଷାରେ ଅବସ୍ଥା ବେହାଲ

**କେନ୍ଦୁଝର :** ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ସହର ଦେଇ ଯାଇଥିବା ଜାତୀୟ ରାଜପଥ ୪୯ରେ ବଡ ବଡ ଖାଲ ସୃଷ୍ଟି ହୋଇ ଦୁର୍ଘଟଣାର କାରଣ ସାଜିଛି। ସହର ମଧ୍ୟରେ ଉକ୍ତ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇ ବର୍ଷା ପାଣି ଜମି ରହିଥିବାବେଳେ ରାସ୍ତାରେ ଯାତାୟତ କରୁଥିବା ୨ଚକିଆ ଯାନ ଏହ ଖାଲ ସଂପର୍କରେ ଜାଣିନପାରି ଖାଲରେ ପଡି ଆହତ ହେଉଛନ୍ତି। ଗାନ୍ଧୀଛକଠାରୁ ସିରାଜୁଦ୍ଦିନ ଛକ ମଧ୍ୟରେ ଉଭୟ ପାର୍ଶ୍ୱରେ ଡ୍ରେନ୍ ପୋତି ହୋଇଯାଇଥିବାରୁ ମଇଳା ଆବର୍ଜନା ପାଣି ରାସ୍ତାରେ ଚାଲୁଛି। ଡ୍ରେନ୍‌ରେ ପାଣି ଯାଉନଥିବାରୁ ରାସ୍ତାରେ ବର୍ଷା ସମୟରେ ଘଣ୍ଟା ଘଣ୍ଟା ଧରି ପାଣି ଜମି ରହୁଥିବାରୁ



ରାସ୍ତା ନଷ୍ଟ ହେବାରେ ଲାଗିଛି। କେନ୍ଦୁଝର ସହର ମଧ୍ୟରେ ଜାତୀୟ ରାଜପଥ ୪୯ର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ପୁନଃରୁଦ୍ଧାର କରିବା ସହ ରାସ୍ତାରେ ସୃଷ୍ଟି ହୋଇଥିବା ବଡ ବଡ ଖାଲ ବନ୍ଦ କରିବା ପାଇଁ ବିଭାଗ ପଦକ୍ଷେପ ନନେଲେ ଆଗାମୀ ଦିନରେ ଏହି ଖାଲଖମା ଯୋଗୁଁ ଧନଜୀବନ ନଷ୍ଟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଗାନ୍ଧୀଛକରୁ ସିରାଜୁଦ୍ଦିନ ଛକ ମଧ୍ୟରେ ନିରଞ୍ଜନ ବେହେରାଙ୍କ ଖବରକାଗଜ ଦୋକାନ ସମ୍ମୁଖରେ ସୃଷ୍ଟି ହୋଇଥିବା ବଡ ଖାଲ ଯୋଗୁଁ ବାଇକ୍‌ଆରୋହୀମାନେ ଦୈନନ୍ଦିନ ପଡି ଆହତ ହେଉଛନ୍ତି। ଏତଦ୍‌ବ୍ୟତୀତ ଜାତୀୟ ରାଜପଥର କାଞ୍ଜିପାଣିରୁ କେନ୍ଦୁଝର ଏବଂ କେନ୍ଦୁଝରରୁ ତୁରୁମୁଙ୍ଗା ବୈତରଣୀ ପୋଲ ମଧ୍ୟରେ ଅନେକ ସ୍ଥାନରେ ଲଗାଣବର୍ଷା ଯୋଗୁଁ ଛୋଟବଡ ଖାଲ ସୃଷ୍ଟି ହୋଇ ଯାତାୟତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଥିବାବେଳେ ଏଗୁଡିକୁ ମରାମତି କରିବା ନିତ୍ୟାନ୍ତ ଜରୁରୀ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏହି ରାସ୍ତା ଏନ୍‌ଏଚ୍‌ଏଆଇକୁ ୪ଲେନ୍ ପାଇଁ ହସ୍ତାନ୍ତର ହୋଇ ଟେଣ୍ଡର ସରିଥିବାରୁ ରାସ୍ତା କାମ ଶୀଘ୍ର ଆରମ୍ଭ କରିବାକୁ ଦାବି ହେଉଛି।

### ରାଜ୍ୟ ସାଇବର ଅପରାଧରେ ପ୍ରଥମ ଦଣ୍ଡାଦେଶ

# ସୂଚନା କର୍ମୀଙ୍କୁ ୬ ବର୍ଷ ଜେଲ୍

**ପୁରୀ :** ଏକ ସାଇବର କ୍ରାଇମ ମାମଲାର ବିଚାର କରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କୁ ଏସଡିଜେଏମ୍ ଶିବାଶିଷ ଗିରି ୬ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୯ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୩ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଓଡିଶା ସାଇବର କ୍ରାଇମ ଅପରାଧରେ ଏହା ପୁରୀ ଏସ୍‌ଡିଜେଏମ୍‌ଙ୍କ ପ୍ରଥମ ଦଣ୍ଡାଦେଶ ବୋଲି କୁହାଯାଉଛି। ଅଭିଯୁକ୍ତଙ୍କ ନାମରେ ସହରର ବିଭିନ୍ନ ଥାନାରେ ୭ଟି ଅପରାଧିକ ମାମଲା ରହିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜୟନ୍ତ ସାମ୍ବାଦିକ ବିଶ୍ୱଜିତ ପଟ୍ଟ ନାୟକଙ୍କ ନାମରେ ଏକ ଫେକ୍ ଇମେଲ୍ ଆଇଡି ଜରିଆରେ ଆମେରିକାର ଦୁଇଟି ୱାଇଫ୍ ସ୍ୱାପିଂ ୱେବସାଇଟ୍ 'ୱାଇଫ୍ ସେୟାରିଂ ଗ୍ରୁପ'ଓ 'ଦେଶୀ ହଟ୍ ଡଟ୍ କମ୍'ପ୍ରୋଫାଇଲ ଖୋଲିଥିଲେ। ଉକ୍ତ ପ୍ରୋଫାଇଲ୍ ଜରିଆରେ ଜୟନ୍ତ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଲୋକମାନଙ୍କୁ ବିଶ୍ୱଜିତ୍‌ଙ୍କ ନାମରେ ଅଶ୍ଳୀଳ ମେସେଜ୍ ପ୍ରେରଣ କରିଥିଲେ। ସେହିପରି ପାଲଟା ଟେଲିଫୋନ କରିବାକୁ ମଧ ମୋବାଇଲ ନମ୍ବର ଦେଇଥିଲେ। ଫଳରେ ବିଭିନ୍ନ ନମ୍ବରରୁ ବିଶ୍ୱଜିତ୍‌ଙ୍କ ମୋବାଇଲକୁ ଫୋନ୍ କଲ୍ ଓ ଅଶ୍ଳୀଳ ମେସେଜ୍ ଆସିଥିଲା। ଏନେଇ ବିଶ୍ୱଜିତ୍ ବାସେଲୀ ସାହି ଥାନାରେ ୨୦୧୨ ମାର୍ଚ୍ଚ ୨୧ତାରିଖରେ ଜୟନ୍ତଙ୍କ ବିରୋଧରେ ଏତଲା ଦାଏର କରିଥିଲେ। ଅଭିଯୋଗକୁ ଭିତ୍ତି କରି ବାସେଲୀ ସାହି ଥାନା ମୋକଦ୍ଦମା ରୁଜୁ କରିଥିଲା। ବିଶ୍ୱଜିତ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚକୁ ଜଣାଇବା ପରେ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏନେଇ ଓଡିଶା ସାଇବର୍ କ୍ରାଇମ ଥାନାରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଅଭିଯୁକ୍ତ ଜୟନ୍ତ କୁମାର ଦାସ ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ଦାସଙ୍କ ନାମରେ ଥିବା ବିଏସ୍‌ଏନ୍‌ଏଲ୍‌ର ଏକ ଲ୍ୟାଣ୍ଡଲାଇନ ନମ୍ବରରେ ବ୍ରଡ୍‌ବ୍ୟାଣ୍ଡ୍ ଆଣି ଉକ୍ତ ବ୍ରଡ୍‌ବ୍ୟାଣ୍ଡ୍ ଜରିଆରେ ବିଭିନ୍ନ ପର୍ନ ୱେବସାଇଟ୍‌କୁ ବ୍ରାଉଜ୍ କରିବା ସହ ଫେକ୍ ଇମେଲ୍‌ଆଇଡି ଖୋଲି ମେସେଜ୍ ପଠାଇଛନ୍ତି। ଏହା ଜଣାପଡ଼ିବା ପରେ ଅଭିଯୁକ୍ତ ଜୟନ୍ତକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୟନ୍ତଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଦୀର୍ଘ ୫ବର୍ଷ ଧରି କୋର୍ଟରେ ମାମଲାର ବିଚାର ହୋଇ ରାୟ ପ୍ରକାଶ ପାଇଛି। କ୍ରାଇମବ୍ରାଞ୍ଚ ତରଫରୁ ପବ୍ଲିକ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିବା ବେଳେ ଇନ୍ସପେକ୍ଟର ଅକ୍ଷୟ କୁମାର ନାୟକ ମାମଲାର ତଦନ୍ତଭାର ନେଇଥିଲେ।


# ରକ୍ତବାହାରୁଥିବା ବୃକ୍ଷ ଡ୍ରାଗନ୍ ବ୍ଲଡ୍ ଟ୍ରି


ଉପସ୍ଥାପନା
ଜାହ୍ନବୀସୁତ

ପ୍ରକୃତିର ରହସ୍ୟମୟ ରୂପ। ବହୁବର୍ଣ୍ଣ। ପ୍ରକୃତିରେ ରହସ୍ୟମୟ ଉପାଦାନର ଉପସ୍ଥିତି। କେତେବେଳେ ଜୀବଜଗତ ତ ପୁଣି କେତେବେଳେ ଉଦ୍ଭିଦଜଗତ ମଣିଷ ମନରେ ଆଣିଥାନ୍ତି ରହସ୍ୟମୟ ଭାବନା। ଯାହାର ଖିଅ ଖୋଜୁ ଖୋଜୁ ଯୁଗ ପରେ ଯୁଗ ବିତିଗଲାଣି। ଆମ ପୃଥିବୀରେ ରହିଛି ବିଶାଳ ଉଦ୍ଭିଦଜଗତ। ଆଉ ଏହି ଜଗତରେ ମଧ୍ୟ ଅନେକ ରହସ୍ୟମୟ ବୃକ୍ଷଲତାମାନ ଦେଖିବାକୁ ମିଳିଥାଏ। ଆଜି ଆସନ୍ତୁ ନଜର ପକାଇବା ସେମିତି ଏକ ରହସ୍ୟମୟ ବୃକ୍ଷ ଉପରେ। ଯାହା ରହିଛି ୟେମେନ୍‌ର ଏକ ଦ୍ୱୀପ ସୋକୋଟ୍ରାରେ। ଏହି ଦ୍ୱୀପଟି ଏକ ପାହାଡ଼ିଆ ଅଞ୍ଚଳ। ଆଉ ତା' ଭିତରେ ଏମିତି ଅନେକ ଆଶ୍ଚର୍ଯ୍ୟକର ବୃକ୍ଷ ଦେଖିବାକୁ ମିଳିଥାଏ। ସୋକୋଟ୍ରାରେ ଦେଖାଯାଉଥିବା ସେମିତି ଏକ ଆଶ୍ଚର୍ଯ୍ୟକର ବୃକ୍ଷ ହେଉଛି ଡ୍ରାଗନ ବ୍ଲଡ୍ ଟ୍ରି। ଏହି ଡ୍ରାଗନ ବ୍ଲଡ୍ ଟ୍ରି ବିଶ୍ୱର ଆଉ କୌଣସି ସ୍ଥାନରେ ଦେଖାଯାଏ ନାହିଁ। ଏହି ବୃକ୍ଷର ଅବସ୍ଥିତି ଓ ତା'ର ଆକାର ହିଁ ରହସ୍ୟର ମୂଳ ଉପାଦାନ। ପୃଥିବୀରେ ଦେଖାଯାଉଥିବା ବିଭିନ୍ନ ବୃକ୍ଷଲତା କେବଳ ଗୋଟିଏ ସ୍ଥାନ ନୁହେଁ, ଅନେକ ସ୍ଥାନରେ ଦେଖାଯାଇଥାଏ। ସେମାନଙ୍କର ନାମ ବିଭିନ୍ନ ପ୍ରକାରର ହୋଇଥିଲେ ମଧ୍ୟ ସମାନ ପ୍ରଜାତିର ହୋଇଥାନ୍ତି। ମାତ୍ର ଡ୍ରାଗନ ବ୍ଲଡ୍ ଟ୍ରି କିନ୍ତୁ କେବଳ ଏହି ସୋକୋଟ୍ରା ଦ୍ୱୀପରେ ହିଁ ଦେଖାଯାଇଥାଏ। ଆଉ ଏହି ବୃକ୍ଷକୁ ନେଇ ଅନେକ ଲୋକକଥା ମଧ୍ୟ ଶୁଣିବାକୁ ମିଳିଥାଏ। ଲୋକବିଶ୍ୱାସ ଅନୁସାରେ ଏହି ଦ୍ୱୀପରେ ହଜାର ହଜାର ବର୍ଷ ତଳେ ଡ୍ରାଗନ ବସବାସ କରୁଥିଲେ। ଆଉ ସେହି ଡ୍ରାଗନ ଧ୍ୱଂସ ପାଇବା ସମୟରେ ହିଁ ସେମାନଙ୍କର ରକ୍ତରୁ ଏଭଳି ଆଶ୍ଚର୍ଯ୍ୟକର ବୃକ୍ଷ ସୃଷ୍ଟି ହୋଇଛି। ଏହି ବୃକ୍ଷରେ ଦେଖାଯାଉଥିବା ନାଲିରଙ୍ଗର ଦାଗକୁ ଡ୍ରାଗନର ରକ୍ତ ବୋଲି ବିଶ୍ୱାସ କରାଯାଏ। ପ୍ରକୃତରେ ଡ୍ରାଗନ ନାମକ ଏକ ଜୀବ ପୃଥିବୀରେ ଥିଲେ ନା ନାହିଁ, ତାକୁ ନେଇ ରହିଛି ଅନେକ ମତ। ତେଣୁ ସେମାନଙ୍କ ରକ୍ତରୁ ଏପରି ବୃକ୍ଷର ସୃଷ୍ଟି ହେବା ଘଟଣା ମନରେ ନିହାତି ରହସ୍ୟ ସୃଷ୍ଟି କରିବ। ତେବେ ସୋକୋଟ୍ରାରେ ବାସ କରୁଥିବା ଅଧିବାସୀମାନଙ୍କର ବିଶ୍ୱାସରେ କିନ୍ତୁ ଏହି ବୃକ୍ଷ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛି। ଏହି ବୃକ୍ଷରେ ଅନେକ ଔଷଧୀୟ ଗୁଣ ରହିଥିବା କୁହାଯାଇଥାଏ। ଏପରିକି ଡ୍ରାଗନ୍ ବ୍ଲଡ୍‌ର ବିଭିନ୍ନ ଅଂଶକୁ ସେମାନେ ବିଭିନ୍ନ ରୋଗର ନିରାକରଣ ପାଇଁ ବ୍ୟବହାର କରିଥାନ୍ତି। ତେବେ ଏହି ବୃକ୍ଷର ଆକାର ମଧ୍ୟ ଆଉଏକ ରହସ୍ୟ ଅଟେ। ଏହି ବୃକ୍ଷର ଆକାର ଏକ ଛତା ଆକୃତିର। ଯାହାକୁ ନେଇ ଅନେକ ଗବେଷଣା ମଧ୍ୟ ହୋଇଛି। ଏପରିକି ଶୁଣାଯାଏ ଯେ ଏହି ଗଛର ମଞ୍ଜିକୁ ନେଇ ଅନ୍ୟ ସ୍ଥାନରେ ଏପରି ଗଛ ଲଗାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏପରି ଛତା ଆକୃତିର ହୋଇ ନାହିଁ। ଏପରି ବୃକ୍ଷକୁ ନେଇ ଏମିତି ଅନେକ କଥା ଶୁଣିବାକୁ ମିଳିଥାଏ। ରହସ୍ୟମୟ ବୃକ୍ଷଲତା ପାଇଁ ଭାରତମହାସାଗରର ସୋକୋଟ୍ରା ଦ୍ୱୀପ ବି ହୋଇଯାଇଛି ରହସ୍ୟମୟ। ଏହି ଦ୍ୱୀପରେ ଦେଖାଯାଉଥିବା ଅଧିକାଂଶ ବୃକ୍ଷଲତା ପୃଥିବୀର ଅନ୍ୟ ଭାଗରେ ଦେଖାଯାଏ ନାହିଁ। ଏପରିକି ଏହି ସ୍ଥାନରେ ଦେଖାଯାଉଥିବା ଅଧିକାଂଶ ବୃକ୍ଷଲତା ପୃଥିବୀର ଅନ୍ୟଭାଗରେ ଦେଖାଯାଏ ନାହିଁ। ଏପରିକି ଏହି ସ୍ଥାନରେ ଦେଖାଦେଉଥିବା ଡ୍ରାଗନ୍ ବ୍ଲଡ୍ ଟ୍ରି ହେଉଛି ସବୁଠାରୁ ଅଧିକ ରହସ୍ୟମୟ। ଏହି ଗଛରେ ଅନେକ ଔଷଧୀୟ ଗୁଣ ରହିଥିବା ବିଶ୍ୱାସ କରାଯାଏ। ହେଲେ ଏ ଗଛର କୌଣସି ଇତିହାସ ଦେଖିବାକୁ ମିଳେନାହିଁ। ଏପରିକି ଏପରି ବୃକ୍ଷର ଅବସ୍ଥିତି ପ୍ରାଗ୍‌ଐତିହାସିକ କାଳରୁ ରହିଥିବା କଥା ବିଶ୍ୱାସ କରାଯାଏ। ଆଉ ଏହି ବୃକ୍ଷକୁ ଡ୍ରାଗନ୍ ସହ ଯୋଡ଼ିଦେବା ପରେ ଏହାକୁ ନେ ଅନେକ ରହସ୍ୟମୟ ଭାବନା ଦେଖିବାକୁ ମିଳିଥାଏ। ଏପରିକି ଏଭଳି ଏକ ରୁକ୍ଷ ପାହାଡ଼ିଆ ସ୍ଥାନରେ ଏପରି ନିଆରା ବୃକ୍ଷକୁ ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଥାନ୍ତି। ଏହି ଗଛକୁ ନେଇ ଆଉ ଏକ ବିଶ୍ୱାସ ମଧ୍ୟ ଦେଖିବାକୁ ମିଳିତାଏ। କୁହାଯାଏ ଏହି ଗଛକୁ କାଟିଲେ ତା'ର ଚେର ଓ ଗଣ୍ଡିରୁ ଡ୍ୟାଗନର ରକ୍ତ ଏବେ ବି ବାହାରିଥାଏ। କିନ୍ତୁ ଏହି ବିଶ୍ୱାସକୁ ଅନେକ ଗବେଷକ ଗ୍ରହଣ କରି ନ ଥାନ୍ତି। ସେମାନେ ଏଭଳି ବିଶ୍ୱାସକୁ ଅନ୍ଧବିଶ୍ୱାସ ବୋଲି କହିଥାନ୍ତି। ଆଉ ପୃଥିବୀର ଅନ୍ୟ ଉଦ୍ଭିଦ ଭଳି ଏକ ଗଛ ମଧ୍ୟ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବୋଲି ଗ୍ରହଣ କରାଯାଇଛି। ମାତ୍ର ସମସ୍ତ ତଥ୍ୟ ମଣିଷକୁ ରହସ୍ୟରୁ ବାହାରକୁ ଆଣୁଥିଲେ ମଧ୍ୟ ଏଭଳି ବୃକ୍ଷ ପୃଥିବୀରେ ଅନ୍ୟସ୍ଥାନରେ ଦେଖା ନଯିବା କଥା ପୁଣି ଅନେକଙ୍କୁ ରହସ୍ୟ ମଧ୍ୟକୁ ଟାଣିନେଇଥାଏ। ତେବେ ଏହାକୁ ନେଇ ମଧ୍ୟ ଗବେଷଣା ଜାରି ରହିଛି। ତେବେ ଏହି ବୃକ୍ଷ ୟେମେନ୍ ଏହି ସୋକୋଟ୍ରା ଦ୍ୱୀପରେ ବାସ କରୁଥିବା ଅଧିବାସୀମାନଙ୍କ ପାଇଁ ଖୁବ୍ ରହସ୍ୟମୟ। ଛତା ଆକୃତିର ଏହି ଡ୍ରାଗନ ବ୍ଲଡ୍ ଟ୍ରି ଏହି ନିର୍ଜନ ଦ୍ୱୀପରେ ବାସ କରୁଥିବା ଅଧିବାସୀମାନଙ୍କ ପାଇଁ ଖୁବ୍ ରହସ୍ୟମୟ। ଛତା ଆକୃତିର



ଏହି ଡ୍ରାଗନବ୍ଲଡ୍ ଟ୍ରି ଏହି ନିର୍ଜନ ଦ୍ୱୀପରେ ବାସ କରୁଥିବା ଅଧିବାସୀମାନଙ୍କର ଅନେକ କାର୍ଯ୍ୟରେ ଆସିଥାଏ। ତେଣୁ ଏହି ବୃକ୍ଷକୁ ନେଇ ସେମାନଙ୍କ ମନରେ ବିଶ୍ୱାସ ରହିବା ସ୍ୱାଭାବିକ। ପୃଥିବୀର ଏହି ବିରଳ ବୃକ୍ଷ ଯେତେବେଳେ ମଣିଷ ଦେଖିଥାଏ, ତା'ର ମନ ଭିତରେ ମଧ୍ୟ ଅନେକ ପ୍ରଶ୍ନ ଆସିଥାଏ। ସେଥିପାଇଁ ପୃଥିବୀର ଏହି ବିସ୍ମୟକର ବୃକ୍ଷ ଚର୍ଚ୍ଚାରେ ରହିଆସିଛି। ବିଜ୍ଞାନୀ ମଣିଷ ବିରଳ ଉଦ୍ଭିଦକୁ ନେଇ ଗବେଷଣା କରି ଅନେକ ନୂଆ ତଥ୍ୟ ପାଇଥିବା ବେଳେ ସାଧାରଣ ମଣିଷ କିନ୍ତୁ ବିସ୍ମୟକର ବୃକ୍ଷକୁ ଦେଖି ଅନେକ ରହସ୍ୟମୟ ଭାବନାରେ ବୁଡ଼ିରହିଛି।





## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟେରର ଫଣ୍ଡିଂ ...

କାଶ୍ମୀର ଘାଟିକୁ ଅଶାନ୍ତ କରି ଭାରତ ବିରୁଦ୍ଧରେ ସଂଗ୍ରାମ ଜାରି ରଖିବା ପାଇଁ ଆତଙ୍କବାଦୀ ସଂଗଠନଙ୍କ ଜରିଆରେ ଏହି ଟଙ୍କା ଆମ ଦେଶକୁ ଆସୁଛି। ସୂଚନାଥାଉ କି, ଗତ ମାସଠାରୁ ଏନ୍‌ଆଇଏ ଟେରର ଫଣ୍ଡିଂ ମାମଲାର ଯାଞ୍ଚ ଚଳାଇଛି। ଗତ ମାସରେ ଗିରଫ ହୋଇଥିବା ବିଚ୍ଛିନ୍ନତାବାଦୀ ନେତା ଶାହି ଉଲ ଇସଲାମର ବୟାନ ଅନୁସାରେ କାଶ୍ମୀର ଘାଟିରେ ଥିବା ଦେଢ଼ଶହ ଆତଙ୍କବାଦୀଙ୍କ ଠିକଣାରେ ଏନ୍‌ଆଇଏ ଚଢ଼ାଉ କରିଥିଲା। ଶାହିଦ ବିଚ୍ଛିନ୍ନତାବାଦୀ ନେତା ମିରିଓ୍ୱେଜ ଫାରୁକଙ୍କ ଘନିଷ୍ଠ ସହଯୋଗୀ ଓ ବିଚ୍ଛିନ୍ନତାବାଦୀ ନେତାଙ୍କ ପ୍ରବକ୍ତା ଥିଲେ। ୧୯୯୦ରେ ସେ ପିଓକେରେ ଅସ୍ତ୍ରଶସ୍ତ୍ର ଟ୍ରେନିଂ ନେବା ପରେ କାଶ୍ମୀର ପ୍ରତ୍ୟାବର୍ତ୍ତନ କରି ଆତ୍ମସମର୍ପଣ କରିଥିଲେ ଓ ପରେ ହୁରିୟାତ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଣ୍ଟିଂ ଟେରର ଏଜେନ୍ସି ତରଫରୁ ଏକ ଡଜନରୁ ଅଧିକ ବିଚ୍ଛିନ୍ନତାବାଦୀଙ୍କ ସହିତ ଶାହିଦଙ୍କୁ ଗତ ଜୁଲାଇ ମାସରେ ଗିରଫ କରାଯାଇଥିଲା। ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପ ସହିତ ହଜିବୁଲ ମୁଜାହିଦିନ ସୟିଦ ସଲାହୁଦ୍ଦିନ ସହ ସେ ସାମିଲ ଥିବା ତଦନ୍ତରୁ ଜଣାପଡିଛି। ସଲାହୁଦ୍ଦିନ ସହ ବିଭିନ୍ନ ଅସ୍ତ୍ରଶସ୍ତ୍ର ଓ ଏକେ ୪୭ ଧରି ଉଠାଇଥିବା ଫଟୋ ମିଳିବା ପରେ ସେ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିବା ସ୍ପଷ୍ଟ ହୋଇଛି।

### ବିଜେପି ...

ଦୀର୍ଘବର୍ଷ ଧରି ଉଭୟଙ୍କ ମଧ୍ୟରେ ଠିଆ ହୋଇଥିବା ପାଚେରୀ ଭାଙ୍ଗିଯିବାର ଦୃଶ୍ୟ ଦେଖି ସଚିବାଳୟ କର୍ମଚାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହି ମହାମିଳନ ପଛର ରାଜନୀତି ଯାହା ହେଉନା କାହିଁକି ଉଭୟ ନେତାଙ୍କ ମିଳନ ଅଞ୍ଚଳବାସୀଙ୍କୁ ଆନନ୍ଦ ଦେଇଛି ବୋଲି ଚର୍ଚ୍ଚା ହେଉଛି। କାରଣ ଉଭୟ ନେତା ପିପିଲି ଅଞ୍ଚଳର ବିକାଶ ସମ୍ପର୍କିତ ଆଲୋଚନା କରିଥିଲେ ବୋଲି ସୂଚନା ଦେଇଥିଲେ। ହେଲେ ଏହାକୁ ସହଜରେ ହଜମ କରିପାରୁନାହାନ୍ତି ଅନେକ। ଦୁହିଁଙ୍କ ମଧ୍ୟରୁ ଜଣେ ନେତା ଶାସକ ଦଳର ବଡ ସମ୍ପତ୍ତି ହୋଇଥିଲା ବେଳେ ଆଉଜଣେ ନେତା ଦୀର୍ଘବର୍ଷ ଧରି ବିରୋଧୀ ଦଳରେ ଯାଇ ସ୍ୱର ଉତ୍ତୋଳନ କରୁଛନ୍ତି। ଏହି ଦୁଇନେତାଙ୍କ ପାଇଁ ସର୍ବଦା ପିପିଲି ଅଞ୍ଚଳରେ ସଂଘର୍ଷ ଓ ରକ୍ତପାତ ଭଳି ଘଟଣା ଘଟିଥିବା ରାଜ୍ୟବାସୀ ଜାଣନ୍ତି। ଏଭଳି ପରିସ୍ଥିତିରେ ପିପିଲି ଓ ପୁରୀ ଜିଲ୍ଲାର ବିକାଶକୁ ନେଇ ଦୁହେଁ ଏକାଠି ହେବା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷରେ କୋରାପୁଟ ଜିଲ୍ଲାର ଦୁଇ ଟାଣୁଆ ନେତା, ଓଡ଼ିଶା ରାଜନୀତିର ଚର୍ଚ୍ଚିତ ଚେହେରା ତଥା ପାରମ୍ପରିକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରବି ନନ୍ଦ ଓ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ସମାନ ଢଙ୍ଗରେ ପାଖାପାଖି ବସି ଆଲୋଚନା କରିବା କଥା ସଚିବାଳୟରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଯୁଧିଷ୍ଠିର ସାମନ୍ତରାୟ କହିଥିଲେ, ପିପିଲି ଅଞ୍ଚଳରେ ଦୁଇଟା କଥା, କଂଗ୍ରେସ ନହେଲେ ଜନତା। ଏଠାରେ ଆଉ କାହାର ସ୍ଥାନ ନାହିଁ। ସେହିଭଳି ରବି ନନ୍ଦ ତାରାପ୍ରସାଦଙ୍କ ମିଳନ ସମ୍ପର୍କରେ କହିଥିଲେ ଯେ, ରାଜନୈତିକ ଦୃଷ୍ଟିରୁ ଆମେ ଶତ୍ରୁ ହେଲେ ବି ବ୍ୟକ୍ତିଗତ ଶତ୍ରୁତା ନାହିଁ। ହେଲେ ଏହି ଦୁଇ ଘଟଣା ପଛରେ ଅଭେଦ୍ୟ ରହସ୍ୟ ଗୋପନ ଥିବା ଆଲୋଚନା ହେଉଛି। ପିପିଲିରୁ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ଆଶ୍ରିତ ପଟ୍ଟନାୟକଙ୍କୁ ହରାଇବା ଚିନ୍ତାରେ ଯୁଧିଷ୍ଠିର-ପ୍ରଦୀପ ଏକ ହୋଇଥିବା ବେଳେ କୋରାପୁଟରୁ ଗିରିଧର ଗମାଙ୍ଗଙ୍କ ପତନ ଚିନ୍ତାରେ ଅଛନ୍ତି ରବି ଓ ତାରା। ତେଣୁ ଏହି ମହାମିଳନ ଯେ ବିଜେପି ପାଇଁ କଣ୍ଟା ବିଛାଇବା ଲାଗି ପ୍ରାକ୍ ଯୋଜନା ତାହାର ଗନ୍ଧ ବେଶ୍ ବାରିହେଉଛି। ବିଜେପିର ଗତିରୋଧ ପାଇଁ ୪ ନେତା କିଛି ଭିତିରି ଯୋଜନା ଯେ କରୁନଥିବେ ତାହା କିଏ କହିବ ?

### ନିଆଁ ନେଉଛି ...

ଭୋର ସମୟ ହୋଇଥିବାରୁ ସମସ୍ତେ ଗାଢ଼ ନିଦରେ ଶୋଇଥିଲେ। ଠିକ୍ ଏତିକି ବେଳେ ମୃତ୍ୟୁ ତାର ଯନ୍ତା ବସାଇ ୨ କୋମଳମତି ଶିଶୁଙ୍କ ସହ ଗଗନ ଓ ତାଙ୍କ ପତ୍ନୀ ଭାବନା ସିଂଙ୍କ ସମେତ ସହାୟିକା ଖୁସିର ଜୀବନକୁ ନେଇଗଲା। ହେଲେ ଏଇଠି ବିଜ୍ଞାନୀ ବୁଦ୍ଧି ଓ ଅଧିକ ସୁରକ୍ଷିତ ରହିବାର କୌଶଳ ଯେମିତି ଫେଲ୍ ମାରିଗଲା। ଏହି ଘଟଣାରେ ସତ୍‌ପାଲ ଓ ତାଙ୍କ ବଡନାତି ଆହତ ହୋଇଛନ୍ତି। ସତ୍‌ପାଲଙ୍କ ପ୍ରାସାଦର ଦ୍ୱିତୀୟ ମହଲାରେ ନିଆଁ ଲାଗି ପ୍ରଚୁର ଧୂଆଁ ବାହାରିବା ପରେ ପାଖପଡୋଶୀ ଜାଣିପାରିଥିଲେ। ଏହାପରେ ଖବର ଯାଇଥିଲା ଅଗ୍ନିଶମ କେନ୍ଦ୍ର ଓ ପୋଲିସ ନିକଟକୁ। ଘର ଜଳୁଥିବା ବେଳେ ଅଗ୍ନିଶମ ଅଧିକାରୀମାନେ ଦୁଃସାହସିକ ଭାବେ ଝରକା ଭାଙ୍ଗି ଉକ୍ତ ଗୃହରେ ପ୍ରବେଶ କରିଥିଲେ। ହେଲେ ୫ଜଣଙ୍କ ଜୀବନ ବଞ୍ଚାଇ ପାରିନଥିଲେ। ପୋଷା କୁକୁରର ଭୁକିବା କି ସିକ୍ୟୁରିଟି ଗାର୍ଡର ବ୍ୟସ୍ତତା କିଛିବି କାମ ଦେଇନଥିଲା। ପ୍ରତ୍ୟୋକ୍ଷଦର୍ଶୀମାନେ ନିର୍ବାକ ପାଲଟି ଯାଇଛନ୍ତି ଏହି ଘଟଣା ପରେ। ପ୍ରାଥମିକ ତଦନ୍ତରୁ ସେନସର ଲକ୍ କାଳ ହେଲା ବୋଲି ଜଣାପଡିଛି। ଅଗ୍ନିକାଣ୍ଡରେ ସତ୍‌ପାଲଙ୍କ ଘରର ଦ୍ୱିତୀୟ ମହଲା ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ହେଲେ ଏତେବଡ ଅଗ୍ନିକାଣ୍ଡରେ ପରିବାରର କୌଣସି ସଦସ୍ୟଙ୍କ ନିଦ ନ ଭାଙ୍ଗିବା ଓ ପଡୋଶୀମାନେ ବିଭିନ୍ନ ଆଡକୁ ଖବର ଦେବାକୁ ନେଇ ମଧ୍ୟ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାରି ଭିତରେ ରହିଛି ଘର ଭିତରେ ମାତ୍ରାଧିକ ଦହନଶୀଳ ପଦାର୍ଥର ବ୍ୟବହାର ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହେବା ଓ ସିଟିଟିଭି ହାର୍ଡଡିସ୍କ ଜଳି ପାଉଁଶ ହେବା। ତାହାରି ଭିତରେ ଉଦ୍ଧାର ପରେ ଦୁଇ ଭାଇଭଉଣୀଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୁହାଭିଙ୍କୁ ମୃତ ଘୋଷଣା କରିଥିଲେ, ମାତ୍ର ଜୀବୀତ ଥିବା ରୁବିରଙ୍କୁ ତତ୍କାଳ ଚିକିତ୍ସା ନକରି ଅନ୍ୟ ମେଡିକାଲକୁ ରେଫର କରିଦେବା। ଏ ସମସ୍ତ ଦିଗକୁ ନେଇ ଲକ୍ଷ୍ମୀସାଗର ଥାନା ପକ୍ଷରୁ ଏହି ଅପମୃତ୍ୟୁ ମାମଲାର ତଦନ୍ତ କରାଯାଉଛି। ଏଥିପାଇଁ ୪ଟି ଟିମ୍ ଗଠନ କରାଯାଇଥିବା ଜଣାପଡିଛି।

ତେବେ କଥା ଉଠୁଛି, ରାଜ୍ୟର ଗ୍ରାମାଞ୍ଚଳ ନୁହେଁ ଖୋଦ ସ୍ମାର୍ଟସିଟି ଭୁବନେଶ୍ୱରରେ ଗତ ୧୦ମାସ ମଧ୍ୟରେ ଅଗ୍ନିକାଣ୍ଡରେ ଚାଲିଗଲାଣି ୩୧ ଜୀବନ। ପ୍ରତି ମାସରେ ଏଠାରେ କେଉଁଠି ନା କେଉଁଠି ଏଭଳି ଘଟଣା ଘଟୁଛି। ଉଚ୍ଚ ଅଟ୍ଟାଳିକା ନିର୍ମାଣ ବେଳେ ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରତି କାହାର ଗୁରୁତ୍ୱ ନଥିବାରୁ ଏଭଳି ଘଟୁଥିବା କଥା ସାମ୍ନାକୁ ଆସିଥିଲା, ଯେତେବେଳେ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡରେ ୨୫ରୁ ଅଧିକ ରୋଗୀ ପ୍ରାଣ ହରାଇଥିଲେ। ଏହାପରେ ରାଜ୍ୟ ସରକାର ଓ ଅଗ୍ନିଶମ ବିଭାଗ ବେଶ୍ ତତ୍ପର ହୋଇ ଉଠିଥିଲା। ହେଲେ ସମ୍ ନିଆଁକୁ ନେଇ ରାଜନୀତି ହେଲା ସିନା ଅଗ୍ନି ନିରାପତ୍ତା ନେଇ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଗଲାନି। ଏହାରି ଭିତରେ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଲିଙ୍ଗରାଜ ବିସ୍କୁଟ ଫ୍ୟାକ୍ଟ୍ରିରେ ମଧ୍ୟ ଅଗ୍ନିକାଣ୍ଡ ଘଟି କୋଟି କୋଟି ଟଙ୍କାର ଧନ ସମ୍ପତ୍ତି ଜଳିଗଲା। ସେହିଭଳି ରାଜଧାନୀର କିଛି ବସ୍ତି ଅଞ୍ଚଳରେ ନିଆଁ ଲାଗିବା ଭଳି ଘଟଣା ସାମ୍ନାକୁ ଆସିଛି। ତେବେ ନିଆଁ ଯେ ଖାଲି ଜୀବନ ନେଉଛି ତାହା ନୁହେଁ, ବରଂ କୋଟି କୋଟି ଟଙ୍କାର ଧନସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି ନିଆଁ ପାଇଁ। ସଚେତନତା ଅଭାବରୁ ଏଭଳି ହେଉଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଥିସହ ଅଧିକ ସମୟ ଧରି ଏସି, କୁଲର ଚାଲିବା ଯୋଗୁଁ ସର୍ଟସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟୁଛି। ବଡବଡ କୋଠାରେ ସର୍ଟସର୍କିଟ୍ ବ୍ରେକର ନ ଲାଗିବା ଦ୍ୱାରା ଏଭଳି ସମସ୍ୟା ହେଉଥିବା ମଧ୍ୟ ଏହାର ଅନ୍ୟତମ କାରଣ। ତେଣୁ ଏବେ ସରକାରୀ ସ୍ତରରେ ଅଗ୍ନି ନିରାପତ୍ତା ପାଇଁ ସଚେତନତା ଓ କଠୋର ଆଇନର ଆବଶ୍ୟକତା ଥିବା ସ୍ପଷ୍ଟ ହୋଇଛି।

### ବାର୍ଷିକ ସଞ୍ଚୟ ...

ଯାହା ୨୦୧୧-୧୨ ମସିହାର ଅନୁଦାନଠାରୁ ୧୬ ଗୁଣା ଅଧିକ। ସହରାଞ୍ଚଳରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ସହିତ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ତେବେ ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗ ସୋସିଆଲ୍ ମିଡ଼ିଆର ଯଥେଷ୍ଟ ସହାୟତା ନେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଦ୍ୱାରା ବିଭାଗୀୟ ଅଧିକାରୀ ଜନସାଧାରଣଙ୍କ ସହ ଉତ୍ତମ ଯୋଗାଯୋଗ ରଖିବା ସହ ସମସ୍ୟା ସମାଧାନ ଶୀଘ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମକୁ ପୌରାଞ୍ଚଳରେ ଜୀବନଧାରଣ ମାନରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏହି ଦୃଷ୍ଟିରୁ ବିଭାଗ ପକ୍ଷରୁ ଅନେକ ଜନକଲ୍ୟାଣମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବିଭାଗୀୟ ଶାସନ ସଚିବ ଜି ମାଥିଭାଥନନ୍ କହିଥିଲେ, ଷ୍ଟ୍ରିଟ୍ ଲାଇଟ୍‌ରେ ଶକ୍ତି ସଂଶୟକାରୀ ଏଲ୍‌ଇଡି ଲାଗିଲେ ବିଦ୍ୟୁତ୍ ବିଲ୍ ବାବଦକୁ ବାର୍ଷିକ ୬୦% ଅର୍ଥ ସଞ୍ଚୟ ହେବ। ଏଲ୍‌ଇଡି ଲାଗିବାର ୭ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ଘରୋଇ ସଂସ୍ଥା ଏହାର ରକ୍ଷଣାବେକ୍ଷଣ କରିବେ। ବର୍ଷେ ମଧ୍ୟରେ ୧୦୭ ପୌରାଞ୍ଚଳରେ ଲାଗିଥିବା ପ୍ରାୟ ୧ ଲକ୍ଷ ୧୨ ହଜାର ସୋଡ଼ିୟମ୍ ବଲ୍‌ବକୁ ବଦଳାଯାଇ ଏଲ୍‌ଇଡି ଲଗାଯିବ। ଏଥିପାଇଁ ରାଜ୍ୟ ସରକାର ୭୫କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲ୍ ପ୍ରଶାସନ, ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ଇଇଏସଏଲ୍‌ର ନିର୍ଦ୍ଦେଶକ, ବିଭାଗୀୟ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ପୌରା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅମୃତ ମିଶନ୍ ସଂସ୍କାର ଯୋଜନାର ସଫଳ ପ୍ରଦର୍ଶନ ପାଇଁ ରାଜ୍ୟକୁ ମିଳିଥିବା ୨୦.୩୬ କୋଟି ଟଙ୍କାର ଚେକ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଟିମ୍ ଅର୍ବାନ୍‌କୁ ହସ୍ତାନ୍ତର କରିଥିଲେ।

### ମୃତ୍ୟୁ ପଞ୍ଜୀକରଣ ...

ଜମ୍ମୁ-କାଶ୍ମୀର, ଆସାମ ଓ ମେଘାଳୟର ନାଗରିକଙ୍କ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟରେ ଏହା ତତ୍‌କ୍ଷଣାତ ଲାଗୁ ହେବ। ଏହି ତିନିଟି ରାଜ୍ୟ ପାଇଁ ପରେ ତାରିଖ ଘୋଷଣା କରାଯିବ। ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଆଇନ, ୧୯୬୯ର ଧାରା ୩ (୩) ଅନୁଯାୟୀ ଆରଜିଆଇ ଏହି ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁସାରେ ମୃତ୍ୟୁ ପ୍ରମାଣପତ୍ର ପାଇଁ ମୃତ ବ୍ୟକ୍ତିଙ୍କ ଆଧାର ନମ୍ବର ଜରୁରୀ। ମୃତ୍ୟୁ ପ୍ରମାଣପତ୍ର ପାଇଁ କେହି ଆବେଦନ କରୁଥିଲେ ତାଙ୍କୁ ପ୍ରଥମେ ମୃତ ବ୍ୟକ୍ତିଙ୍କ ଆଧାର ନମ୍ବର କିମ୍ବା ଆଧାର ଆବେଦନ ପଞ୍ଜୀକରଣ ନମ୍ବର ସହ ଅନ୍ୟାନ୍ୟ ତଥ୍ୟ ଦାଖଲ କରିବାକୁ ପଡ଼ିବ। ମୃତ ବ୍ୟକ୍ତିଙ୍କ ଆଧାର ନମ୍ବର ନ ଥିଲେ କିମ୍ବା ସେ ନେଇ ଅବଗତ ନ ଥିଲେ, ତାଙ୍କର ଆଧାର ନମ୍ବର ନାହିଁ ବୋଲି ଏକ ସାର୍ଟିଫିକେଟ ଦାଖଲ କରିବାକୁ ପଡ଼ିବ। ଏଥିସହ ଆବେଦନକାରୀଙ୍କୁ ଏହା ମଧ୍ୟ ଉଲ୍ଲେଖ କରିବାକୁ ପଡ଼ିବ ଯେ, ଦର୍ଶାଯାଇଥିବା ତଥ୍ୟ ଭୁଲ ଥିଲେ ଏହାକୁ ଆଧାର ଆଇନ, ୨୦୧୬ ଓ ଜନ୍ମ/ ମୃତ୍ୟୁ ପଞ୍ଜୀକରଣ ଆଇନ, ୧୯୬୯ ଅନୁଯାୟୀ ଅପରାଧ ଭାବେ ବିବେଚନା କରାଯିବ। ଆବେଦନକାରୀଙ୍କ ଆଧାର ନମ୍ବର ସହ ପତ୍ନୀ କିମ୍ବା ପିତାମାତାଙ୍କ ଆଧାର ନମ୍ବର ମଧ୍ୟ ଗ୍ରହଣୀୟ ହେବ। ଏଣିକି ରେଳ ଟିକେଟ୍ ବୁକିଂ ନିମନ୍ତେ ଆଧାର ନମ୍ବର ଦେବା ବାଧ୍ୟତାମୂଳକ ନୁହେଁ। ରାଜ୍ୟସଭାରେ ସରକାରଙ୍କ ପକ୍ଷରୁ ଏକ ଲିଖିତ ଉତ୍ତରରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରାଜେନ ଗୋହେନ୍ ଏହି ସୂଚନା ଦେଇଛନ୍ତି। ରେଳ ଟିକେଟ୍ ବୁକିଂ କ୍ଷେତ୍ରରେ ୧୨ ଅଙ୍କ ବିଶିଷ୍ଟ ସ୍ୱତନ୍ତ୍ର ପରିଚୟପତ୍ର ନମ୍ବରକୁ ବର୍ତ୍ତମାନ ସ୍ଥିତିରେ ବାଧ୍ୟତାମୂଳକ କରିବା ନେଇ ତାଙ୍କ ମନ୍ତ୍ରାଳୟର କୌଣସି ପ୍ରସ୍ତାବ ନ ଥିବା ଶ୍ରୀ ଗୋହେନ୍ କହିଛନ୍ତି। ବରିଷ୍ଠ ନାଗରିକଙ୍କୁ ରେଳ ଟିକେଟ୍ କ୍ଷେତ୍ରରେ ରିଆତି ଉପଲବ୍ଧ କରାଇବା ଲାଗି ଆଧାର ନମ୍ବର ଦେବା ନିୟମ ଚଳିତବର୍ଷ ଜାନୁଆରୀଠାରୁ ଲାଗୁ କରାଯାଇଛି।

### ସ୍ୱାସ୍ଥ୍ୟ ସଚିବଙ୍କୁ ...

କମିଶନଙ୍କ କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ବୀର କିଶୋର ମିଶ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ୍ ଜାରି କରିବା ସହିତ ରିପୋର୍ଟ ତଲବ କରିଛନ୍ତି। କମିଶନଙ୍କ ନିକଟରେ ଦାଖଲ ଆବେଦନରେ ଦର୍ଶାଯାଇଛି ଯେ ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ବେତନ ନେଉଥିବା ସରକାରୀ ଡାକ୍ତର ଡ୍ୟୁଟି ସମୟରେ ଘରୋଇ ନର୍ସିଂହୋମ ଓ କ୍ଲିନିକ୍‌ରେ ରୋଗୀ ଚିକତ୍ସା କରି ହାତ ଚିକ୍କଣ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଏମ୍ସରେ କାର୍ଯ୍ୟରତ ଡାକ୍ତରଙ୍କୁ ଘରୋଇ ଚିକିତ୍ସା ମନା ହୋଇଥିବା ବେଳେ ରାଜ୍ୟରେ ଏଭଳି ଖୁଲମଖୁଲା ଘରୋଇ ଚିକିତ୍ସା ଚାଲୁଛି। ପୂର୍ବରୁ ଓଡ଼ିଶାରେ ସରକାରୀ ଡାକ୍ତରଙ୍କ ଘରୋଇ ଚିକିତ୍ସାକୁ ନିଷିଦ୍ଧ କରାଯାଇ ସେମାନଙ୍କୁ ନନ-ପ୍ରାକ୍ଟିସିଂ ଆଲାଉନ୍ସ ଦିଆଯାଉଥିଲା। ମାତ୍ର ୨୦୦୩ରେ ଏହି ନିୟମରେ ପରିବର୍ତ୍ତନ କରାଗଲା। ସରକାର ସାଧାରଣ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ପଦକ୍ଷେପ ନେବା ବଦଳରେ ସରକାରୀ ଡାକ୍ତରମାନଙ୍କୁ ପ୍ରାଇଭେଟ ପ୍ରାକ୍ଟିସ୍ କରିବାକୁ ଅନୁମତି ଦେଇଛନ୍ତି। ଏହାଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନରେ ଗଢ଼ିଉଠିଥିବା ଘରୋଇ ନର୍ସିଂହୋମ ଓ ହସ୍ପିଟାଲ, ପ୍ୟାଥୋଲାବ୍ ଏବଂ ଔଷଧ ଦୋକାନମାନଙ୍କରେ ସରକାଯରୀ ଡାକ୍ତର ସ୍ୱାସ୍ଥ୍ୟସେବା ବଦଳରେ ଅର୍ଥ ଉପାର୍ଜନରେ ବ୍ୟସ୍ତ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି।

## ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କ୍‌କୁ ଅଧିକ ସୁଦୃଢ଼ କରାଯିବ : ମୁଖ୍ୟ ସଚିବ




**ଭୁବନେଶ୍ୱର :** ଇଡ୍‌କୋର ଇଣ୍ଡଷ୍ଟିଆଲ୍ ଇଷ୍ଟେଟ୍ ସଂଖ୍ୟା ୧୧୫ କୁ ବୃଦ୍ଧି ଘଟିବା ସହ ଜମି ଆବଣ୍ଟନ ଏବଂ ରାଜସ୍ୱ ଆଦାୟ ପରିଚାଳନା ନିମନ୍ତେ ସ୍ୱଚ୍ଛ ଏବଂ ସ୍ୱୟଂକ୍ରିୟ ଅନ୍‌ଲାଇନ୍ ବ୍ୟବସ୍ଥାର ପ୍ରସ୍ତୁତି ଆରମ୍ଭ କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଦ୍ୱାରା କରାଯାଇଥିବା ଇଡ୍‌କୋର ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଇଡ୍‌କୋ ଭବନ ପରିଦର୍ଶନ କରି ଏହି ନିଗମର କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ନିଗମର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ କାର୍ଯ୍ୟକ୍ରମ ସମ୍ବନ୍ଧିତ ବିଷୟବସ୍ତୁ ଓ ସଦ୍ୟତମ ତଥ୍ୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ଇଡ୍‌କୋର ଲ୍ୟାଣ୍ଡ ବ୍ୟାଙ୍କ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଚିହ୍ନିତ ହୋଇଥିବା ଜମିର ଭୁ-କୈନ୍ଦ୍ରିକ ତଥ୍ୟ ପ୍ରସ୍ତୁତ କରି ସେସବୁକୁ ଅନ୍‌ଲାଇନ୍ କରିବା ନିମନ୍ତେ ମଧ୍ୟ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଇଡ୍‌କୋ ପାଇଁ ନିୟମିତ କର୍ମଚାରୀ ଚୟନ ନିମନ୍ତେ ଏକ କମ୍ପ୍ୟୁଟର ବେସ୍‌ଡ୍ ଅନଲାଇନ୍ ଟେଷ୍ଟ ବ୍ୟବସ୍ଥା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଚେନ୍ନାଇଠାରେ ନିର୍ମାଣଧୀନ ଓଡ଼ିଶା ଭବନ ଓ ଭୁବନେଶ୍ୱରଠାରେ ନିର୍ମାଣଧୀନ ଟାୱାର-୨୦୧୦ର କାମ ତ୍ୱରାନ୍ୱିତ କରି ଚଳିତ ବର୍ଷ ଅକ୍ଟୋବର ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ନିଗମରେ ଆରମ୍ଭ କରାଯାଇଥିବା ସ୍ୱୟଂକ୍ରିୟ ପ୍ରକ୍ରିୟା 'ଆପା' ଏବଂ 'ଇଆର୍‌ପି' (ଅଟୋମେଟେଡେ ପୋଷ୍ଟ ଅଲ୍‌ଟୋମେଣ୍ଟ ଆପ୍ଲିକେସନ୍ ଆଣ୍ଡ୍ ଏଣ୍ଟରପ୍ରାଇଜେସ୍ ରିସୋର୍ସ ପ୍ଲାନିଙ୍ଗ)ର ପ୍ରଥମ ପର୍ଯ୍ୟାୟକୁ ଚଳିତ ବର୍ଷ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଅନ୍‌ଲାଇନ୍ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ବ୍ୟବସ୍ଥା ମାଧ୍ୟମରେ ଜମି ଆବଣ୍ଟନ, ଆବଣ୍ଟିତ ଜମିର ପରିଚାଳନା ଓ ତଦାରଖ, ରାଜସ୍ୱ ଆଦାୟ, ଆର୍ଥିକ କାରବାର ପରିଚାଳନା, ଫାଇଲ୍ ପରିଚାଳନା ଏବଂ ମାନବ ସମ୍ବଳ ପରିଚାଳନା ଆଦି ସ୍ୱଚ୍ଛ, ସ୍ୱୟଂକ୍ରିୟ ଏବଂ ଅନ୍‌ଲାଇନ୍ ହେବ। ଏହି ବ୍ୟବସ୍ଥା ମାଧ୍ୟମରେ ଜମି ବନ୍ଧକ ଦେବା ନିମନ୍ତେ ଅନୁମତି, କମ୍ପାନୀର ନାମ ପରିବର୍ତ୍ତନ, ଉତ୍ପାଦିତ ହେବାକୁ ଥିବା ଦ୍ରବ୍ୟ ଓ କାରବାରରେ ପରିବର୍ତ୍ତନ, କମ୍ପାନୀର ଡାଇରେକ୍ଟର ବୋର୍ଡର ପୁନଃଗଠନ, ସବ୍-ଲିଜ୍, ସବ୍-ଲେଟିଂ, ମିଶ୍ରଣ (ମର୍ଜର) ଆଦି କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ ହେବ। ସମସ୍ତ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଏବଂ ସେଥିରେ ପ୍ରତିଷ୍ଠିତ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥାର ଡାଟାବେସ୍ ରହିବ। ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ଥିବା ୧୦୬ଟି ଇଣ୍ଡଷ୍ଟିଆଲ୍ ଇଷ୍ଟେଟ୍‌ର ପ୍ରାୟ ୩୫୫୬ ଟି ୟୁନିଟ୍ ଏଥିରେ ରେଜିଷ୍ଟ୍ରେସନ୍ କରିଛନ୍ତି। ଅନ୍ୟମାନେ ନିଜ ସଂସ୍ଥାକୁ ତୁରନ୍ତ ରେଜିଷ୍ଟ୍ରେସନ୍ କରାଇନେବା ନିମନ୍ତେ ଇଡ୍‌କୋ ତରଫରୁ ଜଣାଇ ଦିଆଯାଇଛି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 07th August - 13th August, 2017
ଭୁବନେଶ୍ୱର, ୦୭ ଅଗଷ୍ଟ - ୧୩ ଅଗଷ୍ଟ, ୨୦୧୭





# ଓଡ଼ିଶା ଆସିବେ ଅକ୍ଷୟ



**ବ**ଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ନଜର ପଡିଛି ଓଡ଼ିଶା ମାଟି ଉପରେ। ସେ ଓଡ଼ିଶାର ବିଭିନ୍ନ ଆକର୍ଷଣୀୟ ସ୍ଥାନ ଏବଂ ପର୍ଯ୍ୟଟନ ସ୍ଥଳ ଗୁଡ଼ିକ ଉପରେ ନିଜର ଚଳଚ୍ଚିତ୍ର ପାଇଁ ସ୍ଥାନ ନିରୂପଣର ଯୋଜନା କରୁଥିବା ଜଣାପଡିଛି। ଅକ୍ଷୟ କୁମାର ଏକ ବ୍ୟବସାୟିକ ହିନ୍ଦୀ ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ସୁଟିଂ ଓଡ଼ିଶାରେ କରିବେ ବୋଲି ସୂଚନା ମିଳିଛି। ଏନେଇ ଖୁବ୍‌ଶୀଘ୍ର ଗୋଟିଏ ଟିମ୍ ସହ ସେ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ଏହି ଷ୍ଟାର ନିଜ ହୋମ୍ ପ୍ରଡକ୍ସନର ଚଳଚ୍ଚିତ୍ର ‘ଟଏଲେଟ୍: ଏ ଲଭ୍‌ଷ୍ଟୋରୀ’ ଉତ୍ତରପ୍ରଦେଶରେ ସୁଟିଂ କରିଥିଲେ। ତାଙ୍କର ଅନ୍ୟ ଏକ ଚଳଚ୍ଚିତ୍ର ମଧ୍ୟ ମଧ୍ୟପ୍ରଦେଶରେ ସୁଟିଂ ହୋଇଥିବା ଜଣାଯାଏ। ତେଣୁ ଅକ୍ଷୟ କୁମାର ଓଡ଼ିଶାର ତାଙ୍କ ନୂଆ ଚଳଚ୍ଚିତ୍ରର ସମସ୍ତ ସୁଟିଂ କାର୍ଯ୍ୟ କରିବା ପାଇଁ ମନ ବଳାଇଛନ୍ତି। ଗତ କିଛି ମାସ ପୂର୍ବରୁ ପୁରୀରେ ଜଗନ୍ନାଥଙ୍କୁ ଦର୍ଶନ କରି ଫେରିବା ପରେ ଅକ୍ଷୟ ଓଡ଼ିଶାରେ ତାଙ୍କ ଚଳଚ୍ଚିତ୍ର ସୁଟିଂ କରିବେ ବୋଲି ମନସ୍ଥ କରିଥିଲେ। ତାଙ୍କ ଚଳଚ୍ଚିତ୍ରରେ ଓଡ଼ିଶାର କଳା, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହି ଚଳଚ୍ଚିତ୍ରକୁ ଅଧିକ ଆକର୍ଷଣୀୟ କରିବାର ଇଚ୍ଛାପ୍ରକଟ କରିଛନ୍ତି। ତେଣୁ ସୁଟିଂ ଆରମ୍ଭ ପୂର୍ବରୁ ସେ ଥରେ ଏ ଦିଗରେ ରାଜ୍ୟ ସରକାରଙ୍କ ସହ ସବିଶେଷ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଏହି ଅବସରରେ ଅକ୍ଷୟ କୁମାର ଓଡ଼ିଶାର ୬ଜଣ ମହିଳା ଆଥଲେଟ୍, ଯେଉଁମାନେ ଏସିଆନ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ସଫଳତା ପାଇଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି।

# ‘ଏସିପି ଶିବା’ରେ ଓଡ଼ିଶା ଡିଜି ସହିଦ୍ !



## ସହିଦ୍ ହେବା ଭଲ କଥା : ବିକେ ସିଂହ

**ଭୁବନେଶ୍ୱର :** ତାମିଲ ସିନେମାରେ ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକ କେବି ସିଂହଙ୍କୁ ସହିଦ ବୋଲି ଦର୍ଶା ଯାଇଥିବା ଏକ ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏମିତି ଏକ ଖବର କୌତୁହଳ ସୃଷ୍ଟି କରିଥିଲା ବେଳେ ରାଜ୍ୟ ପୋଲିସ ମହଲରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ସୂଚନା ଅନୁସାରେ ଗତ ମାର୍ଚ୍ଚ ୯ ତାରିଖ ଅର୍ଥାତ ୫ ମାସ ତଳେ ମୁକ୍ତିଲାଭ କରିଥିବା ତାମିଲ ଚଳଚ୍ଚିତ୍ର ‘ମୋଟ୍ଟା ଶିବା କେଟ୍ଟା ଶିବା’ର ଏକ ଦୃଶ୍ୟରେ ଏଭଳି ଗୋଟିଏ ଫଟୋ ରହିଥିଲା। ତେବେ ଏହାର ହିନ୍ଦୀ ଡବିଂ ‘ଏସିପି ଶିବା’ ମେ ମାସ ୫ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଉକ୍ତ ତାମିଲ ଓ ହିନ୍ଦୀ ଡବିଂ ସିନେମାର ଏକ ଦୃଶ୍ୟରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀଙ୍କୁ ସହିଦ ପୁଲିସଙ୍କ ସଂପର୍କରେ କହୁଛନ୍ତି। ସେ ଏହି ଡାଏଲଗ୍ କହିବା ସମୟରେ ତାଙ୍କ ପଛ ପାଖ କାନ୍ଥରେ କିଛି ସହିଦ ପୁଲିସ ଅଧିକାରୀଙ୍କ ଫଟୋ ଚିତ୍ର ଫ୍ରେମରେ ଲଗାଯାଇଛି। ଯେଉଁଥିରେ ରାଜ୍ୟ ପୁଲିସ ଡିଜିପି ଶ୍ରୀ ସିଂହଙ୍କର ମଧ୍ୟ ଏକ ଫଟୋ ରହିଛି। ଭୁଲବଶତଃ କେହି ଇଣ୍ଟରନେଟ୍‌ରେ ସହିଦ ପୁଲିସ କର୍ମଚାରୀଙ୍କ ଫଟୋ ଖୋଜୁଖୋଜୁ ଏହି ଫଟୋଟି ପାଇ ଯାଇଥିବ ଏବଂ ପରବର୍ତ୍ତୀ ସମୟରେ ଏହାକୁ ଡାଉନ୍‌ଲୋଡ୍ କରି ବ୍ୟବହାର କରିଦେଇଥିବେ ବୋଲି ଶ୍ରୀ ସିଂହ ଗଣମାଧ୍ୟମକୁ କହିଛନ୍ତି। ଡିଜିପି ଏ କଥା ମଧ୍ୟ କହିଛନ୍ତି ଯେ, ‘ସହିଦ ହେବା ଭଲ କଥା, ହେଲେ ମୁଁ ବଞ୍ଚିଛି’। ଏପରିକି ଫଟୋ ବ୍ୟବହାର ପୂର୍ବରୁ ଏହା ଠିକ୍ କି ନାହିଁ ଯାଞ୍ଚ କରିବା କଥା ବୋଲି ସେ କହିଛନ୍ତି। ଏହାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ମଧ୍ୟ ଜୋର୍ ଧରିଛି। ଫିଲ୍ମ ନିର୍ମାତା ଏନେଇ ଭୁଲ୍ ମାଗିବା ଉଚିତ୍ ବୋଲି ପୁଲିସ ମହାସଂଘ ଦାବି କରିଛି। କିନ୍ତୁ ଏହି ପ୍ରସଙ୍ଗକୁ ପୁଲିସ୍ ଡିଜି ହାଲୁକା ଭାବେ ଗ୍ରହଣ କରିଛନ୍ତି। ଯଦି ସମ୍ଭବ ହୁଏ ଏ ନେଇ ସେ ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ସହ କଥା ହେବେ ବୋଲି ଶ୍ରୀ ସିଂହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛି ଓଡ଼ିଶା ପୁଲିସ ଆସୋସିଏସନ୍। ହିନ୍ଦୀ ଭାଷାରେ ହୋଇଥିବାରୁ ଓଡ଼ିଶାରେ ଏହାକୁ ଅନେକ ଲୋକ ଦେଖିବାର ସମ୍ଭାବନା ରହିଛି। ସେଥିପାଇଁ ଚଳଚ୍ଚିତ୍ରର ପ୍ରଯୋଜକ ଓ ନିର୍ଦ୍ଦେଶକ କ୍ଷମା ମାଗନ୍ତୁ ବୋଲି ସଂଘର ସଭାପତି ସତ୍ୟଜିତ୍ ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ ୧୫୨ ମିନିଟ୍ ଅବଧି ଏହି ଚଳଚ୍ଚିତ୍ରଟି ଜଣେ ଦୁର୍ନିତୀଗ୍ରସ୍ତ ରାଜନେତା ଓ ସଚ୍ଚା ପୁଲିସ ଅଫିସରଙ୍କ ଉପରେ ଆଧାରିତ। ଏଥିରେ ‘ବାହୁବଳୀ’ ସିନେମାର କଟପା ଭୂମିକାରେ ଅଭିନୟ କରିଥିବା ସତ୍ୟରାଜ ଅଭିନୟ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ରାଣା ଓ ରାଘବ ଲରେନ୍ସ ଭଳି ଅଭିନେତା ଅଭିନୟ କରିଛନ୍ତି।

# ଗୋଟିଏ ଓଭରରେ ୬ଛକା ଲଗାଇ ପାରିବେ ହାର୍ଦ୍ଦିକ



**କଲମ୍ବୋ:** ଭାରତୀୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଯୁବରାଜ ସିଂହ ଗୋଟିଏ ଓଭରରେ ୬ଟି ଛକା ମାରି ଇତିହାସ ସୃଷ୍ଟି କରିଥିଲେ। ଏଭଳି ଦକ୍ଷତା ଭାରତୀୟ ଦଳର ନୂତନ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନକିଟରେ ଥିବା ବରିଷ୍ଠ ବ୍ୟାଟ୍ସମ୍ୟାନ୍ ଚେତେଶ୍ୱର ପୂଜାରା କହିଛନ୍ତି। ଗାଲେ ଟେଷ୍ଟ ସମୟରେ ପୂଜାରା ବ୍ୟାଟିଂ କରୁଥିବା ସମୟରେ ହାର୍ଦ୍ଦିକ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ। ସେ କ୍ରମାଗତ ୩ଟି ଛକା ଲଗାଇବା ସହ ୪୯ଟି ବଲ୍‌ରୁ ୫୦ ରନ୍ ସ୍କୋର୍ କରିଥିଲେ। ତାଙ୍କର ଏଭଳି ଆକ୍ରାମକ ପାଳିକୁ ପୂଜାରା ପ୍ରଶଂସା କରିଛନ୍ତି। ତାଙ୍କ ମତରେ ହାର୍ଦ୍ଦିକ ଯେଉଁଭଳି ବଲ୍‌କୁ ହିଟ୍ କରନ୍ତି, କୌଣସି ଗ୍ରାଉଣ୍ଡରେ ସେ ଛକା ମାରିବାକୁ ଦକ୍ଷ। ଏପରିକି ୧୦୦ ମିଟରରୁ ଊର୍ଦ୍ଧ୍ୱ ଦୂରତା ପର୍ଯ୍ୟନ୍ତ ବଲ୍‌କୁ ମାରିପାରିବେ ବୋଲି ପୂଜାରା ପ୍ରକାଶ କରିଛନ୍ତି। କିନ୍ତୁ ହାର୍ଦ୍ଦିକଙ୍କ ଭଳି ସେ ବଡ଼ ହିଟ୍ କରିବାକୁ ଅସମର୍ଥ ଥିବା ସ୍ୱୀକାର କରିଛନ୍ତି। ସେ ନିଜ କ୍ୟାରିଅର୍‌ରେ କଦାପି ବଡ଼ ହିଟ୍ ଖେଳିବାକୁ ପ୍ରୟାସ କରି ନଥିବା କହିଛନ୍ତି। ଅନ୍ୟପକ୍ଷରେ ହାର୍ଦ୍ଦିକ ନିଜ ଛୋଟିଆ କ୍ୟାରିଅରରେ ହ୍ୟାଟ୍ରିକ୍ ଛକା ମାରିଛନ୍ତି। କିନ୍ତୁ ଚତୁର୍ଥ ଛକା ମାରିବାରେ ସେ ଏ ଯାବତ୍ ସଫଳ ହୋଇନାହାନ୍ତି। ଏହାର ମୁଖ୍ୟ କାରଣ ସେ ଦଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସର୍ବଦା ବ୍ୟାଟିଂ କରିଛନ୍ତି। ଦଳକୁ ଏଭଳି ଆବଶ୍ୟକତା ପଡ଼ିନାହିଁ। କିନ୍ତୁ ଯଦି ଭବିଷ୍ୟତରେ ଦଳକୁ ତାଙ୍କଠାରୁ ସେଭଳି ଆବଶ୍ୟକତା ପଡ଼େ ତେବେ ସେ ନିଶ୍ଚିତ ପ୍ରୟାସ କରିବା ନେଇ କହିଛନ୍ତି। ଏହାବାଦ୍ ନିଜର ପଦାର୍ପଣ ଟେଷ୍ଟରେ ଅର୍ଦ୍ଧଶତକୀୟ ପାଳି ଯୋଗୁଁ ସେ ଗର୍ବିତ। ଗାଲେ ଟେଷ୍ଟରେ ବ୍ୟାଟିଂ କରୁଥିବା ସମୟରେ ତାଙ୍କୁ ଦିନିକିଆ ଫର୍ମାଟ ଭଳି ଅନୁଭବ ହୋଇଥିଲା। କାରଣ ତାଙ୍କ ବ୍ୟାଟିଂ ସମୟରେ ଦଳକୁ ଅଳ୍ପ ଓଭର୍‌ରେ ଅଧିକରୁ ଅଧିକ ରନ୍‌ର ଆବଶ୍ୟକତା ଥିଲା।

# ପର୍ଯ୍ୟଟକଙ୍କ ପାଇଁ ‘ଯାଯାବର’



## ଲୋକାର୍ପିତ କଲେ ବିଭାଗୀୟ ମନ୍ତ୍ରୀ

**ସାକ୍ଷୀଗୋପାଳ :** ପୁରୀ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଜାତୀୟ ରାଜପଥର ପଟ୍ଟନାୟିକିଆ ଛକରେ ଖୋଲିଛି ପର୍ଯ୍ୟଟନ ବିଭାଗର ପାନ୍ଥଶାଳା ‘ଯାଯାବର’। ଏଥିରେ ପର୍ଯ୍ୟଟକମାନେ ଟଏଲେଟ୍ ସୁବିଧା ସହିତ ଜଳଖିଆ ଓ ଖାଦ୍ୟପେୟ ପାଇପାରିବେ। ୩.୨୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଯାଯାବର ପରିସରରେ ରହିଛି ଦୁଇଟି ଅତ୍ୟାଧୁନିକ ରେଷ୍ଟୁରାଣ୍ଟ। ଏଠାରେ ଏକକାଳୀନ ୮୦ଜଣ ଯାତ୍ରୀ ବସି ଖାଇବା ବ୍ୟବସ୍ଥା କରାଯାଇଛି। ପୃଥକ ପୃଥକ ଟଏଲେଟ୍, ଗାଡି ପାର୍କିଂ, ଫୁଲବଗିଚା ଏବଂ ସୁରକ୍ଷା ବ୍ୟବସ୍ଥା ରହିଥିବା ଜଣାପଡିଛି। ନବକଳେବର ପୂର୍ବରୁ ନିର୍ମାଣ ହୋଇ ଏହି ଯାଯାବର ଉଦ୍‌ଘାଟିତ ହୋଇଥିଲା। ମାତ୍ର ସେ ସମୟରେ ନେଇଥିବା ସଂସ୍ଥା ଏହା ଚଳାଇ ନ ପାରିବାରୁ ପ୍ରାୟ ଦୁଇ ବର୍ଷ ହେବ ବନ୍ଦ ହୋଇ ପଡିରହିଥିଲା। ତେବେ ରାଜ୍ୟ ସରକାର ଏବେ ପିପିପି ମୋଡରେ ଟିମ୍ ଆଡମାର୍କ ଇନ୍‌ଫ୍ରାକନ ଯୌଥ ଉଦ୍ୟୋଗରେ ‘ଟିମ୍ ଯାଯାବର’ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହାକୁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଭୁବନେଶ୍ୱର ମେୟର ଅନନ୍ତ ଚରଣ ଜେନା, ସତ୍ୟବାଦୀ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ ଓ ପିପିପି ମୋଡରେ ନେଇଥିବା ଟିମ୍ ଆଡମାର୍କର ଅଧକ୍ଷ ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ଏହିପରି ୧୭ଟି ଯାଯାବର କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ସତ୍ୟବାଦୀର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ସଂପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ବକୁଳବନର ପୁନରୁଦ୍ଧାର ପାଇଁ ୫୦ ଲକ୍ଷ, ମନ୍ଦିର ଚଟାଣରେ ପଥର ପକେଇବା ପାଇଁ ୭୦ ଲକ୍ଷ, କଲ୍ୟାଣ ମଣ୍ଡପ ପାଇଁ ୫୬ଲକ୍ଷ, ପୂର୍ବରୁ ଲୋକାର୍ପିତ ହୋଇଥିବା ଯାତ୍ରୀ ନିବାସର ଫର୍ଣ୍ଣିଚର, ବାସନ କୁସନ ଓ ଅନ୍ୟାନ୍ୟ ସମାଗ୍ରୀ ନିମନ୍ତେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ପ୍ରହଲ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ସମାଜ ସେବୀ ଶଙ୍କର ପ୍ରଧାନ, ସ୍ଥାନୀୟ ସରପଞ୍ଚ ଅଜୟ ବେହେରା, ପ୍ରକାଶ ଖଟେଇ, ସମିତିସଭ୍ୟ ବିନତି ପରିଡା, ପ୍ରଶାନ୍ତ ମହାପାତ୍ର, ଆମ୍ବା ସଭାପତି ସୁନିଲ ପଣ୍ଡା, ଭୁବନ ମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଏଟିପି ର୍‍ୟାଙ୍କିଙ୍ଗ୍

# ଖସିଲା ଜୋକୋଭିକ୍‌ଙ୍କ ମାନ୍ୟତା

**ପ୍ୟାରିସ୍ :** ପୁରୁଷ ସିଙ୍ଗଲ୍ସ ବର୍ଗରେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ନୋଭାକ ଜୋକୋଭିକ୍‌ଙ୍କ ବର୍ତ୍ତମାନ ମାନ୍ୟତାରେ ଅବନତି ଘଟିଛି। ସେ ପୂର୍ବାପେକ୍ଷା ଗୋଟିଏ ସ୍ଥାନକୁ ତଳକୁ ଖସି ୫ମ ସ୍ଥାନରେ ରହିଛନ୍ତି। ଏହା ସୋମବାର ପ୍ରକାଶ ପାଇଥିବା ନୂତନ ଏଟିପି ର୍‍ୟାଙ୍କିଙ୍ଗ୍ ଦର୍ଶାଇଛି। ଆଗାମୀ ଦିନରେ ମଧ୍ୟ ତାଙ୍କ ର୍‍ୟାଙ୍କିଙ୍ଗ୍‌ରେ ଆହୁରି ଅବନତି ଘଟିବ। କାରଣ ସେ ନିଜର ଆହତ ସମସ୍ୟା ଯୋଗୁଁ ଚଳିତ ସିଜିନ୍‌ରୁ ଓହରିବାକୁ ଘୋଷଣା କରିସାରିଛନ୍ତି। ତାଙ୍କ ଭଳି ସଦ୍ୟପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ଷ୍ଟାନ୍ ୱାରିଙ୍କା ମଧ୍ୟ ଗୋଟିଏ ସ୍ଥାନ ହରାଇ ୪ର୍ଥ ସ୍ଥାନକୁ ଖସିଛନ୍ତି। ଅନ୍ୟପକ୍ଷରେ ଜର୍ମାନୀର ଆଲେକ୍‌ଜାଣ୍ଡର ଜାରେଭଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆସିଛି। ତାଙ୍କ ର୍‍ୟାଙ୍କିଙ୍ଗ୍ ୩ଟି ସୋପାନ ଉପରକୁ ଉଠି ୮ମ ସ୍ଥାନ ରହିଛି। ଏହା ତାଙ୍କ କ୍ୟାରିଅର୍‌ର ସର୍ବଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍। ଏହାବାଦ୍ ଟପ୍-୧୦ ତାଲିକାରେ କୌଣସି ପରିବର୍ତ୍ତନ ଘଟିନାହିଁ। ପୂର୍ବଭଳି ଆଣ୍ଡି ମରେ, ରାଫେଲ ନାଡାଲ ଓ ରୋଜର ଫେଡେରର ଯଥାକ୍ରମେ ପ୍ରଥମ ୩ଟି ସ୍ଥାନ ଅଧିକାର କରିଛନ୍ତି।

## ସହିଦ୍ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ୍ ‘କ୍ରିକେଟର୍ ଅଫ୍ ଦି ଇୟର୍’ ପୁରସ୍କାର

# ଶୁଭ୍ରାଂଶୁ କ୍ରିକେଟର୍ ଅଫ୍ ଦି ଇୟର୍





## କାଦମ୍ବିନୀ
### ଶ୍ରେଷ୍ଠ ମହିଳା କ୍ରିକେଟର

**ଭୁବନେଶ୍ୱର :** ଓଡ଼ିଶାର ସର୍ବପୁରାତନ ତଥା ସମ୍ମାନଜନକ ବାର୍ଷିକ କ୍ରୀଡ଼ା ପୁରସ୍କାର ସହିଦ ସ୍ପୋର୍ଟିଂ ମାରୁତି ଇଷ୍ଟେଟ୍ କ୍ରିକେଟର୍ ଅଫ୍ ଦି ଇୟର୍ ପୁରସ୍କାର ସିଲ୍‌ଭର୍ ଜୁବୁଲି ବର୍ଷରେ ପ୍ରବେଶ କରିଛି। ୨୦୧୬-୧୭ ରଣ୍‌ଜୀ ଟ୍ରଫିରେ ସଫଳ ପ୍ରଦର୍ଶନ ସକାଶେ ଯୁବ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତିଙ୍କୁ ୨୫ତମ କ୍ରିକେଟର୍ ଅଫ୍ ଦି ଇୟର୍ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି। ସେହିପରି ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ମହିଳା କ୍ରିକେଟର୍ ଅଫ୍ ଦି ଇୟର୍ ପୁରସ୍କାର କାଦମ୍ବିନୀ ମହାକୁଡ଼ଙ୍କୁ ପ୍ରଦାନ ପାଇଁ ବି ସ୍ଥିର କରାଯାଇଛି। ୧୯୯୨-୯୩ ସିଜିନ୍‌ରୁ କ୍ରିକେଟର୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ଅନ୍ୟତମ ସଫଳ କ୍ରୀଡ଼ା ଅନୁଷ୍ଠାନ ସହିଦ୍ ସ୍ପୋର୍ଟିଂ ଏହି ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଥିବା ବେଳେ ମାରୁତି ଇଷ୍ଟେଟ୍ ଏହାକୁ ପ୍ରାୟୋଜିତ କରୁଛି। ଗତ ରଣ୍‌ଜୀ ସିଜନ୍‌ରେ ଭଲ ପ୍ରଦର୍ଶନ ପାଇଁ ମନୋନୟନ କମିଟି ଶୁଭ୍ରାଂଶୁଙ୍କୁ ବାଛିଛନ୍ତି। ନିଜ ରଣ୍‌ଜୀ ଜୀବନ ଆରମ୍ଭ କରି ୨୦୧୬-୧୭ରେ ଶୁଭ୍ରାଂଶୁ ୯ ମ୍ୟାଚ୍ ଖେଳି ୧ ଶତକ ଓ ୩ ଅର୍ଦ୍ଧଶତକ ସହ ମୋଟ ୪୯୭ ରନ୍ କରିଥିଲେ। ତାଙ୍କ ଷ୍ଟ୍ରାଇକ୍ ରେଟ୍ ଥିଲା ୪୬.୩୧। ସର୍ବାଧିକ ସ୍କୋର୍ ୧୩୭ ରନ୍ ଥିଲା। ପୁରସ୍କାର ଆକାରରେ ତାଙ୍କୁ ବିଶେଷ ଟ୍ରଫି, ପ୍ରଶସ୍ତି ପତ୍ର ଏବଂ ବ୍ଲେଜର୍ ସହିତ ୩୧ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ମହିଳା କ୍ରିକେଟ୍‌ରେ ରାଜ୍ୟ ପକ୍ଷରୁ ଗତ ସିଜନ୍‌ରେ ଭଲ ଖେଳିଥିବା କାଦମ୍ବିନୀଙ୍କୁ ପୁରସ୍କାର ଆକାରରେ ଅନ୍ୟାନ୍ୟ ଉପହାର ସହିତ ୨୧ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ କହିଛନ୍ତି। ବରିଷ୍ଠ ସାମ୍ବାଦିକ ସୁଶାନ୍ତ ମହାନ୍ତି, ସନାତନ ପାଣି, ସମ୍ମିତ ମହାପାତ୍ର, ସୁରେଶ ସ୍ୱାଇଁ, ସଞ୍ଜୀବ ବିଶ୍ୱାଳ, ନିରଞ୍ଜନ ରେଡ୍ଡି, ଉମାକାନ୍ତ ମିଶ୍ର, ତପନ ସ୍ୱାଇଁ, ସମୀର ରାଉତ ଓ ମାରୁତି ଇଷ୍ଟେଟ୍ ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂହ ଏବଂ ସହିଦ୍ ସ୍ପୋର୍ଟିଂ କ୍ଲବ୍ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଚୟନ ସମିତି ଏହି ଖେଳାଳିମାନଙ୍କୁ ମନୋନୀତ କରିଥିଲେ। ୨୫ତମ ବର୍ଷରେ ପ୍ରବେଶ କରିଥିବା କ୍ରିକେଟର୍ ଅଫ୍ ଦି ଇୟର୍ ପୁରସ୍କାର ୧୯୯୨-୯୩ରେ ଆରମ୍ଭ ହୋଇଥିଲା। ପ୍ରଥମ ବର୍ଷ ରଞ୍ଜୀବ ବିଶ୍ୱାଳ ଏହାକୁ ପାଇଥିଲେ। ୨୦୧୫-୧୬ ସିଜିନ୍‌ରେ ଗୋବିନ୍ଦ ପୋଦ୍ଦାରଙ୍କୁ ଏହି ପୁରସ୍କାର ମିଳିଥିଲା।

# ବାରବାଟୀ ଆଶଙ୍କା ଟଳିଲା

## ଡିସେମ୍ବର ୨୦ରେ ଭାରତ-ଶ୍ରୀଲଙ୍କା ଟି-୨୦ ମ୍ୟାଚ୍



**କଟକ :** ପୁଣିଥରେ ଓଡ଼ିଶା କ୍ରିକେଟ୍‌ପ୍ରେମୀଙ୍କ ପାଇଁ ଖୁସି ଖବର। ନ୍ୟୁଜିଲ୍ୟାଣ୍ଡ୍ ବିପକ୍ଷ ମ୍ୟାଚ୍ ବାତିଲ ହେବା ପରେ ଏବେ ବାରବାଟୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆସନ୍ତା ଡିସେମ୍ବରରେ ଟି-୨୦ ମ୍ୟାଚ୍ ଖେଳାଯିବ ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପରିଚାଳନା କମିଟି ଚେୟାରମ୍ୟାନ୍ ଧୀରେନ୍ ପଲେଇ କହିଛନ୍ତି। ବାରବାଟୀ ଷ୍ଟାଡିୟମରେ ଭାରତ ଓ ନ୍ୟୁଜିଲ୍ୟାଣ୍ଡ୍ ମଧ୍ୟରେ ନଭେମ୍ବର ୪ରେ ଟି-୨୦ ମ୍ୟାଚ୍ ଆୟୋଜନ ନେଇ ବିସିସିଆଇ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। କିନ୍ତୁ ଏହି ସମୟରେ କଟକରେ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ତାକୁ ଦୃଷ୍ଟିରେ ରଖି ଓସିଏ ଉକ୍ତ ମ୍ୟାଚ୍ ଆୟୋଜକ କରିବାକୁ ଅସମର୍ଥ ବୋଲି ବିସିସିଆଇକୁ ଜଣାଇଥିଲା। ଏହା ପରିବର୍ତ୍ତେ ବାରବାଟୀରେ ଆସନ୍ତା ଡିସେମ୍ବରରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଟି-୨୦ ମ୍ୟାଚ୍ ଆୟୋଜନ କରିବା ପାଇଁ ଓସିଏ ବିସିସିଆଇକୁ ଅନୁରୋଧ କରିଥିଲା। ବିସିସିଆଇ ଏଥିରେ ରାଜି ହୋଇଥିବା ଶ୍ରୀ ପଲେଇ ସୂଚନା ଦେଇଛନ୍ତି। ଶ୍ରୀ ପଲେଇ କହିଛନ୍ତି, ବାଲିଯାତ୍ରା ସମୟରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବା ସମ୍ଭବପର ନୁହେଁ। ବାଲିଯାତ୍ରା ବାରବାଟୀ ଷ୍ଟାଡିୟମ ନିକଟସ୍ଥ ମହାନଦୀପଠାରେ ଅନୁଷ୍ଠିତ ହେବ, ଯେଉଁଥିରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ। ବାଲିଯାତ୍ରାରେ ୪୫ ପ୍ଲାଟୁନ୍ ପୁଲିସ୍ ସମେତ ଆକ୍ସନ୍ ଟିମ୍ ଓ ର୍‍ୟାପିଡ୍ ଆକ୍ସନ୍ ଫୋର୍ସ ମଧ୍ୟ ମୁତୟନ ରହିବେ। ଏଭଳି ସମୟରେ ମ୍ୟାଚ୍ ଆୟୋଜନ କରିବା ଅସମ୍ଭବ। ଏ ନେଇ ଆମେ ବିସିସିଆଇ ଅଧିକାରୀଙ୍କୁ ଅବଗତ କରାଇଥିଲୁ ଏବଂ ଭାରତ ଓ ଶ୍ରୀଲଙ୍କା ଟି-୨୦ ମ୍ୟାଚ୍ ଏଠାରେ ଆୟୋଜନ କରିବା ପାଇଁ ଅନୁରୋଧ କରିଥିଲୁ। ତେଣୁ ଏହି ଟି-୨୦ ମ୍ୟାଚ୍ ଆସନ୍ତା ଡିସେମ୍ବର ୨୦ ତାରିଖରେ ଆୟୋଜିତ ହେବାର ସମ୍ଭାବନା ରହିଛି ବୋଲି ଶ୍ରୀ ପଲେଇ କହିଛନ୍ତି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**